


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-235 ◆BHUBANESWAR ◆THURSDAY ◆20 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୩୫ ◆ଭୁବନେଶ୍ୱର ◆ଗୁରୁବାର ◆୨୦ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ରେଖା ଗୁପ୍ତା ହେବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ; ଆଜି ଶପଥ

■ **ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି):** ବିଜେପି ନେତ୍ରୀ ରେଖା ଗୁପ୍ତା ହେବେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ। ଆଜି ଏଠାରେ ଅନୁଷ୍ଠିତ ନବନିର୍ବାଚିତ ବିଜେପି ବିଧାୟକ ଦଳ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ରେଖା ଆସନ୍ତାକାଲି ଶପଥ ଗ୍ରହଣ କରିବେ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିର ଉଲ୍ଲେଖନୀୟ ସଫଳତା ପରେ ମୁଖ୍ୟମନ୍ତ୍ରୀ ପଦ ଲାଗି ଅନେକ ଦାବିଦାର ଥିଲେ। ଅନେକ ନେତାମାନଙ୍କର ନାମକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଥିଲା। ଶେଷରେ ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ହାଇକମାଣ୍ଡ ରେଖା ଗୁପ୍ତାଙ୍କ ନାମ ଉପରେ ମୋହର ଲଗାଇଛନ୍ତି। ୪୧ ବର୍ଷୀୟା



ରେଖା ହେବେ ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ। ତାଙ୍କ ପୂର୍ବରୁ ସୁଷମା ସ୍ୱରାଜ, ଶୀଲା ଦୀକ୍ଷିତ ଏବଂ ଆତିଶୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ପ୍ରଥମ ଥର ଲାଗି ବିଧାନସଭାକୁ ନିର୍ବାଚତ ହୋଇଥିବା ରେଖା ଆସନ୍ତାକାଲି ଏକ ବର୍ଣ୍ଣାଢ଼୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଐତିହାସିକ ରାମଲିଲା ମୈଦାନରେ ହୋବକୁ ଥିବା ଏହି ଶପଥପାଠ ଉତ୍ସବରେ ୫୦ ▶ପୃଷ୍ଠା-୭

### ମିଶନଶକ୍ତି ବିରୋଧରେ ଷଡ଼ଯନ୍ତ୍ରକୁ ନେଇ ବିଜେଡିର ଗର୍ଜନ

# ଡର! ଦିନସାରା ଗୃହ ମୁଲତବୀ



■ **ଭୁବନେଶ୍ୱର,୧୯।୨(ସମିସ):** ଓଡ଼ିଶାର କୋଟିକୋଟି ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିଥିବା ମିଶନଶକ୍ତିକୁ ତଳିତଳାନ୍ତ କରିବାକୁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଷଡ଼ଯନ୍ତ୍ର। ସରକାରକୁ ଆସୁଆସୁ ମିଶନଶକ୍ତି ଉପରେ ଅଦଉତି ସାଧିଛନ୍ତି। ରାଜନୀତି ପଶାପାଲିରେ ମହିଳାମାନଙ୍କୁ ଗୋଟି କରି ମିଶନଶକ୍ତିର ଗୈରିକୀକରଣ କରିବାକୁ ଯୋଜନା ଚଳାଇଛନ୍ତି। ଏହାର ପ୍ରତିବାଦରେ ହଜାର ହଜାର ମହିଳା ଗତ ୬ ଦିନ ହେଲା ରାଜଧାନୀର ରାଜରାସ୍ତାରେ ଧାରଣା ଦେଇଛନ୍ତି। ମାତ୍ର ସରକାର ସେମାନଙ୍କ ସହ ଆଲୋଚନା କରୁନାହାନ୍ତି। ମିଶନଶକ୍ତି କାର୍ଯ୍ୟନିର୍ବାହୀ ସଦସ୍ୟମାନଙ୍କୁ ପଙ୍ଗୁ କରିବା ପାଇଁ ସରକାର ଅଫିସରମାନଙ୍କୁ ଲଗାଇ ଦେଇଛନ୍ତି ବୋଲି ଅଭିଯୋଗ କରି ବିଧାନସଭାରେ ସରକାରଙ୍କ ବିରୋଧରେ ଗର୍ଜିଛି ବିଜେଡି। ଏହା ସହ ମିଶନଶକ୍ତି ମା'ମାନଙ୍କ ଦାବିକୁ ସମର୍ଥନ କରି ବିଜେଡି ସଦସ୍ୟମାନେ ବିଧାନସଭା ପରିସରସ୍ଥ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଛନ୍ତି। ଅନ୍ୟପକ୍ଷରେ ବିରୋଧୀ କଂଗ୍ରେସ ମଧ୍ୟ ଉପରୋକ୍ତ ପ୍ରସଙ୍ଗରେ ବିଜେଡିକୁ ସମର୍ଥନ ଜଣାଇବା ସହ ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ କରିଛି। ଫଳରେ ଗୃହକାର୍ଯ୍ୟ ଆରମ୍ଭ ହେବାର ମାତ୍ର ଗୋଟିଏ ମିନିଟ୍ ପରେ ବାଚସ୍ପତି ଗୃହକୁ ଗୁରବାର ଯାଏ ମୁଲତବୀ ଘୋଷଣା କରିଛନ୍ତି। ▶ପୃଷ୍ଠା-୭

**ପ୍ରଥମାର୍ଦ୍ଧରେ ଗୋଟିଏ ମିନିଟ୍ ଚାଲିଲା**

**ଇସି ପୁନର୍ଗଠନକୁ ବିଜେଡିର ବିରୋଧ, ଗାନ୍ଧୀ ମୂର୍ତ୍ତି ତଳେ ଧାରଣା**

**ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜେଡି ସହ ସ୍ୱର ମିଶାଇଲା କଂଗ୍ରେସ**

## ଅଠାକାଠିରେ ବିହନ ନିଗମ
# ୧୫୦ କୋଟିର ଦୁର୍ନୀତି ଗନ୍ଧ

- ◆ ବିହନ ଯୋଗାଣରୁ ବାଦ ପଡ଼ିଲେ ସବୁ ଓଡ଼ିଆ ସଂସ୍ଥା
- ◆ ସରକାରୀ ସଂସ୍ଥାଠାରୁ ବି କିଣିଲେନି ବିହନ
- ◆ ଭୋପାଳରୁ ବିହନ କିଣିବାକୁ ଭିତିରିଆ କାରସାଦି
- ◆ ଚଢ଼ା ଦରରେ ବିହନ କିଣିବା ପଛରେ କାହାର ଆଗ୍ରହ

■ **ଭୁବନେଶ୍ୱର,୧୯।୨(ସମିସ):** ଅଠାକାଠିରେ ପଡ଼ିଛି ରାଜ୍ୟ ବିହନ ନିଗମ । ଓଡ଼ିଶାର ବିହନ ଯୋଗାଣକାରୀ, ଏପରିକି ବିହନ ଯୋଗାଉଥିବା ରାଷ୍ଟ୍ରାୟତ୍ତ ସଂସ୍ଥା ପରିବର୍ତ୍ତେ ମଧ୍ୟପ୍ରଦେଶର ଭୋପାଳର ଏକ ନିର୍ଦ୍ଦିଷ୍ଟ ସଂସ୍ଥାରୁ ବିହନ ନିଗମର ବିଭିନ୍ନ ବିହନ କିଣାକୁ ନେଇ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ରାଜ୍ୟର ଯୋଗାଣକାରୀଙ୍କୁ ଉପେକ୍ଷା କରି କାହା ଆଗ୍ରହ ଯୋଗୁଁ ରାଜ୍ୟ ବିହନ ନିଗମ ଅନ୍ୟ ରାଜ୍ୟରୁ ଚଢ଼ା ଦରରେ ବିହନ କିଣିଲେ ଓ ଏହାପଛରେ 'ଓଡ଼ିଆ ଅସ୍ମିତା'ର କେଉଁ ଧ୍ୱଜାଧାରୀଙ୍କ ଭୂମିକା ରହିଛି ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏପରିକି ବିହନ ନିଗମ ଓ ଭୋପାଳର ସମ୍ପୃକ୍ତ ଯୋଗାଣକାରୀ ସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ସରକାର ବିପୁଳ କ୍ଷତି ସହିଥିବା ମଧ୍ୟ ଅଭିଯୋଗ ହୋଇଛି।

ଉଦ୍ୟାନ କୃଷି ମିଶନରେ ପନିପରିବା ଚାଷ ପାଇଁ ଚାଷୀମାନଙ୍କୁ ଉନ୍ନତମାନର ବିହନ ଯୋଗାଇ ଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏ ବାବଦରେ ରାଜକୋଷରୁ ପ୍ରତିବର୍ଷ ଶହଶହ କୋଟି ଟଙ୍କା ବ୍ୟୟ କରାଯାଉଛି। ଧନିଆ, ମେଥି, ଲଙ୍କା ଓ ପିଆଜ ବିହନ ଯୋଗାଇବା ସମୟରେ ସର୍ବୋତ୍କୃଷ୍ଟ ଓ ସର୍ବାଧିକ ଉତ୍ପାଦନକ୍ଷମ ବିହନ ▶ପୃଷ୍ଠା-୭

# ଚାକିରି ଜାଲିଆତି; ଏମ୍ସରେ ସିବିଆଇ

■ **ଭୁବନେଶ୍ୱର, ୧୯।୨ (ସମିସ):** ଭୁବନେଶ୍ୱର ଏମ୍ସର ପଶିଲା ସିବିଆଇ। ସ୍ଥାୟୀ ନିଯୁକ୍ତିରେ ଜାଲିଆତି ଅଭିଯୋଗ ପରେ ସିବିଆଇର ୯ ଜଣିଆ ଟିମ୍ ଆଜି ଏମ୍ସରେ ଚଢ଼ଉ କରିଛି। ୨୭ ଜଣଙ୍କୁ ଜେରା କରିବା ସହିତ ନିଯୁକ୍ତିରେ ହୋଇଥିବା ଜାଲିଆତି ସମ୍ପର୍କିତ କାଗଜପତ୍ର ଜବତ କରିଛି। ଏମ୍ସକୁ କର୍ମଚାରୀ ଯୋଗାଉଥିବା ଠିକା ସଂସ୍ଥା ବମ୍ବେ ଇଣ୍ଟେଲିଜେନ୍ସ ସିକ୍ୟୁରିଟି (ବିଆଇଏସ୍)ର ମ୍ୟାନେଜର ସ୍ମୃତି ସାଗର କର ହିଁ ଘୋଟାଲାର ମାଷ୍ଟର ମାଇଣ୍ଡ ବୋଲି ପ୍ରାଥମିକ ଅନୁସନ୍ଧାନରୁ ସିବିଆଇ ଜାଣିବାକୁ ପାଇଛି। ସ୍ମୃତିଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି ସିବିଆଇ।

ଅଭିଯୋଗ ଅନୁଯାୟୀ, ଠିକା ସଂସ୍ଥା ବିଆଇଏସ୍ ଭୁବନେଶ୍ୱର ଏମ୍ସକୁ କର୍ମଚାରୀ ଯୋଗାଉଥିବା ବେଳେ ସ୍ମୃତି ସାଗର କର ସଂସ୍ଥାର ମ୍ୟାନେଜର ଭାବେ କାମ କରୁଛନ୍ତି। ସ୍ମୃତିଙ୍କ ୪ ଜଣ ସମ୍ପର୍କୀୟ ମଧ୍ୟ ଏହି ସଂସ୍ଥା ଅଧୀନରେ ଏମ୍ସରେ ଚାକିରି କରୁଥିଲେ। ▶ପୃଷ୍ଠା-୭

**ଘୋଟାଲା ପଛରେ ମ୍ୟାନେଜର ପରିବାରର ୪ ଜଣଙ୍କୁ ନିଯୁକ୍ତି**




# ଖାଦ୍ୟ ସୁରକ୍ଷାରେ ମିଳିବନି ଗହମ

**ଡବଲ ଇଞ୍ଜିନ- ଡବଲ ଦୁଃଖ**

**ଗୋଦାମରେ ଗଦା ହୋଇଛି ଗହମ ବସ୍ତା**

**ବାଣ୍ଟି ପାରିଲାନି ରାଜ୍ୟ ଯୋଗାଣ ବିଭାଗ**

**କେନ୍ଦ୍ର ସରକାର ରଦ୍ଦ କଲେ ଆବଣ୍ଟନ**

■ **ଭୁବନେଶ୍ୱର,୧୯ ।୨(ସମିସ):** ଖାଦ୍ୟ ସୁରକ୍ଷା ଯୋଜନାରେ ୫ କିଲୋ ଖାଦ୍ୟଶସ୍ୟ ମଧ୍ୟରୁ ୪ କିଲୋ ଚାଉଳ ଓ ଏକ କିଲୋ ଗହମ ବଣ୍ଟନ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କଲେ। ଖାଉଟିଙ୍କୁ ୨/୩ ମାସ ପର୍ଯ୍ୟନ୍ତ କେବଳ ୪ କିଲୋ ଲେଖାଏଁ ଚାଉଳ ମିଳିଲା ସିନା, ଡ଼ିଲର ଗହମ ଦେଲେ ନାହିଁ। ଯୋଗାଣମନ୍ତ୍ରୀ ନଭେମ୍ବର, ଡ଼ିସେମ୍ବର, ଜାନୁଆରୀ କହି କହି ଫେବୃଆରୀ ହେଲା ସିନା ଗହମ ମିଳିଲା ନାହିଁ। ଗୋଦାମରେ ଗଦା ହୋଇଥିବା ୨୦ ହଜାର ଟନ୍ ଗହମ ଫିମ୍ପି ମାରିଗଲା। ଶେଷରେ ମାର୍ଚ୍ଚ ମାସରୁ ଆଉ ଖାଉଟିଙ୍କୁ ଗହମ ଦିଆଯାଇ ପାରିବ ନାହିଁ, କେବଳ ଚାଉଳ ବଣ୍ଟନ କରାଯିବ ବୋଲି ଏବେ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଡ଼ବଲ ଇଞ୍ଜିନ୍ ସରକାରଙ୍କ ଏହି ଡ଼ବଲ ଦୁଃଖ ଏବେ ଖାଉଟିଙ୍କୁ ଆଘାତ ଦେଇଛି। ଖୋଲା ବଜାରରେ ଅଟା କିଲୋ ୪୦ରୁ ୫୦ ଟଙ୍କା ବିକ୍ରି ହେଉଥିବାବେଳେ ହିତାଧିକାରୀଙ୍କ ପିଛା ମାସିକ ଏକ କିଲୋ ଗହମ ଯୋଗାଇବାରେ ବି ସରକାର ସମର୍ଥ ହୋଇ ନାହାନ୍ତି।

ଗହମ ଦର ବୃଦ୍ଧି ପରେ ଅଟା ଦର ଉପରମୁହାଁ। ଅଟା କିଲୋ ୪୦ ଟଙ୍କା ଉପରେ। ଓଡ଼ିଶାରେ ଅଧିକାଂଶ ଲୋକ ରାତି ସମୟରେ ରୁଟି ଖାଇବାରେ ଅଭ୍ୟସ୍ତ ହେଉଥିବାରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ପାଇଁ ଆଶା ବାନ୍ଧିଥିଲେ। କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ▶ପୃଷ୍ଠା-୭






## ଟ୍ରକ ପଛକୁ ପିଟିଲା ବାଇକ; ୨ ମୃତ

**ବିବାହ ଭୋଜିରୁ ଫେରୁଥିଲେ**

■ **କୋରାପୁଟ/ବୋରିଗୁମ୍ମା, ୧୯।୨ (ସମିସ):** ବିସିଂହପୁର ଥାନା ଅଧୀନ କେରାପୁଟ ଗାଁ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ବୋଦାଗୁଡ଼ା ଗ୍ରାମର ଲକ୍ଷ୍ମଣ ପରଜା ଓ କୁମ ପରଜା। ଏକ ବିବାହ ଭୋଜିରେ ଯୋଗଦେଇ ଦୁହେଁ ଗାଁର ଅନ୍ୟ ଜଣେ ଯୁବକ ପର୍ଶୁ ପରଜା ସହ ଗୋଟିଏ ବାଇକ୍‌ରେ ଫେରୁଥିବା ବେଳେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ନୀଳଗିରି କାଠ ବୋଝେଇ ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଲକ୍ଷ୍ମଣ ଏବଂ କୁମଙ୍କ ମୃତ୍ୟୁ ହୋଇଯାଇଥିଲା। ବୋରିଗୁମ୍ମା ପୁଲିସ୍ ଘଟଣାସ୍ଥଳରୁ ମୃତାହତଙ୍କୁ ଉଦ୍ଧାର କରି ବୋରିଗୁମ୍ମା ମେଡ଼ିକାଲରେ ଭର୍ତ୍ତି କରାଇଥିଲା। ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ବିସିଂପୁର ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।






# ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ଫଟୋ ସେୟାର୍ କଲେ ସାମନ୍ଥା

ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନାୟିକା ସାମନ୍ଥା ରୁଥ୍ ପ୍ରଭୁ ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଥାଆନ୍ତି। ଭାଲେଣ୍ଟାଇନ୍ସ ଡେ' ଅବସରରେ ସାମନ୍ଥା ଇନ୍‌ଷ୍ଟାଗ୍ରାମ୍‌ରେ କିଛି ଫଟୋ ସେୟାର୍ କରିଥିଲେ। ଯେଉଁଥିରେ ତାଙ୍କୁ ଅନ୍ୟ ଜଣକ ସହ ଦେଖାଯାଇଥିଲା। ତାଙ୍କର ଏହି ଫଟୋଗୁଡ଼ିକ ଲାଲ୍ ଥିଲା। କିନ୍ତୁ ଏହି ଫଟୋଗୁଡ଼ିକ ମଧ୍ୟରେ ଗୋଟିଏ ଫଟୋରେ ସାମନ୍ଥା ଲାଲ୍ ରଙ୍ଗର ଡ୍ରିଙ୍କ ଧରିଥିବାବେଳେ ତାଙ୍କ ସମ୍ମୁଖରେ ମିଷ୍ଟ୍ରିମ୍ୟାନ୍ ଜଣକ ମଧ୍ୟ ହାତରେ ଡ୍ରିଙ୍କ୍ ଧରି ନଜର ଆସିଥିଲେ। ସାମନ୍ଥା ତାଙ୍କର ଏହି ପୋଷ୍ଟରେ ହାର୍ଟ ଚିତ୍ର ସହ ଫୁଲ ଓ ରେଷ୍ଟୋରାଁର ଫଟୋ ମଧ୍ୟ ସେୟାର୍ କରିଛନ୍ତି। ତେବେ ଏହି ଫଟୋଦ୍ୱାରା ସେ ପ୍ରେମ ସମ୍ପର୍କରେ ଥିବା ତାଙ୍କ ପ୍ରଶଂସକମାନେ ଅନୁମାନ କରୁଛନ୍ତି। କିଛିଦିନ ପୂର୍ବରୁ ତାଙ୍କ ପୂର୍ବତନ ସ୍ୱାମୀ ନାଗା ଚୈତନ୍ୟ ମଧ୍ୟ ସାମନ୍ଥା ତାଙ୍କ ଜୀବନରେ ଆଗକୁ ବଢ଼ିଥିବା କଥା ସୂଚନା ଦେଇଥିଲେ। ଯଦିଓ ସାମନ୍ଥା ଏହି ପୋଷ୍ଟରେ ତାଙ୍କ ମିଷ୍ଟ୍ରି ମ୍ୟାନ୍‌ଙ୍କ ମୁହଁକୁ ଦେଖାଇ ନାହାନ୍ତି, କିନ୍ତୁ ସେ ପ୍ରେମରେ ପଡ଼ିଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। କିଛିଦିନ ପୂର୍ବରୁ ସେ 'ଦ ଫ୍ୟାମିଲି ମ୍ୟାନ୍-୨'ର ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କୁ ଡେଟ୍ କରୁଥିବା ଅନେକ ରିପୋର୍ଟରେ ପ୍ରକାଶ ପାଇଥିଲା। ତେବେ ଏହି ମିଷ୍ଟ୍ରିମ୍ୟାନ୍ ଜଣକ ରାଜ୍ ହୋଇପାରନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଛି।



# ବିଶ୍ୱ ସାମାଜିକ ନ୍ୟାୟ ଦିବସ



ଜାତିସଂଘ ସାଧାରଣ ପରିଷଦର ଅନୁମୋଦନ କ୍ରମେ ୨୦୦୯ ରୁ ପ୍ରତିବର୍ଷ ଫେବୃଆରୀ ୨୦ ତାରିଖକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରାଯାଉଛି। ୨୬ ନଭେମ୍ବର, ୨୦୦୭ ରେ ଏଥିପାଇଁ ଆଗତ ପ୍ରସ୍ତାବ ଜାତିସଂଘରେ ମଞ୍ଜୁରୀ ଲାଭ କରିଥିଲା। ବିଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରି, ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ମଣିଷ ମଣିଷ ଭିତରେ ଏପରି କି ଦେଶ ଦେଶ ମଧ୍ୟରେ ଶାନ୍ତି, ସହାବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇ ଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସାମାଜିକ ନ୍ୟାୟ ପ୍ରତ୍ୟେକ ମଣିଷର ଅଧିକାର। କୌଣସି ରାଷ୍ଟ୍ର ନିଜର ନାଗରିକତାରୁ ଏଥିରୁ ବଞ୍ଚିତ କରିବା ଅନୁଚିତ। ମୁଖ୍ୟତଃ ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ଏହି ଅଧିକାର ଉଲ୍ଲଙ୍ଘନ ହେଉଥିବାର ଦେଖାଯାଉଛି। ତେଣୁ ଏ ବାବଦରେ ଜନସଚେତନା ସୃଷ୍ଟି କରିବା ମଧ୍ୟ ଏହି ଦିବସ ପାଳନର ଲକ୍ଷ୍ୟ। ସାମାଜିକ ନ୍ୟାୟ ଏକ ବିଚାର, ଏକ ମୂଲ୍ୟବୋଧ। ସମସ୍ତ ମଣିଷଙ୍କୁ ସମାନ ଭାବେ ଦେଖିବା, ତଥା ସାମାଜିକ-ଧାର୍ମିକ-ସାଂସ୍କୃତିକ ଆଧାରରେ ଭେଦଭାବ ନ ରଖିବା ମୂଲ୍ୟବୋଧ ଉପରେ ଏହି ବିଚାର ଆଧାରିତ। ଇଉରୋପୀୟ ଦାର୍ଶନିକ ପରମ୍ପରାରେ ସକ୍ରେଟିସ୍, ପ୍ଲାଟୋ, ଆରିଷ୍ଟଟଲ୍ ଆଦି ସାମାଜିକ ନ୍ୟାୟ ବାବଦରେ ନିଜସ୍ୱ ମତ ରଖିଥିଲେ। ସାମାଜିକ ନ୍ୟାୟ ଦିବସ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି, ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ଦାରିଦ୍ର୍ୟ, ଲିଙ୍ଗଗତ, ଶାରୀରିକ ଭେଦଭାବ, ନିରକ୍ଷରତା, ଧାର୍ମିକ ଭେଦଭାବକୁ ଦୂର କରିବା ପାଇଁ ବିଭିନ୍ନ ସମ୍ପ୍ରଦାୟକୁ ଅନ୍ତର୍ଜାତୀୟ ସ୍ତରରେ ଏକତ୍ର କରିବା। ବହୁ ଭାଷା, ଧର୍ମବିଶ୍ୱାସ ଏବଂ ପରମ୍ପରାକୁ ନେଇ ସମୃଦ୍ଧ ଭାରତରେ ସାମାଜିକ ନ୍ୟାୟ ବ୍ୟବସ୍ଥା ନୂଆ କଥା ନୁହେଁ। ଏଥିଲାଗି ସମ୍ବିଧାନରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିବା ଲାଗି ସ୍ୱତନ୍ତ୍ର ଧାରା ମଧ୍ୟ ରହିଛି। ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଲଗାତର ଭାବେ ସରକାରଙ୍କ ପକ୍ଷରୁ ନାଗରିକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ ବହୁବିଧ ପଦକ୍ଷେପ ନିଆଯାଇଛି। ଏଥିଲାଗି ଦେଶରେ ଏକ ଆୟୋଗ ଗଠନ କରାଯାଇଛି। ଏହାକୁ ବାଦ୍ ଦେଲେ ଅନେକ ବହୁମୁଖୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ମହିଳା, ଶିଶୁଙ୍କ ଲାଗି ପୃଥକ୍ ଆୟୋଗ କାମ କରୁଛି। ବିଶ୍ୱ ସାମାଜିକ ନ୍ୟାୟ ଦିବସ ଅବସରରେ ବିଶ୍ୱବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ।





## ବିରଳ ରୋଗ

# ଭୁଲୁ ନାହାନ୍ତି କିଛି କଥା

କୁହାଯାଏ, ମଣିଷର ଶରୀର ରୋଗର ଗନ୍ତାଘର। ତେବେ ଏମିତି କିଛି ରୋଗ ଅଛି, ଯାହାକି କାଁଭାଁ ଲୋକଙ୍କ ଠାରେ ଦେଖା ଯାଇଥାଏ। ଏଇ ଯେମିତି ହାଇପର ଥାଇମିସିୟା। ଏହା ଏମିତି ଏକ ରୋଗ, ଯେଉଁଥିରେ ଜଣେ ବ୍ୟକ୍ତି ଜୀବନର ପ୍ରତିଟି ଘଟଣା, ଦୁର୍ଘଟଣା ମନେ ରଖିଥାନ୍ତି। ଅଷ୍ଟ୍ରେଲିଆର ରେବେକା ଶାରାକ ନାମକ ଜଣେ ମହିଳା ଏଭଳି ଏକ ବିରଳ ରୋଗରେ ପୀଡ଼ିତ। ତେଣୁ ସେ ନିଜର ଅତୀତକୁ ଚାହିଁଲେ ବି ଭୁଲିପାରୁ ନାହାଁନ୍ତି। ତାଙ୍କ ମସ୍ତିଷ୍କ ଏତେ ଆଡଭାନ୍ସ ହୋଇଯାଇଛି ଯେ, ସେ ଜନ୍ମ ପରର କଥାକୁ ମନେ ରଖିଛନ୍ତି ତାହା ନୁହେଁ, ବରଂ ଜନ୍ମପୂର୍ବରର କଥା ମଧ୍ୟ ତାଙ୍କର ମନେ ଥିବା ସେ ଦାବି କରନ୍ତି। ଏନେଇ ମହିଳାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ତେବେ ରେବେକା ୨୧ ବର୍ଷ ଯାଏଁ ଏହି ରୋଗ ବିଷୟରେ ଜାଣି ନଥିଲେ। ତେବେ ଏହି ରୋଗକୁ ଡାକ୍ତରୀ ଭାଷାରେ ସ୍ନାୟୁଗତ ବିକୃତି ତଥା ନ୍ୟୁରୋଲୋଜିକାଲ ଡିଜ୍‌ଅର୍ଡର ବୋଲି କୁହାଯାଇଥାଏ। ତେବେ ସେ କୌଣସି ଜିନିଷ ଭୁଲୁ ନ ଥିବାରୁ ତାଙ୍କୁ ବ୍ୟତିବ୍ୟସ୍ତ ଲାଗୁଛି। ସେ କିଛି କଥାକୁ ଭୁଲିବାକୁ ଚାହୁଁଛନ୍ତି। ଏଯାଏଁ ବିଶ୍ୱର ୬୦ ଜଣ ଲୋକ ଏହି ରୋଗରେ ପୀଡ଼ିତ। ତେବେ ଏଥିରେ ପୀଡ଼ିତ ରୋଗୀଙ୍କୁ ନିଦ କମ୍ ଆସିବା ସହ ସବୁବେଳେ ବ୍ୟତିବ୍ୟସ୍ତ ରୁହନ୍ତି। ସେମାନେ ଶରୀରକୁ ଆରାମ ଦେବା ପାଇଁ ଏକ ବିଶେଷ ପ୍ରକାର ଥେରାପିର ସାହାଯ୍ୟ ନେଇଥାନ୍ତି।

# ମହାକୁମ୍ଭରେ 'ଫଟୋ ସ୍ନାନ'

ଉତ୍ତର ପ୍ରଦେଶ ପ୍ରୟାଗରାଜରେ ଚାଲିଥିବା ପ୍ରସିଦ୍ଧ କୁମ୍ଭମେଳା ଆଉ କିଛି ଦିନ ପରେ ଶେଷ ହେବ। ତ୍ରିବେଣୀ ସଙ୍ଗମରେ ପବିତ୍ର ବୁଡ଼ ପକାଇବା ଲାଗି ବିଶ୍ୱର ବିଭିନ୍ନ ସ୍ଥାନରୁ ସନାତନ ଧର୍ମ ଉପରେ ଆସ୍ଥା ରଖୁଥିବା କୋଟି କୋଟି ଶ୍ରଦ୍ଧାଳୁଙ୍କ ଯାଆସ ଲାଗି ରହିଛି। ଚଳିତ ବର୍ଷ ୧୪୪ ବର୍ଷ ପରେ ଏପରି ଏକ ବିରଳ ସଂଯୋଗ ପଡୁଥିବାରୁ ଏହି ଧାର୍ମିକ ମେଳାକୁ ଏଥର ମହାକୁମ୍ଭ କୁହାଯାଉଛି। ସେହି ଦୃଷ୍ଟିରୁ କୁମ୍ଭମେଳାର ଗୁରୁତ୍ୱ ବଢ଼ିଯାଇଛି। ତେବେ ଏବେ ସୁଦ୍ଧା କୋଟି କୋଟି ଲୋକ ପବିତ୍ର ସ୍ନାନ କରିଥିବାବେଳେ ଏବେ ବି ବହୁତ ଲୋକ ଏହାର ସୁଯୋଗ ଉଠାଇ ପାରି ନାହାନ୍ତି। ତେଣୁ ସ୍ନାନରୁ ବଞ୍ଚିତ ଥିବା ଲୋକଙ୍କ ପାଇଁ ଏକ ବିଶେଷ ବିଜ୍ଞାପନ ବାହାରିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସ୍ନାନରୁ ବଞ୍ଚିତ ଲୋକ 'ଫଟୋ ସ୍ନାନ' କରିପାରିବେ। ଏ ଲାଗି କେବଳ ୫୦୦ ଟଙ୍କା ଖର୍ଚ୍ଚ କରିବାକୁ ହେବ। ଏହି ବିଜ୍ଞାପନରେ କୁହାଯାଇଛି ଯେ, '୧୪୪ ବର୍ଷରେ ଥରେ ଆସୁଥିବା ଦିବ୍ୟ ମହାକୁମ୍ଭ ସ୍ନାନର ଏହା ହେଉଛି ଶେଷ ସୁଯୋଗ। ଏହାକୁ ହାତଛଡ଼ା କରନ୍ତୁ ନାହିଁ। ଆପଣ ଆମକୁ ନିଜ ଫଟୋ ହ୍ୱାଟ୍ସଆପ୍ ମାଧ୍ୟମରେ ପଠାନ୍ତୁ। ଆମେ ଆପଣଙ୍କ ଫଟୋର କପି ବାହାର କରି ତାହାକୁ ପବିତ୍ର ଜଳରେ ସ୍ନାନ କରାଇବୁ।' କେବଳ ସେତିକି ନୁହେଁ, ଫଟୋର ପବିତ୍ର ସ୍ନାନ କରାଇବାର ଅନେକ ଲାଭ ଥିବା ଉକ୍ତ ବିଜ୍ଞାପନରେ ଦର୍ଶାଯାଇଛି। ଏଥିରେ କୁହାଯାଇଛି, ଫଟୋକୁ ପବିତ୍ର ସ୍ନାନ କରାଇବା ଦ୍ୱାରା ଆତ୍ମା ଶୁଦ୍ଧି ହେବ ଏବଂ ଦିବ୍ୟ ଆଶୀର୍ବାଦ ମିଳିବ। ମହାକୁମ୍ଭରେ ସ୍ନାନ କରିବା ଦ୍ୱାରା ପୂର୍ବପୁରୁଷଙ୍କ ଆଶୀର୍ବାଦ ପ୍ରାପ୍ତ ହେବ। ଏହି ମୁହୂର୍ତ୍ତ ଜୀବନରେ ଦ୍ୱିତୀୟ ଥର ପାଇଁ ଆସିବ ନାହିଁ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ଏହି କାମ କେବଳ ୫୦୦ ଟଙ୍କାରେ ପୂରା ହେବ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି। ଏପରିକି ଏହି ବିଜ୍ଞାପନରେ 'ଫଟୋ ସ୍ନାନ' ପାଇଁ ଏକ ମୋବାଇଲ ନମ୍ବର ମଧ୍ୟ ପ୍ରଦାନ କରାଯାଇଛି। ଯେଉଁଥିରେ ଯୋଗାଯୋଗ କରି ଲୋକେ ନିଜର ଫଟୋ ସ୍ନାନ କରାଇପାରିବେ। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଲୋକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଥିବା ବେଳେ ଅନେକ ଏହାକୁ ବ୍ୟବସାୟ ବୋଲି କହିଛନ୍ତି।


MAHAKUMBH 2025

A once in 144 years opportunity!

This is your last chance for the divine Mahakumbh snan.
Don't miss it.
Send us your photo, whatsapp
We'll take a photocopy of your photo
& we'll take a dip in the holy waters with your photo.

Benefits of this:
Cleanse your soul, you will receive divine blessings & your ancestors will bless you for taking a dip in the Mahakumbh.

This moment won't come again in your lifetime.

Rs. 500/- only.



## ଆଜିର ଇତିହାସ

- ୧୭୦୭- ମୋଗଲ ଶାସକ ଔରଙ୍ଗଜେବଙ୍କ ଅହମ୍ମଦନଗରରେ ଦେହାନ୍ତ।
- ୧୮୩୫- କଲିକତା ମେଡିକାଲ କଲେଜ ପ୍ରତିଷ୍ଠା ହେଲା।
- ୧୮୪୬- ଇଂରେଜମାନେ ଲାହୋର ଉପରେ କବ୍‌ଜା କଲେ।
- ୧୯୪୭- ଲର୍ଡ ମାଉଣ୍ଟବେଟେନ୍ ଭାରତର ଶେଷ ଭାଇସ୍‌ରାୟ ହେଲେ।
- ୧୯୮୭- ମିଜୋରାମ ଭାରତର ୨୩ତମ ରାଜ୍ୟ ହେଲା।
- ୨୦୦୩- ଇରାନ୍‌ରେ ବିମାନ ଦୁର୍ଘଟଣାରେ ୩୦୨ ଜଣଙ୍କ ପ୍ରାଣହାନି।

# କୁମ୍ଭୀର ଭଳି ଦିଶିବାକୁ...

ସାଧାରଣତଃ ନିଜକୁ ସୁନ୍ଦର ଦିଶିବାକୁ ସମସ୍ତେ ଚାହାଁନ୍ତି। ହେଲେ ଜଣ ଜଣଙ୍କ ଅଦ୍ଭୁତ ମାନସିକତା ରହିଛି। ସେମାନେ ନିଜ ରୂପ ବଦଳାଇ କଦାକାର ଚେହେରାରେ ରହିବାରେ ଆନନ୍ଦ ପାଇଥାନ୍ତି। ସେମିତି ଜଣେ ବ୍ୟକ୍ତି ହେଲେ ଜର୍ମାନୀର ଡସେଲଡୋର୍ଫରେ ରହୁଥିବା ଇକେଡଜୁଲିୟୁଜ୍। ସେ କୁମ୍ଭୀର ଭଳି ଦିଶିବାକୁ ଚାହୁଁଥିଲେ। ସେଥିପାଇଁ ସେ ତାଙ୍କ ମୁଣ୍ଡରେ ସିଲିକନ୍ ଲଗାଇଛନ୍ତି। ସିଲିକନ୍ ଲଗାଇବା ପ୍ରକ୍ରିୟା ସେ ଗଲା ଜାନୁଆରୀ ୧୭ ତାରିଖରେ କରିଛନ୍ତି। ଏହାକୁ କରିବା ପରଠୁ ତାଙ୍କ ମୁହଁ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି। ସେ କେଉଁଠି ନା କେଉଁଠି କୁମ୍ଭୀର ଭଳି ଦିଶୁଥିବା ଅନୁଭବ କରନ୍ତି। ତେବେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କଷ୍ଟଦାୟକ ଥିବା ସେ କହିଛନ୍ତି। ମୁଣ୍ଡର ଦୁଇ ପାର୍ଶ୍ୱରେ କୁମ୍ଭୀର ଶରୀର ଭଳି କଣ୍ଟା ମଧ୍ୟ ସେ ଲଗାଇଛନ୍ତି। ଏହା ପ୍ରଥମ ଥର ନୁହେଁ ଯେ, ସେ ତାଙ୍କ ଶରୀରରେ ଏଭଳି ରୂପାନ୍ତରଣ କରିଛନ୍ତି। ପୂର୍ବରୁ ସେ ତାଙ୍କ ଶରୀରରେ ମେଟାଲ ଲଗାଇଛନ୍ତି। ମୁହଁ, ଆଖି, ଓଠରେ ବି ଅଜବ ପ୍ରକାର ଟାଟୁ କରିଥିବାରୁ ଏସବୁ ଯୋଗୁଁ ସେ ଝିଟିପିଟି ନଚେତ୍ କୁମ୍ଭୀର ଭଳି ଦିଶୁଛନ୍ତି। ଏହାବାଦ୍ ସେ ତାଙ୍କ ଜିଭକୁ ମଧ୍ୟ ସର୍ଜରୀ ମାଧ୍ୟମରେ ଦୁଇ ଫାଳ କରିଛନ୍ତି। ଏହି କାରଣ ଯୋଗୁଁ ସେ ଆହୁରି ବିକୃତ ଲାଗୁଛନ୍ତି। ଅନ୍ୟପଟେ ଶରୀରର ଏଭଳି ପରିବର୍ତ୍ତନ ଲାଗି ତାଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡୁଛି। ମୁଖ୍ୟତଃ ଲୋକମାନେ ତାଙ୍କଠାରୁ ଦୂରତ୍ୱ ରକ୍ଷା କରୁଛନ୍ତି। ଏଥିଯୋଗୁଁ ତାଙ୍କୁ କୌଣସି ଫରକ ପଡୁ ନ ଥିବା ସେ କହିଛନ୍ତି।





# ହାତରେ ନୁହେଁ, ଭାବନାରେ ଲେଖିହେବ ମେସେଜ୍

ମେଟା ଦୀର୍ଘ ସମୟ ଧରି ବ୍ରେନ୍-କମ୍ପ୍ୟୁଟର ଇଣ୍ଟରଫେସ୍ (ବିସିଆଇ) ଉପରେ କାମ କରି ଆସୁଛି। ଏହି କ୍ରମରେ ମେଟା ଏଆଇ ବ୍ରେନ୍-ଟାଇପିଂ ଟେକ୍ନୋଲୋଜିକୁ ପରିଚିତ କରାଇଛି। ଏହାଦ୍ୱାରା ଜଣେ ଯାହା ମନରେ ଚିନ୍ତା କରିବ, ସେଗୁଡ଼ିକ ଟାଇପ୍ ହୋଇଯିବ। ଏହା ସ୍ନାୟୁ ସଙ୍କେତକୁ ପଢ଼ି ତାହାକୁ ଟେକ୍ସଟ୍‌ରେ ରୂପାନ୍ତରିତ କରିବାର କ୍ଷମତା ରଖିଛି। ଏହି ସିଷ୍ଟମରେ ଇଇଜି ଏବଂ ଏଆଇ ମଡେଲକୁ ବ୍ୟବହାର କରାଯାଇଛି। ତେବେ ଏହା ୮୦ ପ୍ରତିଶତ ସଠିକତାର ସହ ମସ୍ତିଷ୍କର ସଙ୍କେତକୁ ପଢ଼ି ଟେକ୍ସଟ୍‌ରେ ରୂପାନ୍ତରିତ କରିପାରେ। ଏହି ଟେକ୍ନୋଲୋଜି ଏକ ସ୍ୱତନ୍ତ୍ର ପ୍ରକାରର ବ୍ରେନ୍ ସ୍କାନର ଉପରେ ନିର୍ଭର କରେ। ଯାହାକୁ 'ମ୍ୟାଗନେଟୋ ଏନସୋଫେଲୋଗ୍ରାଫି ମେସିନ୍' (ଏମଇଜି) ବୋଲି କୁହାଯାଏ। ଏହା ବ୍ରେନ୍ ଆକ୍ଟିଭିଟି ବା ମସ୍ତିଷ୍କ କାର୍ଯ୍ୟକଳାପ ଦ୍ୱାରା ତିଆରି ଛୋଟ ଚୁମ୍ବକୀୟ ସଙ୍କେତକୁ ଚିହ୍ନଟ କରେ। ତେବେ ଏହି ସ୍କାନର୍‌ଟି ଅପେକ୍ଷାକୃତ ବଡ଼ ଏବଂ ସମ୍ବେଦନଶୀଳ ହୋଇଥିବାରୁ ଏହାକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା କୋଠରିରେ ରଖାଯାଇଛି। ସେହିପରି ମେଟା ଗବେଷକମାନେ ବ୍ରେନ୍ ସିଗ୍ନାଲ ବା ମସ୍ତିଷ୍କ ସଙ୍କେତକୁ ବିଶ୍ଳେଷଣ କରିବା ଲାଗି Brain2Qwerty ନାମକ ଏକ ଏଆଇ ମଡେଲକୁ ପ୍ରଶିକ୍ଷିତ କରିଛନ୍ତି। ଏବେ ଉପଲବ୍ଧ ଇଇଜି ଡିଭାଇସ୍‌ଗୁଡ଼ିକ ବଡ଼ ଓ ମହଙ୍ଗା। ତେଣୁ ଏହାକୁ ଛୋଟ, ସଠିକ ଏବଂ ସୁଲଭ କରିବା ପାଇଁ ସମୟ ଲାଗିପାରେ। ଏହାବାଦ୍ ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ରେନ୍ ପ୍ୟାଟର୍ଣ୍ଣ ମଧ୍ୟ ଅଲଗା। ସେହିପରି ମସ୍ତିଷ୍କରୁ ତଥ୍ୟ ବିଶ୍ଳେଷଣ କରିବା ଅତ୍ୟନ୍ତ ସମ୍ବେଦନଶୀଳ। ଯଦିଓ ମେଟାର ଏହା ଏକ ରୋଚକୀୟ ଟେକ୍ନୋଲୋଜି, ତଥାପି ଏହା ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ହୋଇପାରିବ ନାହିଁ। ଏଥିରେ ଅନେକ ବୈଷୟିକ ଏବଂ ନୈତିକ ଆହ୍ୱାନ ଅଛି। ଯାହାର ସମାଧାନ ଲାଗି ବର୍ଷ ବର୍ଷ ସମୟ ଲାଗିପାରେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ପିତାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିଯାତ୍ରା କରିବେ। ଧାରକରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

ଏଏସ୍‌ଓଙ୍କୁ ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା

# ପତ୍ନୀଙ୍କ ସହ ପୁଲିସର ଦ୍ୱାରସ୍ଥ ହେଲେ ବୈକୁଣ୍ଠ

ପୁରୀ, ୧୯।୨(ସମିସ): ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ମାଡ଼ ମାରିବା ଘଟଣା ପୁଣି ନୂଆ ମୋଡ଼ ନେଇଛି। ବୈକୁଣ୍ଠ, ତାଙ୍କ ପତ୍ନୀ ସାୟୋଜ ଓ ଅଲ୍ ଓଡ଼ିଶା ଭେଟେରାନ୍ ସୈନିକ ସଂଘ ଆଜି ସମୁଦ୍ରକୂଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସାୟୋଜ ପୁଲିସକୁ ନ୍ୟାୟ ମାଗିଛନ୍ତି। ଏତଲା ହେବାର ୭ ମାସ ପରେ ବି କାହିଁକି ପୁଲିସ୍ ମାମଲା ରୁଜୁ କରିନାହିଁ ବୋଲି ପ୍ରଶ୍ନ କରିଛନ୍ତି। କିନ୍ତୁ ଥାନାରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ସେମାନେ ଏସ୍‌ପି ବିନିତ୍ ଅଗ୍ରୱାଲଙ୍କୁ ଭେଟି ଏ ବାବଦରେ ଅଭିଯୋଗ କରିଥିଲେ। କିନ୍ତୁ ସେଠାରୁ ବି ସେମାନଙ୍କୁ ନିରାଶ ହୋଇ ଫେରିବାକୁ

■ ୭ ମାସ ପରେ ବି ସମୁଦ୍ରକୂଳ ଥାନାରେ ରେଜିଷ୍ଟ୍ରେସନ୍ ହୋଇନି ମାମଲା
■ ରଥଯାତ୍ରା ପୂର୍ବରୁ ନ୍ୟାୟ ନମିଳିଲେ ଆନ୍ଦୋଳନ: ଭେଟେରାନ୍ ସୈନିକ ସଂଘ

ପଡ଼ିଛି। ଆଜିର ଘଟଣାକୁ ନେଇ ଅଲ୍ ଓଡ଼ିଶା ଭେଟେରାନ ସୈନିକ ସଂଘ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଚାପର ବଶବର୍ତ୍ତୀ ହୋଇ ପୁଲିସ୍ ସହଯୋଗ କରୁନାହିଁ ବୋଲି ସଂଘ ଅଭିଯୋଗ କରିଛି। ତେବେ ଆସନ୍ତା ରଥଯାତ୍ରା ପୂର୍ବରୁ ବୈକୁଣ୍ଠଙ୍କୁ ନ୍ୟାୟ ନ ମିଳିଲେ, ଅବିଭକ୍ତ ପୁରୀ ଜିଲ୍ଲାର ପୂର୍ବ ସୈନିକମାନେ ରାସ୍ତାରୋକ ଆନ୍ଦୋଳନ କରିବେ ବୋଲି ସଂଘ ଚେତାଇ ଦେଇଛି।

ବୈକୁଣ୍ଠଙ୍କ ପତ୍ନୀ ସାୟୋଜ କହିଛନ୍ତି, ଗତ ରଥଯାତ୍ରା ସମୟରେ ମୋ ସ୍ୱାମୀଙ୍କୁ ପୁରୀ ରାଜଭବନରେ ମାଡ଼ ମରାଗଲା। ଜୁଲାଇ ୧୧ ତାରିଖରେ ରାତିରେ ଏନେଇ ବୈକୁଣ୍ଠ ସମୁଦ୍ରକୂଳ ଥାନାରେ ଏତଲା ଦେଲେ। ପୁଲିସ୍ ଏତଲା ଗ୍ରହଣ କରିଥିଲେ ହେଁ ଏହାକୁ ରେଜିଷ୍ଟ୍ରେସନ୍ କରିନଥିଲା। ଏହାର ୨/୩ ଦିନ ପରେ ପୁଣିଥରେ ବୈକୁଣ୍ଠ ଅନ୍‌ଲାଇନ୍‌ରେ ଏଫ୍‌ଆଇଆର ଦେଇଥିଲେ। ଅନ୍‌ଲାଇନ ଅଭିଯୋଗର ତଦନ୍ତ ଚାଲିଛି ବୋଲି ପୁଲିସ୍ କହୁଛି। ହେଲେ ଏହି ତଦନ୍ତର ବର୍ତ୍ତମାନ ସ୍ଥିତି କ'ଣ ତାହା ଜାଣିବା ପାଇଁ ଚାହିଁବାରୁ ପୁଲିସ୍ ସହଯୋଗ କରୁନାହିଁ। ଏତଲା ଦେବା ପରେ ଥାନାର ଜଣେ ଅଧିକାରୀ କହିଥିଲେ ଆମେ ଏସ୍‌ପିଙ୍କ ସହ କଥା ହେବୁ। ଏହାପରେ ଆପଣଙ୍କ ପାଖକୁ ଫୋନ୍ ଯିବ। କିନ୍ତୁ ଏଯାଏ କେହି କିଛି ଯୋଗାଯୋଗ କରିନାହାନ୍ତି। ଦୁଇଦିନ ତଳେ ରାଜ୍ୟପାଳଙ୍କୁ



ଭେଟିବାକୁ ଯାଇଥିଲୁ। କିନ୍ତୁ ରାଜ୍ୟପାଳଙ୍କ ସହିତ ସାକ୍ଷାତ ହୋଇନଥିଲା। ରାଜଭବନର ଜଣେ ଅଧିକାରୀ କହିଥିଲେ, ଆପଣ ସମୁଦ୍ର କୂଳ ଥାନାକୁ ଯାଆନ୍ତୁ। ଆପଣଙ୍କ ଅଭିଯୋଗ ଉପରେ କ'ଣ ତଦନ୍ତ ହୋଇଛି ତାହାର ରିପୋର୍ଟ ଆଣନ୍ତୁ। ସେହି ଅନୁଯାୟୀ ଆସିଥିଲୁ। ହେଲେ ଏଠାରେ ପୁଲିସ କିଛି ଶୁଣୁନାହାନ୍ତି। ସରକାର ପୁଲିସକୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି କହିଛନ୍ତି ସାୟୋଜ। ଏହାପରେ ସାୟୋଜ ଏସ୍‌ପିଙ୍କୁ ଭେଟିବାକୁ ଯାଇଥିଲେ।

ଅଲ୍ ଓଡ଼ିଶା ଭେଟେରାନ ସୈନିକ ସଂଘର ସାଧାରଣ ସମ୍ପାଦକ ଉମେଶ କୁମାର ଚଇନି କହିଛନ୍ତି, ବୈକୁଣ୍ଠଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ। ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଛନ୍ତି, ଏହି ଘଟଣାରେ ଲିଖିତ ଅଭିଯୋଗ ହୋଇନାହିଁ। ଗୋଟିଏ ଅନଲାଇନ୍ ଅଭିଯୋଗ ସିସିଟିଏନ୍‌ସି ପୋର୍ଟାଲ ମାଧ୍ୟମରେ ହିଁ ହୋଇଛି। ଏଏସ୍‌ଓ ବୈକୁଣ୍ଠ ପ୍ରଧାନ ପୋର୍ଟାଲରେ ଅଭିଯୋଗ କରିଛନ୍ତି, ତାକୁ ଆଧାର କରି ତଦନ୍ତ ଚାଲିଛି। କିନ୍ତୁ ଥାନାରେ କହୁଛନ୍ତି କିଏ ତଦନ୍ତ ଅଧିକାରୀ ଆମେ ଜାଣିନୁ। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଏଠାରେ ଏକପ୍ରକାର ଲୁଚକାଳି ଖେଳ ଚାଲିଛି। ଜୁଲାଇ ୧୧ ତାରିଖରେ ନିଜେ ବୈକୁଣ୍ଠ ଏବଂ ତାଙ୍କର ଜଣେ ସହଯୋଗୀ ସମୁଦ୍ରକୂଳ ଥାନା ଆଇଆଇସିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି କହିଥିଲେ, ମୁଁ ଏହି ଅଭିଯୋଗକୁ ଏସ୍‌ପିଙ୍କ ପାଖକୁ ନେଇ ଯାଉଛି। ଏହାର ତଦନ୍ତ ହେବ ବୋଲି କହିଥିଲେ। କିନ୍ତୁ ୭ ମାସ ପରେ ବି ଏନେଇ ତଦନ୍ତ ନ ହେବା ଦୁର୍ଭାଗ୍ୟଜନକ। ସରକାରୀ ତନ୍ତ୍ର ଏବେ ରାଜନୈତିକ ଜେଲ୍ ଭିତରେ ବନ୍ଧାପଡ଼ିଛି। ପୁଲିସ ବିଭାଗର ହାତ ମୁକୁଳାଯାଉ। ନଚେତ୍ ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡ଼ିଯିବ। ଲୋକେ ନ୍ୟାୟ ପାଇପାରିବେ ନାହିଁ। ଗତ ୧୫ ତାରିଖରେ ତାଙ୍କ ପତ୍ନୀ ରାଜ୍ୟପାଳଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ଭେଟ ମିଳିନଥିଲା। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତାଙ୍କର ଅଫିସର କହିଲେ ଆପଣ ସମୁଦ୍ରକୂଳ ଥାନାକୁ ଯାଆନ୍ତୁ। ସେଠୁ ତଦନ୍ତ ରିପୋର୍ଟ ନେଇ କରି ଆସନ୍ତୁ। ହେଲେ ଏଠି ପୁଲିସ ଅସହାୟ। ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଅଲ୍ ଓଡ଼ିଶା ଭେଟେରାନ ସୈନିକ ସଂଘ ବୈକୁଣ୍ଠଙ୍କ ପଛରେ ଛିଡ଼ା ହେବ ବୋଲି କହିଛନ୍ତି ଶ୍ରୀ ଚଇନି।

ସେହିପରି ଅନ୍ୟଜଣେ ଭେଟେରାନ ସୈନିକ କହିଛନ୍ତି, ଗତ ରଥଯାତ୍ରାରେ ବୈକୁଣ୍ଠଙ୍କୁ ମାଡ଼ ମରାଯାଇଥିଲା। ଆଗକୁ ରଥଯାତ୍ରା। ଏହା ପୂର୍ବରୁ ବୈକୁଣ୍ଠଙ୍କୁ ନ୍ୟାୟ ନ ମିଳିଲେ, ଅବିଭକ୍ତ ପୁରୀ ଜିଲ୍ଲାର ସମସ୍ତ ପୂର୍ବ ସୈନିକ ପୁରୀରେ ରାସ୍ତାରୋକ ଆନ୍ଦୋଳନ କରିବେ। ରଥଯାତ୍ରା ପାଇଁ ପ୍ରଶାସନର ସବୁ ପ୍ରସ୍ତୁତିକୁ ଅବରୋଧ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ବୈକୁଣ୍ଠ ପ୍ରଧାନ ଯେଉଁ ଅଭିଯୋଗ ଦେଇଛନ୍ତି, ତାହାର ତଦନ୍ତ କରାଯିବ। ତଦନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ୩ ଦିନ ବିଜୁଳି, ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର,୧୯।୨(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି। ଦିନରେ ପୂର୍ବବତ୍ ଖରାର ପ୍ରଭାବ ଜାରି ରହିଥିବା ବେଳେ ଅପରାହ୍ଣ ପରେ ଅନେକ ସ୍ଥାନରେ ବର୍ଷା ହୋଇଛି। ବିଶେଷକରି ଗତ ୨୪ ଘଣ୍ଟାରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି। ଏହି ସ୍ଥିତି ଆହୁରି ୩ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ, ବିଜୁଳି ଘଡ଼ଘଡ଼ି ବର୍ଷା ସହ ଅନେକ ସ୍ଥାନରେ ପବନର ବେଗ ୪୦-୫୦ କିମି ରହିବା ଓ କୁଆପଥର ମାଡ଼ ନେଇ ମଧ୍ୟ ପାଗ ଅନୁକୂଳ ରହିଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି।

ମଙ୍ଗଳବାରଠାରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିଛି। ମଙ୍ଗଳବାର ଅପରାହ୍ଣ ଭଳି ବୁଧବାର ମଧ୍ୟ ସମାନ ସ୍ଥିତି ଜାରି ରହିଛି। ଗତ ୨୪ ଘଣ୍ଟାରେ ଉତ୍ତର ଉପକୂଳ ଓ ସଂଲଗ୍ନ ଜିଲ୍ଲାମାନଙ୍କରେ କିଛି କିଛି ଜାଗାରେ ବର୍ଷା ରେକର୍ଡ ହୋଇଛି। ଗୁରୁବାର ଏହାର ପ୍ରଭାବରେ

■ ୪୦-୫୦ କିମି ବେଗରେ ବହିବ ପବନ
■ କୁଆପଥର ମାଡ଼ ନେଇ ପାଗ ଅନୁକୂଳ

ସାମାନ୍ୟ ବୃଦ୍ଧି ସମ୍ଭାବନା ରହିଛି। ମୁଖ୍ୟତଃ ସୁନ୍ଦରଗଡ଼, ଦେବଗଡ଼, କେଉଁଝର, ଅନୁଗୋଳ, ମୟୂରଭଞ୍ଜ, ଢେଙ୍କାନାଳ ଜିଲ୍ଲାରେ ପ୍ରଭାବ ଅଧିକ ସମ୍ଭାବନା ରହିଛି। ଏହାସହ କଟକ, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର ଜିଲ୍ଲାର ଗୋଟିଏ ଦୁଇଟି ଜାଗାରେ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବର୍ତ୍ତମାନ ପଶ୍ଚିମା ଝଡ଼ ସହ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକାରୁ ତେଲଙ୍ଗାନା ଯାଏଁ ଏକ ଟ୍ରଫ୍-ଲାଇନ୍ ରହିଛି। ଏହା ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି, ବିଜୁଳି ଓ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ଏହାର ପ୍ରଭାବ ଦେଖିବାକୁ ମିଳିବ। ବର୍ଷା ସହ ପବନ ବହିବାର ମଧ୍ୟ ସମ୍ଭାବନା ରହିଛି। କୁଆପଥର ବର୍ଷାକୁ ନେଇ ବି ସତର୍କତା ଜାରି କରାଯାଇଛି।

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ, ଗୁରୁବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଯାଜପୁର ଓ ଢେଙ୍କାନାଳ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ମଧ୍ୟ ୪୦-୫୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି କେନ୍ଦ୍ର କହିଛି। ସେହିପରି କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତିରେ ମଧ୍ୟ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଯଥାକ୍ରମେ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଛି।

ଅନ୍ୟପକ୍ଷରେ, ବର୍ଷା ଯୋଗୁଁ ଆଗାମୀ ୪-୫ ଦିନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ସୂଚନାଯୋଗ୍ୟ, ଗତ ୨୪ଘଣ୍ଟାରେ ବାଲେଶ୍ୱରର ଗୋବିନ୍ଦପୁରରେ ୩୧ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱର ସହରରେ ୧୭.୬ମିମି ବର୍ଷା ହୋଇଛି। ସେହିପରି ମୟୂରଭଞ୍ଜର ଜି.ବି ନଗରରେ ୧୮ ମିମି ବର୍ଷା ହୋଇଥିବା ବେଳେ ବାଲିମୁଣ୍ଡାଳୀରେ ୧୬.୨ ଓ ଶୁଳିପଦାରେ ୧୧.୫ ମିମି ବର୍ଷା ହୋଇଛି।

## ଆଇଏଏସ୍ ବିଷ୍ଣୁପଦଙ୍କୁ ୧୬ଘଣ୍ଟାର ମାରାଥନ୍ ଜେରା

ଭୁବନେଶ୍ୱର, ୧୯।୨(ସମିସ): ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ଆଜି ୧୬ଘଣ୍ଟା ମାରାଥନ୍ ଜେରା କରାଯାଇଛି। ବୁଧବାର ସକାଳ ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସିବିଆଇ ଅଧିକାରୀମାନେ ତାଙ୍କୁ ଜେରା କରିଥିଲେ। ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲାଞ୍ଚ କାରବାର ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ଅଧିକାରୀମାନେ ତାଙ୍କୁ ଗୁଡ଼େଇତୁଡ଼େଇ ପ୍ରଶ୍ନ କରିଥିଲେ। ଏହାସହ ବିଷ୍ଣୁପଦଙ୍କ କାର୍ଯ୍ୟାଳୟରୁ ମଧ୍ୟ ସିବିଆଇ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବା ସହ ଅନ୍ୟ ଠିକଣାରେ ଚଢ଼ଉ କରିଛି। ବିଷ୍ଣୁପଦଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଦେଖି ଆଉ କିଛି ବଡ଼ବାବୁଙ୍କ ଭିତରେ ଛନକା ପଶିଛି। ବିଶେଷକରି ଯେଉଁ ବାବୁମାନଙ୍କୁ ପୂର୍ବରୁ ଚଞ୍ଚଳ ଭେଟିଥିଲେ, ସେମାନଙ୍କ ପାଳି ପଡିବା ଆଶଙ୍କା ସୃଷ୍ଟି ହୋଇଛି। ବିଷ୍ଣୁପଦଙ୍କୁ ସିବିଆଇ ଗିରଫ କରିନଥିଲେ ବି ଏତେ ଘଣ୍ଟା ଜେରା ବେଳେ ସେ କଣ କହିଲେ, କାହା କାହା ନାଁ ନେଇଛନ୍ତି କି ନାହିଁ, ତାହା ବେଶ ଗୁରୁତ୍ୱପୂର୍ଣ୍ଣ।

## ବଦଳାଗଲାଣି ୩ଲକ୍ଷରୁ ଅଧିକ ସଚଳ ବିଦ୍ୟୁତ୍ ମିଟର

ଭୁବନେଶ୍ୱର,୧୯।୨(ସମିସ): ଚଳିତ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଗ୍ରାହକମାନଙ୍କର ୩ଲକ୍ଷରୁ ଅଧିକ ସଚଳ ବିଦ୍ୟୁତ୍ ମିଟରକୁ ବଦଳାଯାଇଛି। ଏହା ସ୍ଥାନରେ ଡିଜିଟାଲ ମିଟର ସ୍ଥାପନ କରାଯାଇଛି। ବିଧାସଭାରେ ଏନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି।

ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶକ୍ତିମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୨୦୨୪-୨୦୨୫ ବର୍ଷରେ ୩,୪୬,୩୭୦ଟି ସଚଳ ବିଦ୍ୟୁତ୍ ମିଟର ବଦଳରେ ଡିଜିଟାଲ ମିଟର ସ୍ଥାପନ କରାଯାଇଛି। ଏହି ତାଲିକାରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୫୬,୪୧୮ଟି ସଚଳ ମିଟର ବଦଳାଯାଇଥିବା ବେଳେ ବରଗଡ଼ ଜିଲ୍ଲାରେ ୪୪,୬୪୯ କଳାହାଣ୍ଡି ଜିଲ୍ଲାରେ ୩୪,୬୨୦, ସୁନ୍ଦରଗଡ଼ରେ ୩୩,୮୯୮, ବଲାଙ୍ଗିରରେ ୨୩,୭୧୫ଟି ମିଟର ବଦଳା ଯାଇଛି। ଝାରସୁଗୁଡା ଜିଲ୍ଲାରେ ୧୮,୬୬୩ଟି ସଚଳ ମିଟର ବଦଳରେ ଡିଜିଟାଲ ମିଟର ଲାଗିଥିବା ବେଳେ ସବୁଠାରୁ କମ୍ ୬୫୪ଟି ମିଟର ଜଗତ୍‌ସିଂହପୁର ଜିଲ୍ଲାରେ ବଦଳାଯାଇଛି। ଶକ୍ତିମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିର୍ଦ୍ଧାରିତ ଦର ନିର୍ଦ୍ଦେଶ ଅନୁଯାୟୀ ଗ୍ରାହକଙ୍କୁ ମିଟର ଭଡା ପୈଠ କରିବାକୁ ପଡିଥାଏ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧,୨୪,୭୭୭ଟି ପ୍ରି-ପେଡ୍ ମିଟର ସ୍ଥାପନ କରାଯାଇ ସାରିଲାଣି ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

କିଟ୍ କ୍ୟାମ୍ପସ୍‌ରେ ତଦନ୍ତ ଆରମ୍ଭ

## ଉଚ୍ଚଶିକ୍ଷା ବିଭାଗ ଖୋଲିଲା ସହାୟତା ଡେସ୍କ

ଭୁବନେଶ୍ୱର,୧୯।୨(ସମିସ): କିଟ୍ ମାମଲାର ତଦନ୍ତ ପାଇଁ ରାଜ୍ୟ ସରକାର ଗଠନ କରିଥିବା ଉଚ୍ଚସ୍ତରୀୟ କମିଟି ଆଜି କ୍ୟାମ୍ପସ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନେପାଳୀ ଛାତ୍ରଛାତ୍ରୀଙ୍କ ସହାୟତା ପାଇଁ ରାଜ୍ୟ ସରକାର ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ମଧ୍ୟ ଖୋଲିଛନ୍ତି।



ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଫେରାଇ ଆଣିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କାଉନସିଲର ନିଯୁକ୍ତ କରାଯାଇଛି। ଅପରପକ୍ଷେ ନେପାଳ ସରକାରଙ୍କର ଦୁଇ ଜଣ ବରିଷ୍ଠ ଅଧିକାରୀ ଆଜି ଭୁବନେଶ୍ୱରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଛନ୍ତି।

ଅନ୍ୟପକ୍ଷରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ କମିଟି କିଟ୍ କ୍ୟାମ୍ପସ୍‌ରେ ପହଞ୍ଚି ହଷ୍ଟେଲରେ ଥିବା ନେପାଳୀ ଛାତ୍ରଛାତ୍ରୀ ତଥା କିଟ୍ କର୍ତ୍ତୃପକ୍ଷଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ କ୍ୟାମ୍ପସ୍‌ରେ ଘଟଣା ସହ ସମ୍ପୃକ୍ତ ବିଭିନ୍ନ ସ୍ଥାନକୁ ସେମାନେ

### ନେପାଳ ମନ୍ତ୍ରୀ-ରାଜ୍ୟ ସରକାର ଆଲୋଚନା

ଯାଇ ସୂଚନା ସଂଗ୍ରହ କରିଥିଲେ। ଛାତ୍ରୀ ଆତ୍ମହତ୍ୟା ପରେ କ୍ୟାମ୍ପସ୍‌ରେ ଦେଖା ଦେଇଥିବା ଅପ୍ରୀତିକର ପରିସ୍ଥିତି, ସାଇନ୍ ଡାଏ ଘୋଷଣା ହେବା ଏବଂ ଛାତ୍ରଛାତ୍ରୀମାନେ ହଷ୍ଟେଲ ଛାଡିବା ପଛର କାରଣ ଉପରେ କମିଟି ସଦସ୍ୟମାନେ ତଦନ୍ତ କରିଥିଲେ। ଏବେ ନେପାଳୀ ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବା ଏବଂ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ମନରେ ବିଶ୍ୱାସ ଜାଗ୍ରତ କରିବା ଲାଗି କର୍ତ୍ତୃପକ୍ଷ ପଦକ୍ଷେପ ନେଉଥିବା କୁହାଯାଇଛି। ଅପରପକ୍ଷେ ନେପାଳ ସରକାରଙ୍କର ଦୁଇ ପ୍ରତିନିଧି ସଞ୍ଜୀବ ଦାସଶର୍ମା ଓ ନବୀନ ରାଜ ଅଧିକାରୀଙ୍କ ସହ ରାଜ୍ୟ ସରକାର ଆଲୋଚନା କରି ପୂରା ବିବରଣୀ ପ୍ରଦାନ କରିଛନ୍ତି। ଏଥିସହ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ନେପାଳ ବୈଦେଶିକ ମନ୍ତ୍ରୀଙ୍କ ସହ ଭିଡିଓ କଲ୍ ମାଧ୍ୟମରେ ଆଲୋଚନା କରି ଘଟଣାର ନିରପେକ୍ଷ ତଦନ୍ତ ଏବଂ ନେପାଳୀ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଆଜି ଏକ ଭିଡିଓ ବାର୍ତ୍ତା ଜରିଆରେ ୧୬ ତାରିଖ ଏବଂ ତା ପରେ ଘଟିଥିବା ଘଟଣା ପାଇଁ କ୍ଷମା ପ୍ରାର୍ଥନା କରିବା ସହ ପୂର୍ବ ବିଶ୍ୱାସର ସହ କ୍ୟାମ୍ପସ୍ ଫେରି ଆସିବା ପାଇଁ ନେପାଳୀ ଛାତ୍ରଛାତ୍ରୀମାନଙ୍କୁ ଅପିଲ କରିଛନ୍ତି। ପାରଦର୍ଶୀତାର ତଦନ୍ତ ପ୍ରକ୍ରିୟା ଜାରି ରଖିବା ଏବଂ କ୍ୟାମ୍ପସ୍‌ରେ ଶୈକ୍ଷିକ ବାତାବରଣ ଫେରାଇ ଆଣିବାରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## କିଟ୍ ପକ୍ଷରୁ ପ୍ରକୃତିଙ୍କ ନାମରେ ମେଧାବୃତ୍ତି

ଭୁବନେଶ୍ୱର,୧୯।୨(ସମିସ): କିଟ୍ ଛାତ୍ରୀ ପ୍ରକୃତିଙ୍କ ମୃତଦେହ ହସ୍ତାନ୍ତର ପ୍ରକ୍ରିୟା କାର୍ଯ୍ୟ ଶେଷ ହେବା ପରେ ତାଙ୍କ ବାପା ଓ ମାମୁଁଙ୍କୁ ସାକ୍ଷାତ କରିଛନ୍ତି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ। ପ୍ରକୃତିଙ୍କ ଅକାଳ ମୃତ୍ୟୁରେ ଶ୍ରୀ ସାମନ୍ତ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ଏହି ଅବସରରେ ପ୍ରକୃତିଙ୍କ ସ୍ମୃତିରେ 'କିଟ୍' ପ୍ରତିବର୍ଷ ଏକ ମେଧାବୃତ୍ତି ପ୍ରଦାନ କରିବ ବୋଲି ଶ୍ରୀ ସାମନ୍ତ ଘୋଷଣା କରିଛନ୍ତି। ସେହିପରି ଏହି ଘଟଣାରେ ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସରୁ ଆସିଥିବା ଦୁଇ ଅଧିକାରୀ କିଟ୍‌ରେ ପଢୁଥିବା ନେପାଳୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ପୁନର୍ବାର ଏଭଳି ପରିସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ଅନ୍ୟ ପକ୍ଷରେ ନିଜ ଘରକୁ ଚାଲିଯାଇଥିବା ଅନେକ ଛାତ୍ରଛାତ୍ରୀ କ୍ୟାମ୍ପସକୁ ଫେରିଥିବା ବେଳେ କିଟ୍ କୁ ଫେରି ନଥିବା ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବା ପାଇଁ କିଟ୍ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଆଜି ପ୍ରତିଷ୍ଠାତା ଶ୍ରୀ ସାମନ୍ତ ନେପାଳ ପ୍ରୋଭିନ୍ସ-୨ର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଲାଲ୍‌ବାବୁ ରାଉତଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ପିଲାଙ୍କୁ କିଟ୍‌କୁ ଫେରାଇ ଆଣିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଥିଲେ। ସେହିପରି ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଅର୍ଜୁ ରାଣା ଦେଉବା, ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ ଯାଦବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ଶ୍ରୀ ସାମନ୍ତ ଆଲୋଚନା କରି ପିଲାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ଗାଁ ଦାଣ୍ଡରେ ଅାଣ୍ଟେଇଲା ଜନନୀ ଏକ୍ସପ୍ରେସ

## ପ୍ରସବ ବେଦନାରେ ଛଟପଟ ଗର୍ଭବତୀ

କୋରାପୁଟ,୧୯।୨(ସମିସ): ପ୍ରସବ ଜନିତ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ପ୍ରସୂତିଙ୍କୁ ନେବାକୁ ଆସି ଗାଁ ଦାଣ୍ଡରେ ଆଣ୍ଟେଇଛି ଜନନୀ ଏକ୍ସପ୍ରେସ। ପ୍ରସବ ପାଇଁ କେତେ ଶୀଘ୍ର ଡାକ୍ତରଖାନାରେ ପହଞ୍ଚିବେ, ସେ ଚିନ୍ତାରେ ଗର୍ଭବତୀ ମହିଳାଜଣକ ଚିତ୍କାର କରୁଥିବା ବେଳେ ଜନନୀ ଏକ୍ସପ୍ରେସ ଖରାପ ହେବାରୁ ସେ ଆହୁରି ଭାଙ୍ଗିପଡ଼ିଥିଲେ। ପରିବାରଲୋକେ ଓ ଜନନୀ ଏକ୍ସପ୍ରେସ କର୍ମଚାରୀ ଯୋଗାଯୋଗ କରି ତୁରନ୍ତ ଅନ୍ୟ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରି ଗର୍ଭବତୀଙ୍କୁ ମେଡିକାଲ ପଠାଇଥିଲେ। ଏଭଳି ଘଟଣା ଘଟିଛି କୋରାପୁଟ ବ୍ଲକ କେନ୍ଦାର ପଞ୍ଚାୟତ ଫୁଲପଦର ଗ୍ରାମରେ।

ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଆଶାଦିଦି ଜନନୀ ଏକ୍ସପ୍ରେସ ୧୦୮ କୁ ଯୋଗାଯୋଗ କରିଥିଲେ। କିଛି ସମୟ ପରେ ଗାଁକୁ ଆମ୍ବୁଲାନ୍ସ ଆସିଥିଲା। କିନ୍ତୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗାଁ ଦାଣ୍ଡରେ ଅଟକିଯାଇଥିଲା ଆମ୍ବୁଲାନ୍ସ। ଗାଡ଼ି ଷ୍ଟାର୍ଟ ହୋଇ ନଥିଲା। ଏପଟେ ଯନ୍ତ୍ରଣାରେ ଛଟପଟ ହେଉଥିଲେ ଗର୍ଭବତୀ ମହିଳା। ତୁରନ୍ତ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ



କରାଯାଇଥିଲା। ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସ ପହଞ୍ଚିବା ପରେ ବିଳମ୍ବରେ ଗର୍ଭବତୀଜଣଙ୍କ ମେଡିକାଲରେ ପହଞ୍ଚିଥିଲେ। ବହୁ ଦିନର ପୁରୁଣା ଗାଡ଼ି ଓ ସଠିକ୍ ରକ୍ଷଣାବେକ୍ଷଣା ଅଭାବରୁ ବାରମ୍ବାର ଏଭଳି ଘଟଣା ଘଟୁଥିବା ନଜରକୁ ଆସୁଛି। ତୁରନ୍ତ ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

ଆରଟିଓ କାର୍ଯ୍ୟାଳୟ

## ବିନା ଲାଞ୍ଚରେ କାମ ହେଉନି

କଟକ, ୧୯।୨ (ସମିସ): ରାଜ୍ୟରେ ଥିବା ଆର୍‌ଟିଓ କାର୍ଯ୍ୟାଳୟଗୁଡ଼ିକରେ ବିନା ଲାଞ୍ଚରେ କାମ ହେଉନି। ଯିଏ ଲାଞ୍ଚ ଦେଉଛି, ଆଗ ତା' କାମ ହେଉଛି। ଯିଏ ଦେଉନି, ତାକୁ ବାରମ୍ବାର ଦୌଡ଼ାଯାଉଛି। ଆଉ ଯଦି କିଏ ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କଲା, ତେବେ କଥା ସରିଲା। ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦୂରେ ଥାଉ; ମାସ ପରେ ମାସ ବିତିଗଲେ ବି ଅଭିଯୋଗକାରୀଙ୍କ କାମ ପାଦେ ଆଗଉନାହିଁ। ଢୋଲ ଭିତରେ ମୂଷା ଭଳି ଅସ୍ଥାୟୀ କର୍ମଚାରୀ ହିଁ ଏସବୁ ଦୁର୍ନୀତିମୂଳକ କାର୍ଯ୍ୟର ମୁଖ୍ୟ କାର୍ପଟଦାର ସାଜିଥିବା କୁହାଯାଉଛି। କିଛି ଅସାଧୁ ସ୍ଥାୟୀ ଅଫିସ୍ କର୍ମଚାରୀଙ୍କ ସହ ମିଶି ସେମାନେ ଖୁଲମ୍‌ଖୁଲା ଲୋକଙ୍କଠାରୁ ଲାଞ୍ଚ ନେଉଥିବା ଅଭିଯୋଗ ହେଉଛି।

ବହୁ କ୍ଷେତ୍ରରେ ବିନା ପରୀକ୍ଷାରେ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ସମେତ ଅନ୍ୟାନ୍ୟ ଲାଇସେନ୍ସ ବେନିୟମ ଭାବେ ପ୍ରଦାନ କରାଯାଉଛି। ଆହୁରି ସାଂଘାତିକ କଥା ହେଲା, 'ବାହାନ' ଓ 'ସାରଥୀ' ଭଳି ପରିବହନ ବିଭାଗର ଦୁଇ ଗୁରୁତ୍ୱପୂର୍ଣ୍ଣ ୱେବ୍‌ସାଇଟ୍‌ର ୟୁଜର୍ ଆଇଡି ଓ ପାସ୍‌ୱାର୍ଡ କେତେକ ଅସ୍ଥାୟୀ କର୍ମଚାରୀଙ୍କୁ ପ୍ରଦାନ କରାଯାଇଛି। ସଂପୃକ୍ତ ଅସ୍ଥାୟୀ କର୍ମଚାରୀମାନେ କମ୍ପ୍ୟୁଟର୍ ବିଭାଗରେ ବସି ଏସବୁ ବେଆଇନ କାର୍ଯ୍ୟ ଚଳାଇଛନ୍ତି। ତେବେ ଏହାକୁ ନେଇ ବିଭାଗୀୟ କର୍ମଚାରୀମହଲରେ ଅସନ୍ତୋଷ କୁହୁଳୁଲାଣି। କିନ୍ତୁ ଲାଞ୍ଚଖୋର୍‌ମାନଙ୍କ ପ୍ରତି କାର୍ଯ୍ୟାଳୟର କିଛି ବରିଷ୍ଠ ଅଧିକାରୀଙ୍କ ଆଶୀର୍ବାଦ ରହିଥିବାରୁ ସେମାନେ ଭୟରେ ଏ ସମ୍ପର୍କରେ ମୁହଁ ଖୋଲୁନାହାନ୍ତି।

ସୂଚନାନୁଯାୟୀ, ରାଜ୍ୟରେ ୩୫ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ ଅଫିସ) ରହିଛି। ଏହି କାର୍ଯ୍ୟାଳୟଗୁଡ଼ିକରେ ସର୍ଭିସ୍ ପ୍ରୋଭାଇଡର୍ ଦ୍ୱାରା ଅସ୍ଥାୟୀ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

■ ଦୁର୍ନୀତିର ବାହକ ସାଜିଛନ୍ତି ଅସ୍ଥାୟୀ କର୍ମଚାରୀ
■ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ବାହନ, ସାରଥୀ ପାସ୍‌ୱାର୍ଡ

ଏନ୍‌ଆଇସି ଏବଂ ଦୈନିକ ମଜୁରି ଭିତ୍ତିରେ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେହିଭଳି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଗୁଡ଼ିକରେ ଆର୍‌ଟିଓଙ୍କ ସୁପାରିସ୍‌କ୍ରମେ ଅନେକ ଅସ୍ଥାୟୀ କର୍ମଚାରୀଙ୍କୁ ରଖାଯାଇଛି। ଏହି କର୍ମଚାରୀଙ୍କ ସଂଖ୍ୟା ୧୬୦ରୁ ୨୦୦ ମଧ୍ୟରେ ହେବ। ଏବେ ପ୍ରାୟତଃ ସମସ୍ତ କାର୍ଯ୍ୟ ଆର୍‌ଟିଓ ଅଫିସ୍‌ରେ ଅନ୍‌ଲାଇନ୍‌ରେ କାମ ହେଉଥିବା ବେଳେ ଅସ୍ଥାୟୀ କର୍ମଚାରୀଙ୍କ କାର୍ଯ୍ୟ ଗୌଣ ହୋଇପଡ଼ିଛି। ଏପରିସ୍ଥଳେ ସେମାନଙ୍କୁ ଅନ୍ୟ କୌଣସି କାର୍ଯ୍ୟରେ ନିୟୋଜିତ କରାନଯିବା ଯୋଗୁଁ କିଛି ମୁଷ୍ଟିମେୟ କର୍ମଚାରୀ ନିର୍ବିଘ୍ନରେ ଲାଞ୍ଚ କାରବାର କରି ମାଲାମାଲ୍ ହେଉଥିବା କର୍ମଚାରୀମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ନାମ ଗୋପନ ରଖିବା ସର୍ତ୍ତରେ କିଛି ଅଫିସ୍ କର୍ମଚାରୀ କହିଛନ୍ତି ଯେ ବିଭାଗୀୟ ଅଧିକାରୀ ଓ ପଦାଧିକାରୀଙ୍କ ଦ୍ୱାରା ରଖାଯାଇଥିବା କେତେକ ଅସ୍ଥାୟୀ କର୍ମଚାରୀ ନିୟମାନୁଯାୟୀ କୌଣସି ଅଫିସ୍ କାମ ନକରି ବେଆଇନ ଭାବେ କମ୍ପ୍ୟୁଟର ସିଷ୍ଟମ୍‌ରେ ଡିଏଲ୍, ଏଲ୍‌ଏଲ, ଏଫସି, ପର୍‌ମିଟ୍, ଅସ୍ଥାୟୀ ପର୍‌ମିଟ୍, ଟ୍ରାନ୍ସଫର୍ ଅଫ୍ ଓନର୍‌ସିପ୍ କାର୍ଯ୍ୟ କରୁଛନ୍ତି। ସେମାନେ ୮ରୁ ୧୦ଟି ସୋ' ରୁମ୍‌ରୁ ଗାଡ଼ି କାଗଜପତ୍ର ଆଣି ରେଜିଷ୍ଟ୍ରେସନ୍ କାମ ଆର୍‌ଟିଓ ଅଫିସ୍‌ରେ କରି ସଂପୃକ୍ତ ସୋ' ରୁମ୍ ମାଲିକଙ୍କଠାରୁ ପ୍ରଚୁର ଅର୍ଥ ଉପାର୍ଜନ କରୁଛନ୍ତି। ତେବେ ଅସ୍ଥାୟୀ କର୍ମଚାରୀଙ୍କୁ କିଭଳି ଡାଟା ଏଣ୍ଟ୍ରି ଅପରେଟର୍ ଭାବେ ନିଯୁକ୍ତ ହୋଇଛନ୍ତି, ତାହା ମଧ୍ୟ ଅନୁସନ୍ଧାନ ସାପେକ୍ଷ। ଏ ସଂପର୍କରେ ସବୁ ଜାଣୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା ସାଜିଛନ୍ତି। ନିଯୁକ୍ତି ପାଇଥିବା ଅସ୍ଥାୟୀ କର୍ମଚାରୀଙ୍କ ଶିକ୍ଷାଗତ ଯୋଗ୍ୟତା, କ୍ୟାରେକ୍ଟର୍ ସାର୍ଟିଫିକେଟ୍, ବୟସ ସୀମା ବିଚାରକୁ ନ ନେଇ କାର୍ଯ୍ୟ କରିବା ନିମନ୍ତେ କର୍ତ୍ତୃପକ୍ଷ ଅନୁମତି ଦେବା ନେଇ ପ୍ରଶ୍ନ ଉଠିଛି।

କମ୍ପ୍ୟୁଟର୍ ପାସ୍‌ୱାର୍ଡ ଓ ୟୁଜର୍ ଆଇଡି ବହୁ ଅସ୍ଥାୟୀ କର୍ମଚାରୀଙ୍କୁ ପ୍ରଦାନ କରାଯିବା ସମେତ ଅନ୍ୟାନ୍ୟ ଅଭିଯୋଗ ହେବାରୁ ପୂର୍ବରୁ ଏସ୍‌ଟିଏ ପକ୍ଷରୁ ଅସ୍ଥାୟୀ କର୍ମଚାରୀଙ୍କ କାର୍ଯ୍ୟକଳାପ ସମ୍ପର୍କରେ ରିପୋର୍ଟ ଦେବାକୁ ଆରଟିଓମାନଙ୍କୁ ଚିଠି କରାଯାଇଥିଲା। ମାତ୍ର ଏହି ଚିଠି ନାଳିଫିତା ତଳେ ଚପିଯାଇଛି। ଅସ୍ଥାୟୀ କର୍ମଚାରୀମାନେ ଯେଉଁ ବେନିୟମ କାର୍ଯ୍ୟ କରୁଛନ୍ତି, ତାହାର ଆଇପି ଆଡ୍ରେସ୍ ଯାଞ୍ଚ କଲେ ସବୁ ତଥ୍ୟ ପଦାକୁ ଆସିବ ବୋଲି କର୍ମଚାରୀମହଲରେ ମତ ପ୍ରକାଶ ପାଇବା ସହ ଏହି ଦୁର୍ନୀତିମୂଳକ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ଦାବି ହେଉଛି।

ଅନ୍ୟପକ୍ଷରେ, ଏ ସଂପର୍କରେ ଏସ୍‌ଟିଏର ଅତିରିକ୍ତ ପରିବହନ ଆୟୁକ୍ତ ଲାଲ୍ ମୋହନ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ଆମର ହସ୍ତଗତ ହୋଇନାହିଁ। ଯଦି ଅଭିଯୋଗ ଆସେ, ତେବେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଭିଜିଲାନ୍‌ସ ଜାଲରେ ଡେପୁଟି କଲେକ୍ଟର୍

କେନ୍ଦୁଝର, ୧୯।୨ (ସମିସ): କେନ୍ଦୁଝର ଭୂ-ଅର୍ଜନ (ସାଧାରଣ) ଉପବିଭାଗର ଅଧିକାରୀ ତଥା ଡେପୁଟି କଲେକ୍ଟର ବରିଷ୍ଠ ଓଏଏସ୍ ଅଫିସର୍ ଶରତ କୁମାର ଗିରି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୁଧବାର ପୂର୍ବାହ୍ନରେ ସେ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଚିତ୍ରସେନ୍ ବ୍ରହ୍ମଙ୍କ ଜମି ଅଧିଗ୍ରହଣ ସମ୍ପର୍କିତ ଚୂଡ଼ାନ୍ତ ବିଲ୍ କରିବାକୁ ସେ ଏହି ଲାଞ୍ଚ ନେଉଥିବା ଅଭିଯୋଗ ହୋଇଛି।

■ ଜମି ଅଧିଗ୍ରହଣ ବାବଦ ୫୦ ହଜାର ଲାଞ୍ଚ ନେଉଥିଲେ
■ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି

ଜାତୀୟ ରାଜପଥ ୨୦ ସମ୍ପ୍ରସାରଣ ପାଇଁ ସଦର ବ୍ଲକ୍ ପଦ୍ମପୁର ପଞ୍ଚାୟତର ଚିତ୍ରସେନ୍ ବ୍ରହ୍ମଙ୍କ ପରିବାରର ଦେଢ଼ ଏକର ଜମି ଅଧିଗ୍ରହଣ ହୋଇଛି। ପୂର୍ବରୁ ସେ କ୍ଷତିପୂରଣ ବାବଦକୁ କିଛି ଟଙ୍କା ପାଇଥିଲେ। ତେବେ ବାକି ୬,୯୬,୯୯୬ ଟଙ୍କା ପାଇଁ ସେ ଶ୍ରୀ ଗିରିଙ୍କୁ ଅନୁରୋଧ କରିଥିଲେ। କିନ୍ତୁ, ଏଥିପାଇଁ ଶ୍ରୀ ଗିରି ତାଙ୍କୁ ୭୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଚିତ୍ରସେନ ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଯୋଜନା ମୁତାବକ, ଶ୍ରୀ ଗିରି ଆଜି ପୂର୍ବାହ୍ନରେ ନିଜ ଅଫିସ୍‌ରେ ୫୦ ହଜାର ଲାଞ୍ଚ ନେଉଥିବା ବେଳେ ସେଠାରେ ଆଗରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଏହାସହ ଆୟବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କର ପୁରୀ ଦୋଳମଣ୍ଡପ ସାହିସ୍ଥିତ ଘର, ଖୋର୍ଦ୍ଧାସ୍ଥିତ ବାସଭବନ, କେନ୍ଦୁଝରର ଭଡ଼ାଘର,



ଜାତୀୟ ରାଜପଥ ୨୧୫ ଭୂମି ଅଧିଗ୍ରହଣ କାର୍ଯ୍ୟାଳୟ ସମେତ ଏକାଧିକ ସ୍ଥାନରେ ଚଢ଼ଉ କରିଛି। ଶେଷ ଖବର ଲେଖା ହେବା ସୁଦ୍ଧା ଚଢ଼ଉ ଜାରି ରହିଥିଲା।

ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ରାହୁଲ ପିଆର୍‌ଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଭିଜିଲାନ୍ସ ୟୁନିଟ୍ ପକ୍ଷରୁ ଆଜି ଏହି ଚଢ଼ଉ କରାଯାଇଥିଲା। ବାଲେଶ୍ୱର ଭିଜିଲାନ୍ସ ଏନେଇ ନମ୍ବର ୧/୨୫ରେ ଏକ ମାମଲା ରୁଜୁ କରିଛି। ଶୀଘ୍ର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।

### ବାରିପଦା ସହରରେ ଜଳସଙ୍କଟ ଉତ୍କଟ

# ୱାଟ୍‌କୋ ଅଧିକାରୀଙ୍କ ସ୍ଥିତି ଅନୁଧ୍ୟାନ

ବାରିପଦା, ୧୯ ।୨(ସମିସ)

ଫେବୃଆରୀରୁ ବାରିପଦା ସହରରେ ପାନୀୟ ଜଳସଙ୍କଟ ଉତ୍କଟ ରୂପ ଧାରଣ କରିଛି। ଏହି ସମସ୍ୟାର ସମାଧାନ ପାଇଁ ବାରିପଦା ପୌର ପରିଷଦ ଏବଂ ୱାଟକୋ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ମାର୍ଚ୍ଚ ୩୧ସୁଦ୍ଧା ସହରର ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ୱାଟକୋ ଅଧିକାରୀଙ୍କୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମୟ ସୀମା ଦେଇଥିଲେ। ଏହାପରେ ଜଳ ସଙ୍କଟ ସମାଧାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୱାଟକୋ ମୁଖ୍ୟ ପରିଚାଳକ ପିସି ମଲ୍ଲିକ ଅନ୍ୟଯନ୍ତ୍ରୀଙ୍କ ସହ ବିଭିନ୍ନ ୱାର୍ଡ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ୱାର୍ଡ ନମ୍ବର ୨୫ର ଛାଞ୍ଚଠାରେ ଥିବା ପମ୍ପ ହାଉସ ନମ୍ବର-୨ର ଜଳ ଯୋଗାଣକୁ ନେଇ ଉପୁଜିଥିବା ସମସ୍ୟା ସମାଧାନ ଉପରେ ଆଲୋଚନା କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ବି କୌଣସି ସମାଧାନ ନ ହେବାରୁ



ଗତ ୧୧ ତାରିଖରେ ଦେବେନ୍ଦ୍ରପୁର ଅଞ୍ଚଳର ବାସିନ୍ଦା ବାରିପଦା-ଚିତ୍ରଡା ରାସ୍ତାକୁ ଅବରୋଧ କରିଥିଲେ। ୱାର୍ଡ ନମ୍ବର ୨୫ରେ ପମ୍ପ ହାଉସ ନିର୍ମାଣ ଦାବି ହୋଇଥିଲା। ଏନେଇ କାଉନସିଲର ଦେବାଶିଷ ପାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଜଳ ସମସ୍ୟା ନେଇ ଅବଗତ ହେବା ପରେ ସମସ୍ୟାକୁ ଦୂରୀ କରିବାକୁ ପଦକ୍ଷେପ ବିଷୟରେ ଶ୍ରୀ ମଲ୍ଲିକ ୱାର୍ଡ କାଉନସିଲର ଶ୍ରୀ ପାତ୍ରଙ୍କ ସହ ଆଲୋଚନା କରିଥିଲେ। ଗୋଟିଏ ମାତ୍ର ପମ୍ପ ହାଉସ ବର୍ତ୍ତମାନ ୨୫ ଓ ୨୭ ୱାର୍ଡକୁ ପାଣି ଯୋଗାଉଛି। ୪ଟି ପମ୍ପ ହାଉସ ଆବଶ୍ୟକତା ଥିବା ବେଳେ ୱାଟକୋ ଗୋଟିଏରେ କାମ ଚଳାଉଛି; ଯାହାକୁ ନେଇ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳୁଛି। ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ କର୍ମଚାରୀଙ୍କୁ ବାରମ୍ବାର କାଉନସିଲର ଅବଗତ କରାଇବା ପରେ ବି ସମସ୍ୟାର ସମାଧାନ ନ ହେବାରୁ ଲୋକେ ଉତ୍ତ୍ୟକ୍ତ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ କରିବା ପାଇଁ କାଉନସିଲର ଶ୍ରୀ ପାତ୍ର ନିବେଦନ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ଅନ୍ୟ ଏକ ପମ୍ପ ହାଉସ କରିବା ପାଇଁ ୱାର୍ଡ କାଉନସିଲର ଶ୍ରୀ ପାତ୍ର ଦାବି କରିଛନ୍ତି। ୱାଟ୍‌କୋ ଖୁବଶୀଘ୍ର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଛି।

## ଯୁକ୍ତ ଦୁଇ କଳା ପରୀକ୍ଷା ଆରମ୍ଭ; ୨୬ ଅନୁପସ୍ଥିତ

କୁଆମରା, ୧୯।୨(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୧୮ ରୁ ବିଜ୍ଞାନ ଓ ଆଜି ୧୯ ତାରିଖ ରୁ କଳା ଓ ବାଣିଜ୍ୟ ବିଷୟରୁ ପରୀକ୍ଷା ଆରମ୍ଭ ହୋଇଛି। ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକର ଆଜି କଳା ବିଭାଗ ରେ ମୋଟ ୧୦୨୯ ଛାତ୍ର ଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ବିଭିନ୍ନ ବିଦ୍ୟାଳୟ ରୁ ୨୬ ଜଣ ଅନୁପସ୍ଥିତ ଅଛନ୍ତି। ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ବିଦ୍ୟାଳୟର୨, ପୁରୁଣା ବାରିପଦା ଆଞ୍ଚଳିକ ରେ ୪ ଓ ସାଇଁକୁଳା ପଞ୍ଚପଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨ ଜଣ ଅନୁପସ୍ଥିତ। ଖୁଣ୍ଟା ବ୍ଲକ ରେ ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ୮, ଡୁକୁରା ଭଞ୍ଜଭୂମି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭ ଓ ଧାନଘେରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩ ଜଣ ଅନୁପସ୍ଥିତ ଥିବାର ସୂଚନା ରହିଛି। ସେହିପରି ଡୁକୁରା ଭଞ୍ଜଭୂମି ରେ କମର୍ସ ରେ ୧୦୩ ପରୀକ୍ଷା ଦେବାକୁ ଥିବା ବେଳେ ୫ ଜଣ ଅନୁପସ୍ଥିତ ଅଛନ୍ତି। ଗତକାଲି ବିଜ୍ଞାନରେ ଅନୁଷ୍ଠିତ ପରୀକ୍ଷା ରେ ଦୁଇ ବ୍ଲକରୁ ୧୦ ଛାତ୍ର ଛାତ୍ରୀ ଅନୁପସ୍ଥିତ ଥିଲେ।

## ୧୧ଟି କେନ୍ଦ୍ରରେ ୧୬୩୯ ମାଟ୍ରିକ ପରୀକ୍ଷାର୍ଥୀ

ମୋରଡ଼ା, ୧୯।୨(ସମିସ): ଚଳିତବର୍ଷ ମୋରଡା ବ୍ଲକରେ ୧୧ଟି ପରୀକ୍ଷା କେନ୍ଦ୍ରରେ ୧୬୩୯ ଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପ୍ରଶ୍ନପତ୍ରଗୁଡିକ କଡ଼ା ସୁରକ୍ଷା ମଧ୍ୟରେ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ରଖାଯାଇଛି। ଠିକ ସମୟରେ ସମସ୍ତ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବା ନିମନ୍ତେ ଦୁଇଟି ଟିମ ଗଠନ କରାଯାଇଛି। ସେହିପରି କପିକୁ ରୋକିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ବ୍ୟବସ୍ଥା କରାଯାଇଛି। ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୨୮ ଜଣ, ଜବାହର ନୋଡାଲ ବିଦ୍ୟାପୀଠ ଚିତ୍ରଡାରେ ୧୩୬, ଗଡ଼ିଗାଁ ନୂତନ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୫୫, ଝିଙ୍କିରିଆ ନୂତନ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୨୧, ଦାନ୍ତିଆମୁହାଁ ସରକାରୀ ଉଚ୍ଚବିଦ୍ୟାଳୟରେ ୧୪୦, ଶିବମୁନି ଶିକ୍ଷା ନିକେତନ ମାଳିହତାରେ ୨୦୭, ଶ୍ରୀରାମଜୀ ନୂତନ ସରକ ନୋଡାଲ ଉଚ୍ଚ ବିଦ୍ୟାଳୟ ସୁରେଇଡିହିରେ ୧୫୯, ନିତୁଆପଦା ନୂତନ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୪୮, ଚିନ୍ତାମଣି ନୋଡାଲ ବିଦ୍ୟାପୀଠ ଗଡ଼ିଆରେ ୧୩୦, ଖୁରୁଣ୍ଟିଆ ଭକେସନାଲ ଉଚ୍ଚ ବିଦ୍ୟାଳୟରେ ୧୮୯, ନିତ୍ୟାନନ୍ଦ ନୂତନ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ନୁହାଝାଳିଆରେ ୧୨୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ।

● ନକଲି ସୁନା ବନ୍ଧକ ରଖି ବ୍ୟାଙ୍କରୁ ଋଣ ନେବାକୁ ଉଦ୍ୟମ

## ଜ୍ୱାଇଁ-ଶଶୁର କୋର୍ଟଚାଲାଣ

ବେତନଟୀ, ୧୯ ।୨(ସମିସ): ଅସଲି ହଲମାର୍କ ଲଗାଇ ଦୁଇଟି ନକଲି ସୁନାହାର ବ୍ୟାଙ୍କରେ ବନ୍ଧକରଖି ଲକ୍ଷାଧିକ ଟଙ୍କା ବ୍ୟାଙ୍କଋଣ ନେବାକୁ ଉଦ୍ୟମ କରି ଧରାପଡ଼ିଥିବା ଶଶୁର-ଜ୍ୱାଇଁଙ୍କୁ ବୁଧବାର କୋର୍ଟଚାଲାଣ କରିଛି ବେତନଟୀ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବଡସାହି ବ୍ଲକ ତଥା ବୈଶିଙ୍ଗା ଥାନା ଅଧୀନ ଶାଳଗାଁ ଗ୍ରାମର ଯଦୁନାଥ ମହାପାତ୍ରଙ୍କ ପୁଅ ବିଜୁ ଓରଫ ବିଜୟ(୩୯) ଏବଂ ମାନଗୋବିନ୍ଦପୁର ଉପକଣ୍ଠ ଶାଁଳପୁର ଗ୍ରାମର କାର୍ତ୍ତିକଚନ୍ଦ୍ର ପରିଡ଼ାଙ୍କ ପୁଅ କୁନା ଓରଫ ଅଶୋକ(୩୮)। ଅଭିଯୁକ୍ତ ବିଜୟ ଏବଂ କୁନା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଶାଖାରୁ ନକଲି ସୁନହାର ବନ୍ଧକ ରଖି ଋଣନେବାକୁ ଆସିଥିବା ବେଳେ ସେମାନଙ୍କ ଠକେଇ ଧରାପଡ଼ିଯାଇଥିଲା। ପରେ ବ୍ୟାଙ୍କ ଶାଖା ପ୍ରବନ୍ଧକ ସନାତନ ବାରିକ ବେତନଟୀ ପୁଲିସକୁ ଡକାଇ ଦୁଇ ଠକ ଶଶୁର-ଜ୍ୱାଇଁଙ୍କୁ ଧରାଇଥିଲେ। ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଉଭୟଙ୍କ ଜାମିନ ନାମଞ୍ଜୁର ପରେ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



## ଗୌରୀଶଙ୍କର ବିଜେଡି ମୟୂରଭଞ୍ଜ ଜିଲ୍ଲା-୨ ନିର୍ବାଚନ ଅଧିକାରୀ ନିଯୁକ୍ତ

ରାଇରଙ୍ଗପୁର, ୧୯ ।୨(ସମିସ): ଆଇନଜୀବୀ ଗୌରୀ ଶଙ୍କର ଦତ୍ତ ବିଜେଡିର ମୟୂରଭଞ୍ଜ ଜିଲ୍ଲା-୨ର ନିର୍ବାଚନ ଅଧିକାରୀଭାବେ ନିଯୁକ୍ତ ହୋଇଛନ୍ତି। ସେ ଗତ ପଞ୍ଚାୟତ ନିର୍ବାଚନ ସହିତ ରାଇରଙ୍ଗପୁର ପୋ?ର ପରିଷଦ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ଜୟଯୁକ୍ତ କରାଇବା କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହି ନିଯୁକ୍ତି ଖବର ପାଇବା ପରେ ରାଇରଙ୍ଗପୁର ଅଞ୍ଚଳ ବିଜେଡି କର୍ମୀଙ୍କ ମଧ୍ୟରେ ଖୁସି ଦେଖାଯାଇଛି। ଆଗାମୀ ଦିନରେ ବିଜେଡି ସାଙ୍ଗଠନିକ ନିର୍ବାଚନ ସହିତ ଜିଲ୍ଲାରେ ବିଜୁ ଜନତା ଦଳ ସଂଗଠନକୁ ଆହୁରି ସୁଦୃଢ଼ କରାଯିବା କ୍ଷେତ୍ରରେ ଉଦ୍ୟମ ଜାରି ରଖିବେ ବୋଲି ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି।



## ସୀମାନ୍ତ ମହାବିଦ୍ୟାଳୟରେ ବାର୍ଷିକ ପାଠଚକ୍ର

ସାରସକଣା/ଝାରପୋଖରିଆ ୧୯ ।୨(ସମିସ): ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବାର୍ଷିକ ପାଠଚକ୍ର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡଃ ଅଶୋକ କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଜୈବ ପ୍ରଯୁକ୍ତି ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡଃ ବିଶ୍ୱଜିତ୍ ରଥ ବିଶାରଦ ଭାବେ ଯୋଗ ଦେଇ ଜୈବ ପ୍ରଯୁକ୍ତି ବିଦ୍ୟାର ଉପଯୋଗିତା ଉପରେ ବୁଝାଇଥିଲେ। ଅଧ୍ୟକ୍ଷ ପ୍ରଦ୍ୟୋତ କୁମାର, ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଅନିଲ କୁମାର ଝା, ଅଧ୍ୟାପକ ସଦାଶିବ ଗୋଛାୟତ, ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ଆକାଂକ୍ଷା ଅପରୂପା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀ ବିଷ୍ଣୁପ୍ରିୟା ବେହେରା ଅତିଥିଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରିଥିବା ବେଳେ ଡଃ ଶର୍ମା ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ସଦାଶିବ ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବକାରୀ ବିଭାଗର ଚଢଉ; ୪ କୋର୍ଟଚାଲାଣ

ବେତନଟୀ/ବୈଶିଙ୍ଗା, ୧୯ ।୨(ସମିସ): ବେତନଟୀ ଅବକାରୀଥାନା ପକ୍ଷରୁ ବୁଧବାର ବଡସାହି ଏବଂ ବୈଶିଙ୍ଗା ଥାନା ଅଞ୍ଚଳରେ ଚଢଉ କରି ଚୋରା ଦେଶୀମଦ ଜବତ କରିବା ସହିତ ୪ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବଡସାହି ଥାନା ଅଧୀନ ଗନ୍ଧାଳି-ଦୁର୍ଗାପୁର ଉପକଣ୍ଠ ପୁରୁଣାପାଣି ଗ୍ରାମର ଉଦୟ କିସ୍କୁର ପୁଅ ଲକ୍ଷ୍ମଣ (୩୮) ଏବଂ ଭୀମଦା ଗ୍ରାମର ସ୍ୱର୍ଗତ ଭାସ୍କର ମହାଳିକର ସ୍ତ୍ରୀ କମଳିନୀ(୩୫)। ସେହିପରି ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀର ସ୍ୱର୍ଗତ କୃଷ୍ଣମୋହନ ଦେହୁରୀର ପୁଅ ସଞ୍ଜିତ(୨୭) ଏବଂ ମାଣତ୍ରୀ ଉପକଣ୍ଠ ଆଙ୍କପୁରା ଗ୍ରାମର ଭୁଣ୍ଡୁନ ସିଂର ପୁଅ ରବି(୩୬)। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ହାଟରୁ ୨ଟି ବାଇକ ଚୋରି

ବାରିପଦା/କୁଆମରା, ୧୯ ।୨(ସମିସ): ଦାମୋଦରପୁର ହାଟରୁ ଏକ ବାଇକ ଚୋରି ହୋଇଥିବା ନେଇ ସୁଶୀଲ କୁମାର ଦାସ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ସେ ହାଟ ନିକଟ ରାସ୍ତା କଡରେ ବାଇକ ପାର୍କିଂ କରିଥିଲେ। ଫେରି ଆସିଲା ବେଳକୁ ଉକ୍ତ ସ୍ଥାନରେ ବାଇକ ନ ଥିଲା। ବହୁ ଖୋଜାଖୋଜି ପରେ ବାଇକ ନପାଇ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି।

ସେହିପରି ଖୁଣ୍ଟା ସାପ୍ତାହିକ ହାଟରୁ ଏକ ବାଇକ ଚୋରି ହୋଇଥିବା ନେଇ ହରିପୁର ଗ୍ରାମର ସତ୍ୟବାନ କାଣ୍ଡ ଅଭିଯୋଗ କରିଛନ୍ତି। ସେ ସଉଦା କିଣି ସାରି ଫେରିବା ବେଳକୁ ସେଠାରେ ବାଇକଟି ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ମାମଲା ରୁଜୁ କରିଛି।

## ବିପୁଳ ପରିମାଣର ମହୁଲି ମଦ ଓ ପୋଚ ନଷ୍ଟ

ମହୁଲଡିହା, ୧୯।୨(ସମିସ): ଠାକୁରମୁଣ୍ଡା ଅବକାରୀ ବିଭାଗ ଚଢଉ କରି ବିପୁଳ ପରିମାଣର ମହୁଲି ମଦ ଏବଂ ମହୁଲ ପୋଚ ନଷ୍ଟ କରିଛି। ଅବକାରୀ ଇନ୍‌ସପେକ୍ଟର ସଞ୍ଜୟ କୁମାର କାନ୍ତିଙ୍କ ନେତୃତ୍ୱରେ ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରିଣୀ ଭାରତୀ ନାଏକ ଏକାଧିକ ସ୍ଥାନରେ ଚଢଉ କରିଥିଲେ। ଭରାଣ୍ଡିଆ ଗ୍ରାମ ପଞ୍ଚାୟତ ସରାଶପୋଷି ଏବଂ ଚକୁଳିଆ ଜଙ୍ଗଲରେ ଚଢ଼ଉ କରି ପ୍ରାୟ ୨୭୦୦ କେଜି ମହୁଲ ପୋଚ ଏବଂ ୧୭୦ ଲିଟର ମହୁଲି ମଦକୁ ଜବତ କରିବା ସହିତ ନଷ୍ଟ କରିଦେଇଛନ୍ତି। ପୁଲିସକୁ ଦେଖି ବ୍ୟବସାୟୀ ଜଙ୍ଗଲକୁ ଦୌଡି ପଳାଇଛନ୍ତି।

## ୧୧ଟି କାଠ ଗଣ୍ଡି ଜବତ

ମୋରଡା, ୧୯।୨(ସମିସ): ମୋରଡ଼ା ବ୍ଲକ ଜୁଆଳିଭଙ୍ଗା ପଞ୍ଚାୟତ ମସର୍ଦା ଗ୍ରାମ ନିକଟରେ ବେଆଇନ ଭାବେ କଟା ଯାଇଥିବା ୧୧ଟି ୟୁକାଲିସ ପଟାସ କାଠ ଗଣ୍ଡିକୁ ଜବତ କରିଛି ବେତନଟୀ ବନବିଭାଗ। ବଡାମପୁର ଫରେଷ୍ଟର ଦୀପକ ପାତ୍ରଙ୍କ ସୂଚନା ମୁତାବକ ମସର୍ଦା ଗ୍ରାମ ନିକଟରେ ବେଆଇନ ଭାବେ ଉକ୍ତ ପଟାସ ଗଛ କଟା ହୋଇଥିବା ଖବର ପାଇ ବନବିଭାଗ କର୍ମଚାରୀ ଶୁଭାଶିଷ ସାହୁ, ବିଜୟ ଦାସ ପ୍ରମୁଖ ପହଞ୍ଚି ଉକ୍ତ କାଠ ଲଗ କୁ ଜବତ କରି ପିକଅପ ଯୋଗେ ବେତନଟିସ୍ଥିତ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ଯାହାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ।

## ବାଲି ଟ୍ରାକ୍ଟର ଜବତ; ଚାଳକ ଗିରଫ

ମୋରଡ଼ା, ୧୯।୨(ସମିସ): ଏନଜିଟି ତରଫରୁ ଲଘୁଖଣିଜ ଦ୍ରବ୍ୟ ଚାଲାଣ ଓ ଖନନ ଉପରେ ରୋକ ଲଗାଯାଇଥିବାବେଳେ ବୁଧବାର ମୋରଡ଼ା ଥାନା ଅଧିନ ଚିତ୍ରଡା-ଗଡ଼ିଗାଁ ରାସ୍ତାରେ ଚୋରା ବାଲି ନେଉଥିବା ଏକ ଟ୍ରାକ୍ଟରକୁ ଜବତ କରାଯିବା ସହିତ ଚାଳକକୁ ଗିରଫ କରିଛି ପୁଲିସ। ଗିରଫ ଡ୍ରାଇଭର ହେଲେ ଚିତ୍ରଡା ଗ୍ରାମର କରମଚାନ୍ଦ ମହାନ୍ତ।

## ସିଙ୍ଗଡ଼ା ଭୀମମେଳାରେ ରକ୍ତଦାନ ଶିବିର

ଶୁଳିଆପଦା, ୧୯।୨(ସମିସ): ଶୁଳିଆପଦା ବ୍ଲକ ସିଙ୍ଗଡ଼ା ଭୀମ ମେଳାରେ ଏକ ରକ୍ତଦାନ ଶିବିର ଲକ୍ଷ୍ମୀ ଫାଉଣ୍ଡେସନର ମୁଖ୍ୟ ତଥା ଯୁବସମାଜସେବୀ ଫାର୍ମାସିଷ୍ଟ ଦିଲ୍ଲୀପ ତୁଙ୍ଗଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୧୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ସନାଲି ନାଏକ, ବସନ୍ତ ଥୟାଳ, ବିମଳ ଧଳ, ରାଜୁ ଥୟାଳ, କ୍ଷୀରୋଦ ଦେଓ, ମିଥୁନ ସି, ଯୁଧିଷ୍ଠିର ଧଳ, ସୌମରଞ୍ଜନ ଧଳ ପ୍ରମୁଖ ସହଯୋଗ କରିଥିଲେ।

■ ଡିଆରଏମ୍‌ଙ୍କ ବେତନଟୀ ଷ୍ଟେସନ ପରିଦର୍ଶନ

## ନିର୍ମାଣାଧୀନ ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ବେତନଟୀ, ୧୯ ।୨(ସମିସ): ଦକ୍ଷିଣ-ପୂର୍ବ ରେଳପଥ ଖଡଗପୁର ଡିଭିଜନର ଡିଆରଏମ କେ.ଆର ଚୌଧୁରୀ ଏକ ସ୍ୱତନ୍ତ୍ର ଟ୍ରେନଯୋଗେ ବୁଧବାର ଅପରାହ୍ନରେ ପହଞ୍ଚି ବେତନଟୀ ଷ୍ଟେସନ ପରିଦର୍ଶନ କରିଥିଲେ। ସେ ନିର୍ମାଣାଧୀନ ଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତିକୁ ନେଇ ସମୀକ୍ଷା ପୂର୍ବକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ବେତନଟୀ ରେଳଷ୍ଟେସନରେ ଅଣ୍ଡରପାସ, ପ୍ଲାଟଫର୍ମର ଉନ୍ନତିକରଣ ସମେତ ଏକାଧିକ ବିଲ୍ଡିଂ ନିର୍ମାଣାଧୀନ ରହିଛି। ଏଭଳି ସ୍ଥିତିରେ ସମସ୍ତ ପ୍ରକଳ୍ପ ଗୁଡିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ ପୂର୍ବକ ଚୂଡାନ୍ତ ରୂପରେଖ ଦେବାକୁ ଶ୍ରୀ ଚୌଧୁରୀ ଅନ୍ୟାନ୍ୟ ବିବାଗୀୟ ପଦାଧିକାରୀଙ୍କ ସହିତ ବେତନଟୀ ରେଳଷ୍ଟେସନ



ପରିଦର୍ଶନ କରିଥିଲେ। ଏହି ଅବସରରେ ୩୫ନଂ ଜୋନ ମଣ୍ଡଳ ସଭାପତି ଜୀବନ କୁମାର ପରିଡ଼ା, ବେତନଟୀ ବ୍ଲକ ସାମ୍ବାଦିକସଂଘର ସମ୍ପାଦକ ଅନୁପ ଦଣ୍ଡପାଟ, ସରପଞ୍ଚ ପାନମଣି ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ବେଲପୋଷି ଓ କୋଷ୍ଠାରେ ଷ୍ଟେଟବ୍ୟାଙ୍କ ଶାଖା ଉଦ୍‌ଘାଟିତ

ଜାମଦା/ଶୁଳିଆପଦା, ୧୯।୨(ସମିସ): ଜାମଦା ବ୍ଲକ ଅନ୍ତର୍ଗତ ବେଲପୋଷିଠାରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ)ର ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍‌ବିଆଇର ଭୁବନେଶ୍ୱର ମଣ୍ଡଳର ମୁଖ୍ୟ



ମହାପ୍ରବନ୍ଧକ ଦିନେଶ ପୃଥୀ ଫିତାକାଟି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ମଣ୍ଡଳର ଡେପୁଟି ଜେନେରାଲ୍ ମ୍ୟାନେଜର ଶୈଳେଶ କୁମାର ସିହ୍ନା, ବାରିପଦା ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଜଗନ୍ନାଥ ଶ୍ରୀଚନ୍ଦନ ନାୟକ, ଜାମଦା ଶାଖାର ପରିଚାଳକ ପରୀକ୍ଷିତ ବେହେରା, ଲକ୍ଷ୍ମୀଜୋନର ଡିଜିଏମ ସୁବଗ୍ମା କୁମାର ଗୋପ ପ୍ରମୁଖ ଯୋଗ ଦେଇଥିଲେ। ଆଜି ବ୍ୟାଙ୍କ ଉଦଘାଟନ ହେବା ପରେ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ଦେଖାଦେଇଛି। ସରପଞ୍ଚ ମାଳତୀ କିସ୍କୁ, ତହସିଲଦାର, ଆର.ଆଇ, ବ୍ୟବସାୟିକ ସଂଘରୁ ସୁଭାଷ ଚନ୍ଦ୍ର ମଣ୍ଡଳ, ସଞ୍ଜୟ ପ୍ରଧାନ, ରାମପଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଶୁଳିଆପଦା ବ୍ଲକ କୋଷ୍ଠାଠାରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଏକ ଶାଖା ଉଦ୍‌ଘାଟିତ ହୋଇଛି। ଚିଫ ଜେନେରାଲ ମ୍ୟାନେଜର ଦିନେଶ ପୃଷ୍ଟି, ଜେନେରାଲ ମ୍ୟାନେଜର ବାଲେଶ୍ୱର ଶୋଇଲେସ କୁମାର ସିଂହ ଏବଂ ରିଜଓନାଲ ମ୍ୟାନେଜର ଜଗନ୍ନାଥ ଶ୍ରୀଚନ୍ଦନ ନାଏକଙ୍କ ଉପସ୍ଥିତିରେ ଏହି ଶାଖା ଉଦ୍‌ଘାଟିତ ହୋଇଛି। ଅଞ୍ଚଳବାସୀ ଦୀର୍ଘଦିନ ହେଲା ୩୫ କିମି ଦୂର ବାରିପଦାକୁ ଯାଉଥିଲେ। ଏ ନେଇ ବାରମ୍ବାର ଅଞ୍ଚଳବାସୀ ଦାବି କରିବା ପରେ ବୁଧବାର ଶୁଳିଆପଦା ଅଞ୍ଚଳବାସୀଙ୍କ ସପ୍ନ ପୂରଣ ହୋଇଛି।




## ଗୋହତ୍ୟା ନିଷେଧ ଲକ୍ଷ୍ୟ ନେଇ ସାଇକଲରେ ଭାରତ ଭ୍ରମଣ

କରଞ୍ଜିଆ, ୧୯।୨(ସମିସ): ଦେଶରେ ସମ୍ପୂର୍ଣ୍ଣଭାବେ ଗୋ ହତ୍ୟା ବନ୍ଦ କରିବା ଲକ୍ଷ୍ୟରେ ନୂଆଦିଲ୍ଲୀରୁ ଶ୍ରୀୟାସ ମିଶ୍ର ନାମକ ଜଣେ ଯୁବକ ସାଇକଲରେ ଭାରତ ଭ୍ରମଣରେ ବାହାରି କରଞ୍ଜିଆରେ ପହଞ୍ଚିଛନ୍ତି। ଶ୍ରୀ ମିଶ୍ର ଏଯାଏ ଉତ୍ତର ପ୍ରଦେଶ, ବିହାର ଝାରଖଣ୍ଡ ରାଜ୍ୟ ଭ୍ରମଣ କରିସାରିଲେଣି। ଆଜି ସେ କରଞ୍ଜିଆ ସହର ଦେଇ ପୁରୀ ଅଭିମୁଖେ ବାହାରିଛନ୍ତି। ସେ ୯୦ଦିନ ଭିତରେ ଦିଲ୍ଲୀରୁ ରମେଶ୍ୱରମ



ଯାତ୍ରା କରିବେ ବୋଲି ପ୍ରକାଶ କରିଛନ୍ତି। ଏ ପର୍ଯ୍ୟନ୍ତ ସେ ୨୦ଦିନ ସାଇକଲରେ ଭ୍ରମଣ କରିସାରିଲେଣି। ତାଙ୍କ ସହିତ ଆଉ ୪ଟି ଗ୍ରୁପରେ କିଛି ଲୋକ ଏହି ଲକ୍ଷ୍ୟ ନେଇ ଯାତ୍ରା ଆରମ୍ଭ କରିଛନ୍ତି। ଦେଶରେ କୋଟି କୋଟି ହିନ୍ଦୁ ରହୁଛନ୍ତି। ଏମାନେ ଗୋମାତା ଭାବେ ଗାଈକୁ ପୂଜନ କରୁଛନ୍ତି। ତେଣୁ ଗୋହତ୍ୟାକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ସେ ଏଭଳି ପଦକ୍ଷେପ ନେଇଛନ୍ତି ବୋଲି କହିଛନ୍ତି।

### ପ୍ରଚାର ପ୍ରସାରରେ ଉଦଳା ବିଧାୟକ ଆଗୁଆ

## ତୋଷାମଦକାରୀଙ୍କୁ ନେଇ ଚାଲିଛି ବିକାଶର ବ୍ଲୁ ପ୍ରିଣ୍ଟ

ଉଦଳା, ୧୯।୨(ସମିସ)

ସାଧରଣ ନିର୍ବାଚନ ଶେଷ ହେବାର ୮ ମାସ ପୂରିଲାଣି। ଉଦଳା ନିର୍ବାଚନ ମଣ୍ଡଳୀରୁ ବିଧାୟକଭାବେ ଭାସ୍କର ମଢେଇ ୪ ଥର ନିର୍ବାଚିତ ହୋଇଛନ୍ତି। ତେବେ ୮ ମାସ ମଧ୍ୟରେ ତାଙ୍କର ରିପୋର୍ଟ କାର୍ଡ ଯଦି ବଚାରକୁ ନିଆଯାଏ, ତେବେ ବିକାଶ କୌଣସି ଆଖିଦୃଶିଆ ହୋଇନାହିଁ। ବିଧାୟକ କେବଳ ସ୍ୱାଗତ, ସମ୍ବର୍ଦ୍ଧନା ଏବଂ ଉଦ୍‌ଘାଟନରେ ବ୍ୟସ୍ତ ରହୁଥିବା ଲକ୍ଷ୍ୟ କରାଯାଇଛି। ଶ୍ରୀ ମଢେଇଙ୍କ ଚତୁର୍ଥ ପାଳି ତଥା ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ନେଇ ଅଧିକ ଉତ୍ସାହିତ ହୋଇ ପଡ଼ିଥିବା ବିଜେପି ସ୍ୱାଗତ, ସମ୍ବର୍ଦ୍ଧନା ଓ ଉଦଘାଟନ ମଧ୍ୟରେ ସୀମିତ ରହିଛି। ବିକଶିତ ଉଦଳାର ବ୍ଲୁ ପ୍ରିଣ୍ଟ ଏଯାଏ ତିଆରି ହୋଇପାରିନାହିଁ। ବଜେଡି ସରକାର ସମୟରେ ଯେଉଁ ପ୍ରକଳ୍ପ ବା ଯୋଜନା ଥିଲା ସେଗୁଡିକର କେବଳ ସ୍ମୃତିଚାରଣ କରାଯାଉଛି। ଏପରିକି ଉଦଳା ସହରର ଅତୁଲ ଛକ ଓ ଚକାଡୋଳା ଛକରେ ଏଲଇଡ଼ି ଲଗାଇ ପୂର୍ବ ସରକାରଙ୍କ ଯୋଜନକୁ ପ୍ରଦର୍ଶିତ ପୂର୍ବକ ନିଜର ଆତିଥ୍ୟ ଓ ଜିଲ୍ଲା ମନ୍ତ୍ରୀ ତଥା ଜିଲ୍ଲା ପ୍ରଶାସନର ବିଭିନ୍ନ ଚିରାଚରିତ କାର୍ଯ୍ୟକ୍ରମକୁ ଦିନରାତି ପ୍ରଦର୍ଶିତ କରି ସାଧାରଣରେ ଭ୍ରମ ସୃଷ୍ଟି କରାଯାଉଛି। କିଛି ବି ନୂଆ ଯୋଜନାର ପାଇଁ ଉଦ୍ୟମ ହେଉନାହିଁ। କେବଳ ବିଭିନ୍ନ ପ୍ରକଳ୍ପର ଅନୁଧ୍ୟାନ ଓ କରାଯିବାର ପ୍ରତିଶ୍ରୁତି ଅଞ୍ଚଳବାସୀଙ୍କୁ ଆଶ୍ୱସିତ ଏ ଯାଏ କରିପାରିନାହିଁ। ଶ୍ରୀ ମଢେଇ ୨୦୦୦, ୨୦୦୪, ୨୦୧୯ ଓ ୨୦୨୪ରୁ ଚତୁର୍ଥ ପାଳି ଆରମ୍ଭ କରିଛନ୍ତି। ଅଭିଜ୍ଞତା ଓ ବରିଷ୍ଠତା ଦୃଷ୍ଟିରୁ ମନ୍ତ୍ରୀ ପଦ ପାଇବା କଥା; କିନ୍ତୁ ତାଙ୍କୁ କୌଣସି ମନ୍ତ୍ରୀପଦ ନ ମିଳିବା ଉଦଳାବାସୀଙ୍କୁ ମଧ୍ୟ ନିରାଶ କରିଛି। ତେବେ ଏଥର ଡବଲ ଇଞ୍ଜିନ ସରକାର ହୋଇଥିବା ବେଳେ ଅଞ୍ଚଳର ବିକାଶ ନେଇ ଜନସାଧାରଣ ଅଧିକ ସମ୍ବେଦନଶୀଳ ହେବା ସ୍ୱାଭାବିକ। ତେବେ ରେଳ ସଂଯୋଗ, ନୂତନ ତଥା ଅତ୍ୟାଧୁନିକ ବସ ଟର୍ମିନାଲ, ସୋନ ବ୍ୟାରେଜ, ଉଦଳା ଉପଖଣ୍ଡ ଡାକ୍ତରଖାନାର ବିଶେଷଜ୍ଞ ନିଯୁକ୍ତି ସହ ସମସ୍ତ ଆଧୁନିକ ସୁବିଧା ସୁଯୋଗ ପ୍ରଦାନ, ଉଦଳାକୁ ପୌରାଞ୍ଚଳ ଘୋଷଣା, ଉଦଳା ମହାବିଦ୍ୟାଳୟକୁ ସ୍ୱୟଂଶାସିତ ଘୋଷଣା, ଶୀତଳ ଭଣ୍ଡାର ନିର୍ମାଣ, ଦେବକୁଣ୍ଡ, ସମୀବୃକ୍ଷ, କାଳ ଓ ସୋନେଇ ଡ୍ୟାମର ପର୍ଯ୍ୟଟନଭିତ୍ତିକ ଉନ୍ନତିକରଣ, କ୍ରୀଡାର ବିକାଶ ପାଇଁ ଆଧୁନିକ ଷ୍ଟାଡିୟମର ନିର୍ମାଣ ତଥା ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରିବା ଭଳି ଅନେକ ଆହ୍ୱାନ ରହିଛି। କେବଳ ବିଧାନସଭାରେ ସୋନ ବ୍ୟାରେଜ ଓ ଜାମୁଘାଟ ପୋଲ ପ୍ରସଙ୍ଗ ଉଥାପନ କରିଥିଲେ ହେଁ ଏହା ପୂର୍ବ ସରକାରଙ୍କ ସମୟରୁ ହିଁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେଣୁ ଉଦଳାରୁ ୪ ଥର ବିଧାୟକ ହୋଇଥିବା ଭାସ୍କର ମଢେଇ କୌଣସି ନୂଆ ଯୋଜନା ବା ବିକଶିତ ଉଦଳା ପାଇଁ ପଦକ୍ଷେପ କେବେ ନେବେ ସେ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ତିନିଟି କାର୍ଯ୍ୟ କାଳ ମଧ୍ୟରେ ସେମିତି ଆଖିଦୃଶିଆ କାର୍ଯ୍ୟ କରିପାରି ନଥିବା ବେଳେ ଶାସନ କ୍ଷମତାସୀନ ଦଳର ସଦସ୍ୟ ହେବା ନେଇ ଆଶା ରଖିଛନ୍ତି ଅଞ୍ଚଳବାସୀ। ତେବେ ଠିକାଦାରଙ୍କ ହାତବାରିସୀ ସାଜିଆସିଥିବା ବିଧାୟକ ଏଥର ଉଦଳାର ବିଭିନ୍ନ ରାଜନୈତିକ ଚାଟୁକାରଙ୍କ ଗହଣରେ ଉଦଳା ନିର୍ବାଚନ ମଣ୍ଡଳୀର କେତେ ବିକାଶ କରିବେ ତାହା ସମୟ ହିଁ କହିବ।



## ଆଧିପତ୍ୟ ପାଇଁ ଡାହାଣୀ ସଜାଇଦେଲେ

# ଦୁଇ ବର୍ଷ ହେଲା ଗାଁରୁ ବାସନ୍ଦ; ନିଆଁ, ପାଣି ବନ୍ଦ

କୋରାପୁଟ,୧୯।୨ (ସମିସ): ଗାଁ ତଥା ନିଜ ଅଞ୍ଚଳରେ ଆଧିପତ୍ୟ ଜାହିର୍ କରିବା ପାଇଁ ଗୋଟିଏ ନିରୀହ ଗରିବ ଆଦିବାସୀ ପରିବାରକୁ ଡାହାଣୀ ସଜେଇଦେଲେ। ଏମିତି ଅପପ୍ରଚାର କଲେ ଯେ ଗାଁଲୋକ ସେମାନଙ୍କ କଥାରେ ପଡ଼ି ଉକ୍ତ ପରିବାରର ୩ ସଦସ୍ୟଙ୍କୁ ସର୍ବସମ୍ମୁଖରେ ବିଷ୍ଠା ଖୁଆଇଲେ। ତେବେ ଏତେ ନିର୍ଯାତନା ଦେବା ପରେ ବି ମନ ମାନିଲାନି ଯେ ଉକ୍ତ ପରିବାରକୁ ଗାଁରୁ ବାସନ୍ଦ କରିଦେଲେ। ନିଆଁ, ପାଣି ସବୁ ବନ୍ଦ। ଗାଁ ନଳକୂଅରୁ

- ପରିବାରକୁ ବିଷ୍ଠା ଖୁଆଇଥିଲେ ଗ୍ରାମବାସୀ
- ଭତ୍ତାରୁ ବଞ୍ଚିତ ଦୃଷ୍ଟିବାଧିତ ସ୍ତ୍ରୀ

ପାଣି ନେବା ତ ଦୂରର କଥା, ପାଖ ମାଡ଼ିଲେ ବି ଗାଁ ଲୋକ ଦୂର୍‌ଦୂର୍ ମାର୍‌ମାର୍ କରୁଛନ୍ତି। ଆଜିର କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ) ଯୁଗରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ ବିସିଂହପୁର ପଞ୍ଚାୟତର ଖୁଟିଆପାଲା ଗ୍ରାମରେ ଘଟିଥିବା ଏଭଳି ଏକ ଲଜ୍ଜାଜନକ ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମାସେ କି ଦୁଇ ମାସ ନୁହେଁ, ଗ୍ରାମର ବୁଟୁ ଗୌଡ଼ଙ୍କ ପରିବାର ଗଲା ୨ବର୍ଷ ହେଲା ଏପରି ବାସନ୍ଦ ଜୀବନ ବିତାଇ ଆସୁଛନ୍ତି।



ନିଜର ଦୃଷ୍ଟିବାଧିତ ପତ୍ନୀଙ୍କୁ ଭତ୍ତା ମିଳୁନଥିବା ଅଭିଯୋଗ ନେଇ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଗୁହାରି କରିବାକୁ ଆସିଥିବା ବେଳେ ବୁଟୁ ତାଙ୍କର ଏହି ନିର୍ଯାତନାର କାହାଣୀ ବଖାଣିଛନ୍ତି।

ସୂଚନାନୁଯାୟୀ, ବୁଟୁ ପ୍ରଥମେ ବୈଦି ଗୌଡ଼ଙ୍କୁ ବିବାହ କରିଥିଲେ। କିନ୍ତୁ ବିବାହର ଦୀର୍ଘବର୍ଷ ପରେ ମଧ୍ୟ ତାଙ୍କର କୌଣସି ସନ୍ତାନସନ୍ତତି ନ ହେବାରୁ ସେ ବୈଦିଙ୍କ ସାନ ଭଉଣୀ ପଦ୍ମାବତୀକୁ ଦ୍ୱିତୀୟ ବିବାହ କରିଥିଲେ। ପଦ୍ମାବତୀଙ୍କ ବର୍ତ୍ତମାନ ଗୋଟିଏ ୫ବର୍ଷର ପୁଅ ଥିବା ବେଳେ ସେ ଏବେ ପୁଣି ୭ ମାସର ଗର୍ଭବତୀ ଅଛନ୍ତି। ବୁଟୁ ଜଣେ ନାମମାତ୍ର ଚାଷୀ। ନିଜସ୍ୱ ସ୍ୱଳ୍ପ ଜମିରେ ଚାଷ କରି ପରିବାର ଚଳାନ୍ତି। କିଛି ବର୍ଷ ପୂର୍ବରୁ କୌଣସି କାରଣକୁ ନେଇ ଗ୍ରାମର କେତେକ ମୁଷ୍ଟିମେୟ ଲୋକଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଉକ୍ତ ଗୋଷ୍ଠୀ ନିଜ ଆଧିପତ୍ୟ ଦେଖାଇବାକୁ ଯାଇ ଦୁଇ ବର୍ଷ ତଳେ ବୁଟୁକୁ ଗୁଣିଆ ଓ ତାଙ୍କ ପ୍ରଥମ ପତ୍ନୀ ବୈଦିକୁ ଡାହାଣୀ ସଜେଇ ଦେଇଥିଲେ। ଦୁହିଁଙ୍କ ନାଁରେ ଅପପ୍ରଚାର କରି ଗାଁ ଦାଣ୍ଡରେ ସେମାନଙ୍କୁ ବିଷ୍ଠା ଖୁଆଇଥିଲେ। ଏହାସହ ସେହି ଦିନରୁ ସେମାନଙ୍କୁ ପାଣି, ନିଆଁ ସବୁ ବାରଣ କରିଥିଲେ। ଆଜି ମଧ୍ୟ ତାଙ୍କ ପରିବାରକୁ ଗାଁ ନଳକୂଅରୁ ପାଣି ନେବା ମନା କରାଯାଉଛି ବୋଲି ବୁଟୁ ଗୌଡ଼ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ପୂର୍ବରୁ ଦିବ୍ୟାଙ୍ଗ ଭତ୍ତା ପାଉଥିଲେ। କିନ୍ତୁ ସ୍ଥାନୀୟ ସରପଞ୍ଚ ଓ ୱାର୍ଡ ସଭ୍ୟ ତାକୁ ମଧ୍ୟ ବନ୍ଦ କରିଦେଇଥିବା ଜିଲ୍ଲାପାଳଙ୍କ ନିକଟରେ ବୁଟୁ ଅଭିଯୋଗ କରିଛନ୍ତି।

# ସ୍କୁଲ ପାଚେରି ପଡ଼ି ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

କଣ୍ଟାପଡ଼ା, ୧୯।୨ (ସମିସ): ନୋଦା ସରକାରୀ ପ୍ରାଥମିକ ସ୍କୁଲର ପାଚେରି ଭାଙ୍ଗିପଡ଼ିବାରୁ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଛାତ୍ରଜଣକ ହେଲେ, ଗୋବିନ୍ଦପୁର ଥାନା ଡିମିରି ପଞ୍ଚାୟତ ଅରିଶୋଳ ଗ୍ରାମ ଶିଶିର ଭୋଇଙ୍କ ଏକମାତ୍ର ପୁତ୍ର ସାଇସ୍ୱରୂପ ଭୋଇ। ସବୁଦିନ ଭଳି ସାଇ ଆଜି ସ୍କୁଲ ଯାଇଥିଲେ। ଖେଳ ଛୁଟିରେ ସହପାଠୀଙ୍କ ସହ ଖେଳୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସେ ସ୍କୁଲ ପାଚେରି ନିକଟରେ ଛିଡ଼ା ହୋଇଥିବା ବେଳେ ହଠାତ ପାଚେରିଟି ତାଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ସହପାଠୀଙ୍କ ଚିତ୍କାର ଶୁଣି ମଧ୍ୟାହ୍ନ ଭୋଜନ ପାଚିକା, ଶିକ୍ଷୟିତ୍ରୀ ଓ ସ୍କୁଲ ନିକଟ ରାସ୍ତା ଦେଇ ଯାଉଥିବା ବ୍ୟକ୍ତିମାନେ ତାଙ୍କୁ ଉଦ୍ଧାର କରି ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ହେଲେ କଟକରେ ପହଞ୍ଚିବା ପରେ ଡାକ୍ତର ସାଇଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଏହି ଖବର ପ୍ରଚାରିତ ହେବା ପରେ ସହପାଠୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ମୃତ ଛାତ୍ରଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ, ସ୍କୁଲ ପ୍ରଧାନ ଶିକ୍ଷକ ଓ ପାଚେରି ନିର୍ମାଣ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଗିରଫ ଦାବିରେ ଅଞ୍ଚଳବାସୀ ଅଡଶପୁର-ସିଠାଳ ରାସ୍ତାରେ ଟାୟାର୍ ଜାଳି ଧାରଣାରେ ବସିଥିଲେ। ଘଟଣାସ୍ଥଳରେ କଣ୍ଟାପଡ଼ା ଅତିରିକ୍ତ ତହସିଲଦାର ପ୍ରିୟଦର୍ଶିନୀ ବଳ, ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ



କିରନ୍ ହେମ୍ବ୍ରମ, ଗୋବିନ୍ଦପୁର ଥାନା ଅଧିକାରୀ ସୋନିଲା ଆନନ୍ଦ ଓ ଡିମିରି ଫାଣ୍ଡି ଅଧିକାରୀ ଦୁର୍ଯ୍ୟୋଧନ ସେଠୀ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୧୯।୨(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୪ଟା ୨୫ରେ ଦ୍ୱିପ୍ରହର ଧୂପ ସରିବା ପରେ ମଇଲମ, ତଡ଼ପଲାଗି ହୋଇ ସନ୍ଧ୍ୟା ସାଢ଼େ ୫ଟାରେ ପହୁଡ଼ ଆଳତି ବଢ଼ିଥିଲା। ଏହାପରେ ୫ଟା ୪୫ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ପୂର୍ବତନ ଆର୍‌ଆଇଙ୍କୁ ୩ବର୍ଷ ଜେଲ୍

ଭବାନୀପାଟଣା, ୧୯।୨(ସମିସ): ଲାଞ୍ଚ ନେବା ମାମଲାରେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡାର ପୂର୍ବତନ ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ବରାଡ଼ଙ୍କୁ ୩ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ୨୦୨୧ରେ ଜମି ଡିମାର୍କେସନ୍ ରିପୋର୍ଟ କରାଇଦେବା ପାଇଁ ସେ ୨ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଉକ୍ତ ମାମଲାର ଆଜି ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରିନାରାୟଣ ନନ୍ଦ ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

■ ଓଜନ ମାପ ଠକେଇ

## ୫ ବର୍ଷରେ ଧରା ପଡ଼ିଛନ୍ତି ୩୬ ସୁନା ବ୍ୟବସାୟୀ

ଭୁବନେଶ୍ୱର,୧୯।୨(ସମିସ): ଗତ ୫ବର୍ଷ ଭିତରେ ୩୬ ଜଣ ସୁନା ବ୍ୟବସାୟୀ ଓଜନ ମାପ ଠକେଇରେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ୪ଲକ୍ଷ ୯୭ହଜାର ୫୦୦ ଟଙ୍କାର ଜରିମାନା ବାବଦକୁ ଅର୍ଥ ଆଦାୟ କରାଯାଇଛି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ପ୍ରଦାନ କରିଛନ୍ତି। ୮ଜଣ ବଡ଼ ବ୍ୟବସାୟୀ ନକଲି ହଲମାର୍କରେ ସୁନା ବିକ୍ରି କରୁଥିବା ଅଭିଯୋଗରେ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଲାଇସେନ୍ସ ବାତିଲ କରାଯାଇଛି। ଜଣଙ୍କ ବିରୋଧରେ ଠକେଇ ମାମଲା ରୁଜୁ କରାଯାଇଛି। ବିଧାନସଭାରେ ଏନେଇ ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ପ୍ରଶ୍ନ କରିଥିଲେ। ଗତ ୫ବର୍ଷରେ କେଉଁ ସୁନା ଗହଣା ଦୋକାନରେ ମାନକ ଓ ମାପକରେ ତ୍ରୁଟି ଧରାଯାଇଛି ଏବଂ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ, ସେ ସମ୍ପର୍କରେ ବିଧାୟକ ପ୍ରଶ୍ନ କରିଥିଲେ। ମନ୍ତ୍ରୀଙ୍କ ସୂଚନା ମୁତାବକ, କିଛି ଦୋକାନୀ ଓଜନ ମାପରେ ଠକେଇ କରୁଛନ୍ତି। ସରକାର ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ନକଲି ବିଦେଶୀ ମଦ କାରଖାନା ଠାବ

ଭବାନୀପାଟଣା/ଜୟପାଟଣା, ୧୯।୨(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ମୁଖୀଗୁଡ଼ାରେ ଅବକାରୀ ବିଭାଗ ଏକ ନକଲି ବିଦେଶୀ ମଦ ତିଆରି କାରଖାନା ଠାବ କରିବା ସହ ମଦମାଫିଆ ମୁଖୀଗୁଡ଼ା ଗାଁର କ୍ଷମା ସାହୁ(୩୭) ଓରଫ୍ ଖୁସିରାମକୁ ଗିରଫ କରିଛି। ଟଏଲେଟ କ୍ଲିନର୍, ଏସିଡ୍,

- ଫିନାଇଲ, ଏଡିସ୍ ଟଏଲେଟ କ୍ଲିନରରୁ ପ୍ରସ୍ତୁତ ହେଉଥିଲା
- ଅଭିଯୁକ୍ତ ମଦ ମାଫିଆ ଗିରଫ
- ପୂର୍ବରୁ ମଧ୍ୟ ଗିରଫ ହୋଇଥିଲା

ଫିନାଇଲ ଭଳି କେମିକାଲକୁ ପ୍ରୟୋଗ କରି ଏଠାରେ ମଦ ପ୍ରସ୍ତୁତ ହେଉଥିଲା ବୋଲି ଜଣାଯାଇଛି। ତା' ଘରୁ ବିଭିନ୍ନ ବ୍ରାଣ୍ଡର ୯୮.୩୫୦ ଲିଟର ନକଲି ମଦ, ୧୫୩ ଲିଟର ବିଅର, ୨୩୮ ଲେବଲ, ମଦ ତିଆରି ସାମଗ୍ରୀ ସହ ବିଭିନ୍ନ ବ୍ରାଣ୍ଡର ୨୪୪୧ ଖାଲି ମଦ ବୋତଲ ଜବତ ହୋଇଛି। ଆଜିର ଏହି ଚଢ଼ଉରେ ଧର୍ମଗଡ଼ ରେଞ୍ଜ ଇନ୍ସପେକ୍ଟର୍ ସୁଧାଂଶୁ ମୁଣ୍ଡା, ଓଆଇସି ପ୍ରତିମା ବେହେରା, ଜୟପାଟଣା ଅବକାରୀ ଓଆଇସି ନରେନ୍ଦ୍ର ମିଞ୍ଜଙ୍କ



ସହ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଅବକାରୀ ବିଭାଗର ସୂଚନାନୁଯାୟୀ, ଦୀର୍ଘ ଦିନ ହେଲା ଏଠି ମଦ ପ୍ରସ୍ତୁତ ହୋଇ ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ ହେଉଥିଲା। ୨୦୨୧ରେ ମଧ୍ୟ ଖୁସିରାମ ଏକ ଅବକାରୀ ମାମଲାରେ ଗିରଫ ହୋଇଥିଲା। ଅବକାରୀ ବିଭାଗ କହିଛି ଯେ, ବିଭିନ୍ନ ନାମୀଦାମୀ ବ୍ରାଣ୍ଡ ବୋତଲରେ ଭର୍ତ୍ତି କରି ଓରିଜିନାଲ ଲେବଲ ଲଗାଇ ବିକ୍ରି ହେଉଥିଲା। କିଭଳି ଭାବେ ଅଭିଯୁକ୍ତ ମଦ ପ୍ରସ୍ତୁତ କରୁଥିଲେ ଆଉ କେଉଁଠାରୁ ବିଭିନ୍ନ ବ୍ରାଣ୍ଡର ମଦ ବୋତଲ ଓ ଲେବଲ ପାଉଥିଲେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ହାଇକୋର୍ଟରେ ପ୍ରାଥମିକ ବିଦ୍ୟାଳୟର ମୌଳିକ ସମସ୍ୟା ପ୍ରସଂଗ

# ୭୩୮୦ ବିଦ୍ୟାଳୟରେ ଶିକ୍ଷକ-ଛାତ୍ର ଅନୁପାତ କମ୍

କଟକ,୧୯।୨(ସମିସ): ରାଜ୍ୟର ବିଭିନ୍ନ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ମୌଳିକ ସମସ୍ୟା ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରାଥମିକ ବିଦ୍ୟାଳୟ ଗୁଡିକର ମୌଳିକ ଆବଶ୍ୟକତା ଓ ଉପଲବ୍ଧ ଭିତ୍ତିଭୂମି ସମ୍ପର୍କିତ ତଥ୍ୟ ରାଜ୍ୟ ସରକାରଙ୍କ ୱେବସାଇଟରେ ସାର୍ବଜନୀନ

**୨୪୬୧୧ ବିଦ୍ୟାଳୟର ତଥ୍ୟ ୱେବସାଇଟରେ ଉପଲବ୍ଧ**

ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଥିବା ୪୭ହଜାରରୁ ଅଧିକ ବିଦ୍ୟାଳୟ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୪୬୧୧ବିଦ୍ୟାଳୟର ତଥ୍ୟ ୱେବସାଇଟରେ ଉପଲବ୍ଧ କରାଯାଇଛି। ଏଥିମଧ୍ୟରେ ୭୩୮୦ ବିଦ୍ୟାଳୟରେ ଶିକ୍ଷକ-ଛାତ୍ରଙ୍କ ଅନୁପାତ ଧାର୍ଯ୍ୟ ନିୟମାବଳୀ ଅନୁସାରେ ରହିନାହିଁ ବୋଲି ଆମିକସକ୍ୟୁରୀଙ୍କ ପକ୍ଷରୁ ଜବାବ ରଖାଯାଇଛି। ସେହିଭଳି ୯୩ଟି ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ ନଥିବା ବେଳେ ୧୦୮୭ବିଦ୍ୟାଳୟରେ ଖେଳପଡିଆ ନାହିଁ। ୧୨ଟି ବିଦ୍ୟାଳୟରେ ବାଳକ ଓ ବାଳିକାଙ୍କ ପାଇଁ ପୃଥକ ଶୌଚାଳୟ ନଥିବା ଜଣାପଡ଼ିଛି। ରାଜ୍ୟରେ ୬ରୁ ୧୪ ବର୍ଷର ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନର ବ୍ୟବସ୍ଥା ରହିଛି। ତେବେ ପରବର୍ତ୍ତୀ ଶୁଣାଣି ସମୟରେ ଏହି ପ୍ରସଂଗରେ ଅବଗତ କରାଇବାକୁ କହିଛନ୍ତି ଅଦାଲତ। ହାଇକୋର୍ଟ ଆଇନ ସେବା କମିଟି ପକ୍ଷରୁ ଦାୟର ଏହି ଜନସ୍ୱାର୍ଥ ସମ୍ବଳିତ ଆବେଦନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୧୨ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଆମିକସକ୍ୟୁରୀ ଭାବେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ଏହି ମାମଲା ପରିଚାଳନା କରୁଛନ୍ତି।

ମାମଲାରୁ ପ୍ରକାଶ ଯେ ବିଭିନ୍ନ ବିଦ୍ୟାଳୟରେ ମୌଳିକ ସୁବିଧା ତଥା ପାନୀୟ ଜଳ, ବାଳକ ଓ ବାଳିକାଙ୍କ ପାଇଁ ପୃଥକ ଶୌଚାଳୟ, ଶ୍ରେଣୀଗୃହ ନିର୍ମାଣ, ଡେସ୍କ ବେଞ୍ଚ, ବ୍ଲାକବୋର୍ଡ, ଲାଇଟ ଓ ପଙ୍ଖା ସହ ଖେଳପଡିଆ ନଥିବା ଓ ଛାତ୍ର-ଶିକ୍ଷକ ଅନୁପାତ କେତେକ ବିଦ୍ୟାଳୟରେ ଠିକ ନଥିବା ପ୍ରସଂଗରେ ଏହି ମାମଲା ଦାୟର ହୋଇଥିଲା।


**ୟୁନିୟନ ବୈଂକ ଅଫ଼ ଇଣ୍ଡିଆ Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର**
୧ମ ମହଲା, ବାଲାଜୀ ମିତ୍ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪, ଜିଲ୍ଲା: ସମ୍ବଲପୁର, ଓଡ଼ିଶା

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୮.୦୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମରେ) |
|---|---|---|---|
| **ଆଇ ଜି ମାର୍କେଟ ବୁର୍ଲା (୦୦୫୫୧), ଡେଲି ମାର୍କେଟ ମେନ୍ ରୋଡ ନିକଟ, ବୁର୍ଲା, ସମ୍ବଲପୁର - ୭୬୮୦୨୮** | | | |
| ୧. | ଜଳନ୍ଧର ସୁନା, ବିଷ୍ଣୁମନ୍ଦିର ପଡା, ବୁର୍ଲା, ସମ୍ବଲପୁର, ଓଡ଼ିଶା / ୦୫୫୧୬୫୪୦୦୦୧୩୪୬ | ଟ.୨୮,୪୨୫.୮୨ + ସେବାବଦ ସୁଧ | ୬.୦୦ |
| ୨. | ରମେଶ କୁମାର ଅଗ୍ରୱାଲ, ମାର୍ଫତ: ଆର.କେ. କଲେକ୍ସନ, ଏନ୍‌ଏସି ଅଫିସ୍ ନିକଟ, ବୁର୍ଲା, ସମ୍ବଲପୁର / ୦୫୫୧୬୫୪୦୦୦୦୮୭୨ | ଟ.୩୭,୯୩୩/- + ସେବାବଦ ସୁଧ | ୮.୨୦ |
| ୩. | ଧରମ ବାଣ୍ଡୋର, ସା: ଡାଇଲୁ ୱାର୍ଡ ନିକଟ, ବୁର୍ଲା, ପୋ: ବୁର୍ଲା, ଥାନା: ବୁର୍ଲା, ସମ୍ବଲପୁର / ୦୦୫୫୧୬୫୪୦୦୦୦୪୯୩ | ଟ.୩୩,୬୨୪/- + ସେବାବଦ ସୁଧ | ୮.୦୦ |
| ୪. | ହୃଦାନନ୍ଦ ଓଝା, ପିତା: ୰ ଯୋଗୀ ଓଝା, ସା: ବୋର୍ଡ କଲୋନୀ, ବୁର୍ଲା, ପୋ/ଥାନା: ବୁର୍ଲା / ୦୦୫୫୧୬୫୪୦୦୦୦୮୬୭ | ଟ.୨୭,୦୬୦/- + ସେବାବଦ ସୁଧ | ୭.୦୦ |
| ୫. | ମୁକ୍ତା କୁମାର, ପିତା: ଭଦ୍ରି କୁମାର, ସା: କଚା କଲୋନୀ, ଚିପିଲିମା, ବୁର୍ଲା / ୦୦୫୫୧୬୫୪୦୦୦୦୬୬୨ | ଟ.୪୨,୫୨୬.୯୬ + ସେବାବଦ ସୁଧ | ୧୦.୫୦ |
| ୬. | ସଞ୍ଜିବ କୁମାର ରାଉତ, ପିତା: ଚଣ୍ଡେଶ୍ୱର ରାଉତ, ସା: ବସନ୍ତ ବିହାର, କଣ୍ଟ୍ରାକ୍ଟରସ କଲୋନୀ, ପୋ: ବୁର୍ଲା / ୦୦୫୫୧୬୫୪୦୦୦୦୭୮୭ | ଟ.୮,୮୩୯.୪୫ + ସେବାବଦ ସୁଧ | ୨.୦୦ |
| ୭. | ଶିବନାଥ ସୁନା, ମାର୍ଫତ: ୰ ସଇରୀ ସୁନା, ସା: ଗାନ୍ଧିପଡା, ପୋ: ବୁର୍ଲା, ଜିଲ୍ଲା: ସମ୍ବଲପୁର / ୦୦୫୫୧୬୫୪୦୦୦୦୯୦୫ | ଟ.୪୮,୯୩୭/- + ସେବାବଦ ସୁଧ | ୧୧.୦୦ |
| ୮. | ସରସ୍ୱତୀ ସାହୁ, ପାଣିଟାଙ୍କି ପଡା, ବୁର୍ଲା / ୦୦୫୫୧୬୫୪୦୦୦୦୭୭୧ | ଟ.୯୦,୭୪୯/- + ସେବାବଦ ସୁଧ | ୨୦.୦୯ |
| **ବରେଇପାଲି (୭୨୮୮୦) ମୌଜା ନଂ.: ୧୨, ରେମେଡ ଛକ, ମେନ୍ ରୋଡ, ପୋ: ବରେଇପାଲି, ସମ୍ବଲପୁର-୭୬୮୦୦୮** | | | |
| ୧. | ମିହିର କୁମାର ଶତପଥି, ବରେଇପାଲି, ବଂଶୀଧର ନଗର, କେଏମ୍‌ଜେ ହସ୍ପିଟାଲ ନିକଟ, ସମ୍ବଲପୁର - ୭୬୮୦୦୬ / ୭୨୮୮୦୬୫୪୦୦୦୦୨୭୫ | ଟ.୧,୧୪,୫୪୭/- + ସେବାବଦ ସୁଧ | ୨୨.୦୦ |
| **ଭଟଲି ଛକ (୨୮୬୮୧), ପିଏଲଡି ଏନ୍‌ଏଚ୍-୬, ଭଟଲି ଛକ, ବରଗଡ-୭୬୮୦୩୫** | | | |
| ୧. | ସଞ୍ଜୟ କୁମାର ତାଣ୍ଡି, ପିତା: ସଗୁନୁ ତାଣ୍ଡି, ସା/ପୋ: ଧାଙ୍ଗର, ଥାନା: ବରଗଡ / ୨୮୬୮୧୬୫୪୦୦୦୦୮୯୮ | ଟ.୨୯,୯୫୩/- + ସେବାବଦ ସୁଧ | ୬.୨୦ |
| ୨. | ଅମରନାଥ ଭଗତ, ୱାର୍ଡ ନଂ.: ୧୨, ବରଗଡ / ୨୮୬୮୧୬୫୪୦୦୦୦୪୫୪ | ଟ.୬୫,୬୦୨/- + ସେବାବଦ ସୁଧ | ୧୪.୦୦ |
| **ଦେବଗଡ (୨୩୯୮୧), ପ୍ଲଟ୍ ନଂ.: ୩୩୫୦/୪୪୮୭ ନିକଟ, ମେନ୍ ମାର୍କେଟ ହସ୍ପିଟାଲ ରୋଡ, ଦେବଗଡ-୭୬୮୧୩୫** | | | |
| ୧. | ବାସନ୍ତୀ ନାୟକ, ସ୍ୱାମୀ: ଅଜୟ ନାୟକ, ସା/ପୋ: ଜାମୁନାଳି କଲୋନୀ, ଗୁରା ଡ୍ୟାମ, ଦେବଗଡ / ୨୩୯୮୧୬୫୪୦୦୦୦୦୯୬ | ଟ.୧୭,୨୯୨.୩୦ + ସେବାବଦ ସୁଧ | ୩.୭୫ |
| **ଝାରସୁଗୁଡା (୩୫୪୦୦), ମାର୍ଫତ: ଭୂଷଣ ଷ୍ଟିଲ୍ ଲିମିଟେଡ୍, ଥେଲକୋଲି - ୭୬୮୨୦୧** | | | |
| ୧. | ମନୋଜ କୁମାର ଜୟପୁରିଆ, ପିତା: ଶ୍ରୀ ବୈକୁଣ୍ଠ ଜୟପୁରିଆ, ସା: କୁଣ୍ଡୁରସିଂହା, ଝାର୍ଲାପାଲି, କୋଲାବିରା, ଜିଲ୍ଲା: ଝାରସୁଗୁଡା - ୭୬୮୨୧୩ / ୩୫୪୦୦୬୫୪୦୦୦୦୦୦୫ | ଟ.୫୦,୭୫୦/- + ସେବାବଦ ସୁଧ | ୧୨.୮୦ |
| ୨. | ସଞ୍ଜୁଲତା ଛତ୍ରାଣ, ସ୍ୱାମୀ: ଶ୍ରୀ କୈଳାସ ଛତ୍ରାଣ, ସା: ଡାଲମାଲ, ପୋ: ଡାଲମାଲ, ଝାରସୁଗୁଡା / ୩୫୪୦୦୬୫୪୦୦୦୦୦୨୩ | ଟ.୧୫,୧୫୯/- + ସେବାବଦ ସୁଧ | ୩.୭୬ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୧,୦୦୦/- ଅମାନତ ଆକାରରେ ଜମା ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ନିଶ୍ଚିତୀକରଣ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ: ସମ୍ବଲପୁର
ତାରିଖ: ୧୯.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ମଣ୍ଡିରେ ପଡ଼ିଛି ହଜାର ହଜାର କ୍ୱିଣ୍ଟାଲ ଧାନ

## ମିଲର୍ସ ଆସୁନାହାନ୍ତି / ଦିନରାତି ମଣ୍ଡିରେ ଅଧିଆ ପଡ଼ିଛି ଚାଷୀ

ଚନ୍ଦାହାଣ୍ଡି,୧୯।୨(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ ଧାନମଣ୍ଡି ଚାଷୀଙ୍କ ଚିନ୍ତା ବଢ଼ାଇଛି। ବ୍ଲକ୍‌ର ଚିଲଗାଁ, ଶରଧାପୁର, ପୂଜାରୀଗୁଡା, ସିନାପାଲି, କୋଇଲିମୁଣ୍ଡା ଓ ଚନ୍ଦାହାଣ୍ଡି ଆଦି ଧାନମଣ୍ଡିରେ ମାସେରୁ ଊର୍ଦ୍ଧ୍ୱ ସମୟ ହେଲା ହଜାରହଜାର କୁଇଣ୍ଟାଲ ଧାନ ପଡ଼ି ରହିଛି। ମିଲର୍‌ମାନଙ୍କ ମନମାନି ଯୋଗୁଁ ନିୟମିତ ବ୍ୟବଧାନରେ ଗାଡ଼ି ଆସୁନଥିବାରୁ ମଣ୍ଡିରୁ ଧାନ ଉଠିପାରୁନାହିଁ। ଫଳରେ ଦିନକୁ ଦିନ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଚାଷୀ ଦିନରାତି ଭୋକଉପାସରେ ମଣ୍ଡିରେ ଅଧିଆ ପଡ଼ି ନିଜ ଧାନକୁ ଜଗି ରହିଛି। ପ୍ରାରମ୍ଭରୁ ବ୍ଲକ୍‌ର ୬ଗୋଟି ମଣ୍ଡିକୁ ଟାର୍ଗେଟ ମିଳିଥିଲେ ମଧ୍ୟ ସେହି ଅନୁସାରେ ଧାନ ଉଠୁନାହିଁ। ମାସେ ପରେ ବି କାଁଭାଁ ଗୋଟିଏ କିମ୍ବା ଦୁଇଟା ଗାଡ଼ିରେ ଧାନ ଉଠୁଛି। ଅନ୍ୟପଟରେ ମଣ୍ଡିରୁ ଧାନ ଉଠୁନଥିବାରୁ ଟୋକେନ ଉଡ଼ିଯିବା ଭୟ ସେମାନଙ୍କୁ ବିଚଳିତ କରୁଛି ବୋଲି ଚାଷୀମାନେ କହିଛନ୍ତି। ଏହାକୁ ନେଇ ଚାଷୀମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି।



ରାଜ୍ୟ ଯୋଗାଣ ମନ୍ତ୍ରୀ କଟନୀଛଟନୀ ବନ୍ଦ କରିବା ସହ କୌଣସି ଅବ୍ୟବସ୍ଥା ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହୁଥିବା ବେଳେ ଏହି ବ୍ଲକର ୬ ଗୋଟି ମଣ୍ଡିରେ ବସ୍ତା ପିଛା କେଉଁଠି ୪ କେଜି ତ ଆଉ କେଉଁଠି ୫ କେଜି ଧାନ କଟନୀଛଟନୀ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଏନେଇ ଅଭିଯୋଗ କଲେ ବି ପ୍ରଶାସନ କିମ୍ବା ନିର୍ବାଚିତ ଜନପ୍ରତିନିଧି ସେମାନଙ୍କ କଥା ଶୁଣୁନାହାନ୍ତି। ଏ ସମ୍ପର୍କରେ ଚନ୍ଦାହାଣ୍ଡି ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ବାବୁଲା ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ପ୍ରାୟ ମାସେ ହେଲା ଅଞ୍ଚଳର ବିଭିନ୍ନ ମଣ୍ଡିରେ ୩୨୮୧୭.୨୯ କୁଇଣ୍ଟାଲ ଧାନ ପଡ଼ି ରହିଛି। ଦୀର୍ଘ ଦିନ ଧରି ଧାନ ମଣ୍ଡିରେ ପଡ଼ିବା ଓ ଗ୍ରୀଷ୍ମ ଋତୁ ଆରମ୍ଭ ହେଉଥିବାରୁ ବସ୍ତା ପିଛା ଧାନ ଶୁଖିକି କମ ଓଜନ ହୋଇଯାଇଥିବା ଆଳ କରି ମିଲର୍ସମାନେ ଧାନ ଉଠାଇବାକୁ କୁଣ୍ଠାବୋଧ କରୁଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ମଣ୍ଡିରୁ ତୁରନ୍ତ ଧାନ ଉଠାଇବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ
୧୮/୧, ଅଇଁଠାପାଲି ରୋଡ୍, ସମ୍ବଲପୁର,
ଫୋନ୍: ୦୬୬୩-୨୫୪୦୬୪୦

**ଦଖଲ ନୋଟିସ୍**
ପରିଶିଷ୍ଟ-୪[ରୁଲ ୮(୧)]

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ, ଆଇନଗତ ଖର୍ଚ୍ଚ, ଆଇନଗତ ଦେୟ ଇତ୍ୟାଦି ନୋଟିସ୍ ପ୍ରାପ୍ତି ତାରିଖଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ୟୁକୋ ବ୍ୟାଙ୍କର ବ୍ରଜରାଜନଗର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ବ୍ରଜରାଜନଗର ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଇତେଖାବ ଆଲମ,** ପିତା: ୰ ଅବଦୁଲ କାୟୁମ, ରେହେମତ ନଗର, ପୋ/ଥାନା: ବେଲପାହାଡ, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୧୭ | ଟ.୧,୨୯,୩୪୦.୮୯ (୩୦.୦୫.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | ୦୮.୧୧.୨୦୨୪ / ୧୫.୦୨.୨୦୨୫ | ଇତେଖାବ ଆଲମ ଏବଂ ମୁସାରତ ପରବିନଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବେଲପାହାଡ, ଥାନା: ବେଲପାହାଡ, ଜିଲ୍ଲା: ଝାରସୁଗୁଡା, ଏମ୍‌ଏସ୍ ଖାତା ନଂ.: ୧୬୧/୨୮୪୨, ଏମ୍‌ଏସ୍ ପ୍ଲଟ୍ ନଂ.: ୩୩୬/୧୫୦୨୭, କ୍ଷେତ୍ର: ଏକର୦.୦୬୨ ଡିସିମିଲି |
| **ଋଣଗ୍ରହୀତା: ଶ୍ରୀ ରଞ୍ଜନ କୁମାର ପଣ୍ଡା,** ପିତା: ମୁକ୍ତେଶ୍ୱର ପଣ୍ଡା, ସା: ନୂଆଡିହି, ରଣ ଘୋରା, ପୋ: ବ୍ରଜରାଜନଗର, ଜିଲ୍ଲା: ବ୍ରଜରାଜନଗର, ପିନ୍-୭୬୮୨୧୬ | ଟ.୯,୫୨,୭୧୦.୪୩ (୩୦.୦୬.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | ୦୮.୧୧.୨୦୨୪ / ୧୫.୦୨.୨୦୨୫ | **ଶ୍ରୀ ନରେନ୍ଦ୍ର ପଣ୍ଡା,** ପିତା: ମୁକ୍ତେଶ୍ୱର ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.: ୨, ଜିଲ୍ଲା: ଝାରସୁଗୁଡା, ଖାତା ନଂ.: ୬୨୧/୨୭୪, ପ୍ଲଟ୍ ନଂ.: ୮୩/୮୦୭୮, କ୍ଷେତ୍ର: ଏକର୦.୦୫୦ ଡିସିମିଲି |
| **ଋଣଗ୍ରହୀତାମାନେ: ୧) ମେସର୍ସ ଫେସନ୍ ହାଉସ୍, ସ୍ୱତ୍ୱାଧିକାରୀ: ଶ୍ରୀ ତରୁଣ କୁମାର ସାଲୁଜା,** ବାହାଦୁରପଡା, ମେନ୍ ରୋଡ, ପଞ୍ଚାୟତ ହାଇ ସ୍କୁଲ ନିକଟ, ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୧୬, **୨) ମେସର୍ସ ସେବା ସଦନ, ସ୍ୱତ୍ୱାଧିକାରୀ: ଶ୍ରୀ ମହେନ୍ଦ୍ର ପାଲ ସାଲୁଜା,** ଗୁରୁଦ୍ୱାରା ଗଳି, ମେନ୍ ରୋଡ, ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୧୬ | ଟ.୨୭.୦୮.୨୯୭.୫୦ (୩୦.୦୬.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | ୧୮.୧୧.୨୦୨୪ / ୧୫.୦୨.୨୦୨୫ | **ଶ୍ରୀ ମହେନ୍ଦ୍ର ପାଲ ସାଲୁଜା,** ପିତା: ଗୋବିନ୍ଦ ସିଂହ ସାଲୁଜା, ବାହାଦୁରପଡା, ମେନ୍ ରୋଡ, ପଞ୍ଚାୟତ ହାଇ ସ୍କୁଲ ନିକଟ, ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୧୬ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବ୍ରଜରାଜନଗର ଟାଉନ୍ ୟୁନିଟ୍ ନଂ.: ୧, ଜିଲ୍ଲା: ଝାରସୁଗୁଡା, ଖାତା ନଂ.: ୬୧୦/୧୬୩, ପ୍ଲଟ୍ ନଂ.: ୧୬୨୩/୫୫୧୩, କ୍ଷେତ୍ର: ଏକର୦.୦୭୭ ଡିସିମିଲି |

ସ୍ଥାନ: ସମ୍ବଲପୁର
ତାରିଖ: ୧୯.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

## ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ




ପିଙ୍ଗୁ,୧୯।୨(ସମିସ): ମେଘାସନ ସ୍ୱାତକ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି । ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ବୁଧବାର ଉଦ୍‌ଯାପିତ ହୋଇଛି । ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଶିବରି ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଦିବସରେ ଅଧ୍ୟକ୍ଷ ସଭାପତିତ୍ୱ କରିଥିବାବେଳେ ସମସ୍ତ ଅଧ୍ୟାପକ ଉପସ୍ଥିତ ଥିଲେ । ପ୍ରଶାସନିକ ଅଧିକାରୀ ଡ଼ଃ ନିରଞ୍ଜନ ପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇତିହାସ ବିଭାଗର ମୁଖ୍ୟ ସରୋଜ କୁମାର ମହାନ୍ତି, ଇଂରାଜୀ ବିଭାଗର ମୁଖ୍ୟ ଫନୀ ଭୂଷଣ ପୁଥାଳ ଭାରତୀୟ ନାରୀ କେବେବବି ଅବଳା ଦୁର୍ବଳା, ଉପେକ୍ଷିତା କିମ୍ବା ଅଶିକ୍ଷିତା ନ ଥିଲେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ୭୬ ଜଣ ଛାତ୍ରୀ ତାଲିମ ନେଇଥିଲେ । ମାଷ୍ଟ୍ରର ଟ୍ରେନର ଭାବରେ ଚମ୍ପାବତୀ ହେମ୍ବ୍ରମ ଓ ପଲ୍ଲବୀ ନାୟକ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜିକା ସ୍ୱାତୀ ସୁଚରିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏମ୍‌ସିଏମ୍‌ରେ ମୁଟ୍ କୋର୍ଟ ଗୃହ ଉଦ୍‌ଘାଟିତ



ବାରିପଦା, ୧୯ ।୨(ସମିସ): ବୁଧବାର ବାରିପଦା ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟକୁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ: କମଲଜିତ ସିଂହ ପରିଦର୍ଶନରେ ଆସି ବିଏଏଲଏଲବି ବିଭାଗର ନୂତନ ମୁଟ କୋର୍ଟ ଗୃହ ଉଦଘାଟନ କରିଛନ୍ତି । ତାଙ୍କ ସହ ମଧୁସୂଦନ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଚେୟାରମ୍ୟାନ ଡ. ଏସ କେ ଚାଟର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉକ୍ତ କଲେଜର ଅଧକ୍ଷ୍ୟ ପ୍ରଦୀପ କୁମାର ନାୟକ ସଭାପତିତ୍ୱ କରିଥିଲେ । ଉପାଧକ୍ଷ୍ୟା ସଂଘମିତ୍ରା ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସମ୍ବିତ କୁମାର ମିଶ୍ର, ଅଧ୍ୟାପିକା ଅଭିପ୍ସା ନାୟକ, ଦେବାଶ୍ରିତା ବିଶ୍ୱାଳ ସୁଜାତା ପାଲ ରୁପମାଞ୍ଜରୀ ବେହେରା, ତୃପ୍ତି ଦାସ, ରୀନାରାଣୀ ମହାନ୍ତ, ମୀରା ସେନାପତି, ସଂଯୁକ୍ତା ମହାନ୍ତ ପ୍ରମୁଖ ନିଜର ମତାମତ ଉପସ୍ଥାପନ କରିଥିଲେ । ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା ଅତିଥି ପରିଚୟ ଓ ଆଇନ ବିଭାଗର ସଂଯୋଜକ ଡ. ଜିତେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃକ୍ଲବ କ୍ରିକେଟ୍



ବାରିପଦା, ୧୯ ।୨(ସମିସ): ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ-ବି'ର ପଞ୍ଚମ ମ୍ୟାଚରେ ଡିଆରକେ (ବି) ଦଳ କରଞ୍ଜିଆ ଦଳକୁ ୫ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଡିଆରକେ (ବି) ୨୨. ୩ ଓଭରରେ ସମସ୍ତ ଉଇକେଟ ହରାଇ ୯୬ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ସୁବ୍ରତ ସିଂ ୩୫ ରନ କରିଥିବା ବେଳେ ବିପକ୍ଷ ଦଳର ଅଭିଜିତ ପ୍ରସାଦ ଘଣା ଓ ଭବେଶ ବେହେରା ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ କରଞ୍ଜିଆ ଦଳ ୨୫ ଓଭରରେ ୯ଉଇକେଟ ହରାଇ ୯୧ରନ ସଂଗ୍ରହ କରିପାରିଥିଲେ । ଦଳ ପକ୍ଷରୁ ଅଭିଜିତ ପ୍ରସାଦ ଘଣା ୨୪ରନ କରିଥିବା ବେଳେ ବିପକ୍ଷ ଦଳର ସଞ୍ଜୟ ସିଂ ୪ଟି ଉଇକେଟ ଅକ୍ତିଆର କରିବା ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ କ୍ରିକେଟ ଖେଳାଳି ପ୍ରଶାନ୍ତ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି ତଥା ଫୁଟବଲ ସମ୍ପାଦକ ଅମର କୁମାର ସେଠୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଗୁରୁବାର କରଞ୍ଜିଆ ଓ ବିଜେଏମସିସି ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।

### ଘରଭଡ଼ା ଟଙ୍କାରେ ଚାଲିଛି ବାରିପଦା ଗୃହ ନିର୍ମାଣ ସମବାୟ ସମିତି

# ୨୨ ବର୍ଷ ହେଲା ଋଣ ଲଗାଣ ବନ୍ଦ ଆଣିଛି ଦୁଃସ୍ଥିତି

ବାରିପଦା, ୧୯ ।୨(ସମିସ):

ବାରିପଦା ଉପଖଣ୍ଡ ଗୃହ ନିର୍ମାଣ ସମବାୟ ସମିତି ଲିଃ ସମ୍ପ୍ରତି ଦୟନୀୟ ସ୍ଥିତିରେ ଚାଲିଛି । ଗତ ୧୯୭୯ ମସିହା ସେପ୍ଟେମ୍ବର ୨୭ ତାରିଖରେ ଗଠନ କରାଯାଇଥିଲା । ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୪୪ ବର୍ଷ ଧରି ବାରିପଦା ଉପଖଣ୍ଡରେ ଏହି ସମିତି କାର୍ଯ୍ୟ କରିଆସୁଛି । ବର୍ତ୍ତମାନ ସମତିରେ ୨୧୭୪ଜଣ ସଦସ୍ୟ ଅଛନ୍ତି । ପ୍ରଥମେ ସଦସ୍ୟମାନଙ୍କ ଜମାଅର୍ଥ ପୁଞ୍ଜି ହିସାବରେ ରାଜ୍ୟ ଗୃହ ନିର୍ମାଣ ନିଗମ ନୂତନ ବାସଗୃହ ନିର୍ମାଣ ପାଇଁ ସଦସ୍ୟଙ୍କୁ ସମିତି ଜରିଆରେ ଋଣ ପ୍ରଦାନ କରୁଥିଲେ । ପରେ ସଦସ୍ୟମାନେ ଋଣ ମଧ ପରିଶୋଧ କରୁଥିଲେ । ଲାଭାଂଶ ଅର୍ଥରୁ ୧୯୮୮ ମସିହାରେ ଦେବେନ୍ଦ୍ରପୁରଠାରେ ୯ ଏକର ୮୮ ଡେସିମିଲ ଏବଂ ବିଜୟରାମଚନ୍ଦ୍ରପୁରଠାରେ ୨ଏକର ୬୫ ଡ଼େସିମିଲ ଜାଗା କିଣିଥିଲେ । ତେବେ ଦୁଃଖର ବିଷୟ ଗତ ୨୦୦୪ରୁ ୨୨ବର୍ଷ ହେବ ଋଣ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି ।




ସେହିଦିନରୁ ସମିତିର ଦୁର୍ଦ୍ଦିନ ଆରମ୍ଭ ହେଲା । ଏହାକୁ ସୁଧାରି କିଣାଯାଇଥିବା ସମସ୍ତ ଜାଗାକୁ ବିକ୍ରି କରିବା ପରେ ସେହି ଟଙ୍କାରେ ବାଘଡ଼ାରୋଡ଼ଠାରେ ଥିବା ସମିତିର ନିଜସ୍ୱ ଜାଗାରେ ୨୩୦୦ ବର୍ଗଫୁଟର ଏକ ୨ ମହଲା ପକ୍କାଘର ନିର୍ମାଣ କରାଯାଇଛି । ଉକ୍ତ ଘର ପାଇଁ ୪୧ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ବର୍ତ୍ତମାନ ଉକ୍ତ ଘରେ ସମବାୟ ସମିତି ନିଜସ୍ୱ ଅଫିସ୍ କରିବା ସଙ୍ଗେ ସଙ୍ଗେ ଅନ୍ୟଙ୍କୁ ଭଡା ଦେଇ ମାସକୁ ୪୭ ହଜାର ଟଙ୍କା ରୋଜଗାର କରୁଛି । ସେହିପରି ଦେବେନ୍ଦ୍ରପୁର ମୌଜାରେ ୯ ଏକର ୮୮ ଡ଼େସିମିଲ ଜାଗାରୁ ୭୭ ଜଣ ଲୋକଙ୍କୁ ୭ ଏକର ୧୨ ଡେସିମିଲ ଜାଗା ବିକ୍ରି କରାଯାଇଥିଲା । ଅବଶିଷ୍ଟ ୨ଏକର ୭୬ ଡ଼େସିମିଲ ଜାଗା ତତ୍କାଳୀନ ଜିଲ୍ଲାପାଳ ସରକାରଙ୍କ ଜାଗା କହି ତାହା ଉପରେ ଏକ ମାମଲା ରୁଜୁ କରିଥିଲେ । ଯାହା ଆଦ୍ୟାବଧି ଆରଡିସିଙ୍କ କୋର୍ଟରେ ବିଚାରାଧୀନ ରହିଛି । ଅତୀତରେ ଏହି ସମିତି ଏଲଆଇସି ଓ ସିସିଏସ ମାଧ୍ୟମରେ ଯଥାକ୍ରମେ ୩୦୮ ଜଣଙ୍କୁ ୩ କୋଟି ୧୯ ଲକ୍ଷ ଓ ୨୫୬ ଜଣଙ୍କୁ ୫୭ ଲକ୍ଷ ଟଙ୍କା ଋଣ ଯୋଗାଇଥିଲା । ୫୬୪ ଜଣଙ୍କ ମଧ୍ୟରୁ ୩୬୫ଜଣ ଘର କରି ଅଛନ୍ତି । ବର୍ତ୍ତମାନ ସୁଦ୍ଧା ସିସିଏସରେ ୧୭୨ ଜଣ ଋଣୀ ଅଛନ୍ତି । ତନ୍ମଧ୍ୟରୁ ଇପି ଗୋଳମାଳ ପାଇଁ ଜଣେ ଋଣ ଖିଲାପକାରୀ ରହିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସମିତି ୨୯ଲକ୍ଷ ୮ହଜାର ୧୨୦ଟଙ୍କା କ୍ଷତି ସହିଥିବା ବେଳେ ୨୦୨୪-୨୫ ବାର୍ଷିକ ବଜେଟ ଅଟକଳ ଅନୁସାରେ ସମିତିର ଆୟ ୬ ଲକ୍ଷ ୮୬ ହଜାର ତୁଳନାରେ ୬ଲକ୍ଷ ୨୭ ହଜାର ୭୦୦ ଟଙ୍କା ବ୍ୟୟ ଅଟକଳ ପରେ ମାତ୍ର ୫୮ହଜାର ଟଙ୍କା ବଳକା ରହିଥିଲା । ଋଣ ଲଗାଣ ବନ୍ଦ ପାଇଁ ସମିତି ବର୍ତ୍ତମାନ ଘରଭଡା ଟଙ୍କାରେ ପରିଚାଳିତ ହେଉଛି । କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ସ୍ଥିତି ପାଇଁ ମୁଖ୍ୟତଃ ପ୍ରଶାସନିକ ଉଦାସୀନତା, ଏକକ ପରିସୀମା ମଧ୍ୟରେ ଗୃହ ଋଣ ନିଗମର ବୀତସ୍ପୃହ ଋଣ ମଞ୍ଜୁରୀ ପ୍ରକ୍ରିୟା ଦାୟୀ । ଏ ନେଇ ସମିତି ପକ୍ଷରୁ ବାରମ୍ବାର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କୌଣସି ପ୍ରତିକାର ହେଉନାହିଁ ।

## ପୁଣି ସହରର ଦୁଇଟି ସ୍ଥାନରୁ ଚୋରି ଓ ଛିନ୍‌ତାଇ

ବାରିପଦା, ୧୯ ।୨(ସମିସ): ବାରିପଦା ସହର ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ବୁଧବାର ସହରର ଦୁଇଟି ସ୍ଥାନରୁ ଚୋରି ହୋଇଥିବାବେଳେ ଅନ୍ୟ ଏକ ସ୍ଥାନରେ ଛିନ୍‌ତାଇ ହୋଇଛି । ଟାଉନ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳର ହୁଡ଼କୋ କଲୋନୀରେ ଝରଣା ସାହୁଙ୍କଠାରୁ ସୁନାହାର ଲୁଟ୍ ହୋଇଛି । ସେ ତାଙ୍କ ଘରକୁ ଯାଉଥିବା ବେଳେ କଳା ରଙ୍ଗର ପଲସରରେ ଦୁଇ ଜଣ ପିଛା କରିଥିଲେ । ସେ ଭୟଭୀତ ହୋଇ ଘର ପଟକୁ ଦୌଡ଼ିଥିଲେ । ଘର ସମ୍ମୁଖ ବାରଣ୍ଡାକୁ ଉଠିବା ବେଳକୁ ଦୁର୍ବୃତ୍ତ ଜଣକ ସୁନାହାର ଝାମ୍ପି ନେଇ ଚମ୍ପଟ ମାରିଥିଲା । ଏନେଇ ସେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଚଳାଇଛି । ସେହିପରି ତକତପୁର ସ୍ଥିତ ବାରିପଦା ସଦର ଥାନା ନିକଟରୁ ଅଳଙ୍କାର ସଫେଇ ବାହାନାରେ ସୁନା ଲୁଟ ହୋଇଛି । ତକତପୁରର ମହାନ୍ତ ସାହି ଅଞ୍ଚଳର ଅଙ୍କୁର ମହାନ୍ତି ଏ ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ପତ୍ନୀ ଓ ମା' ଘରେ ଥିବାବେଳେ ବୁଧବାର ଅପରାହ୍ଣରେ ଦୁଇଜଣ ଦୁର୍ବୃତ୍ତ ମାର୍କେଟିଂ କମ୍ପାନୀ କର୍ମଚାରୀ ପରିଚୟ ଦେଇ ଘରକୁ ଆସିଥିଲେ । ମାଗଣାରେ ତମ୍ବା, ପିତଳ ଓ ଅଳଙ୍କାର ସଫେଇ କରିଦେବେ ବୋଲି ପ୍ରଲୋଭନ ଦେଖାଇଥିଲେ । ପରେ ଉଭୟଙ୍କୁ ନିଶା ସୁଙ୍ଘାଇ ବେହୋସ କରି ଦେଇଥିଲେ । ପରେ ସୁନା ଅଳଙ୍କାର ଲୁଟ କରି ଚମ୍ପଟ ମାରିଥିଲେ । ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, କିଛି ଦିନ ପୂର୍ବେ ଛିନତାଇ ଗ୍ୟାଙ୍ଗ ବାରିପଦା ଟାଉନ ଥାନା ନିକଟରୁ ବଡ଼ବଜାର ନିବାସୀ ପୁନମ ଖଣ୍ଡେଲୱାଲଙ୍କ ସୁନାହାର ଛିନତାଇ କରିଥିଲେ । ଏହା ସହିତ ଉକ୍ତ ଦିନରେ ଜଣେ ପୁଲିସ ଡିଏସପିଙ୍କ ବୋହୂ ମଧ୍ୟ ଛିନତାଇର ଶିକାର ହୋଇଥିଲେ । ରଘୁନାଥପୁର ସ୍ଥିତ ସେଣ୍ଟ ମେରି କନଭେଣ୍ଟ ସ୍କୁଲକୁ ପିଲାକୁ ଆଣିବାକୁ ଯାଇଥିବା ବେଳେ ବେକରୁ ସୁନାହାର ଛିନତାଇ କରି ଚମ୍ପଟ ମାରିଥିଲେ । ଦୁଇ ଜଣ ଦୁର୍ବୃତ୍ତ କଳା ପଲସରରେ ଆସି ଛିନତାଇ କରିଥିଲେ । ଏହିସବୁ ଘଟଣା ମାସ ମାସ ଧରି ଘଟିଥିଲେ ମଧ୍ୟ ପୁଲିସ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଛି ।

## କୁଳିଅଣା ନୋଡାଲ ସେଣ୍ଟର ଅଧୀନରେ ୧୦୪୫ ମାଟ୍ରିକ ପରୀକ୍ଷାର୍ଥୀ

କୁଳିଅଣା, ୧୯।୨(ସମିସ): ଆସନ୍ତା ୨୧ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଚାଲିବ । ଚଳିତ ବର୍ଷ କୁଳିଅଣା ବ୍ଲକରୁ ମୋଟ ୧୦୪୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ସେଥିମଧ୍ୟରୁ କୁଳିଅଣା ଜାନକୀଲାଲ ହାଇସ୍କୁଲ କେନ୍ଦ୍ରରେ ୧୬୮ ଜଣ, ଭାଲିଆଡିହା ମୁକୁନ୍ଦରାମ ହାଇସ୍କୁଲରେ ୧୬୧, ବାଇଗଣବାଡିଆ ଉତ୍କଳମଣି ହାଇସ୍କୁଲରେ ୧୭୬, ଅସନଯୋଡ଼ା ବାଳିକା ବିଦ୍ୟାଳୟରେ ୧୩୦, କୋଠାବିଲା ହାଇସ୍କୁଲରେ ୧୨୨, ଜଗନ୍ନାଥ ଖୁଣ୍ଟା ହାଇସ୍କୁଲରେ ୧୫୭, ଚାନ୍ଦୁଆ ହାଇସ୍କୁଲରେ ୮୮, ମଧ୍ୟମାରୁ ୪୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ୭ଟି ପରୀକ୍ଷା କେନ୍ଦ୍ର ପାଇଁ କୁଳିଅଣା ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ କବିତା ଜେନା ସେଣ୍ଟର ପ୍ରମୁଖ ଭାବେ କାର୍ଯ୍ୟ କରିବେ ।

**■ ଜମି ପାଇଁ ହତ୍ୟା ଭୟରେ ହାଇଡ୍ରାମା**

## ନଥିପତ୍ର ଧରି ଗଛକୁ ଚଢ଼ିଗଲେ ମହିଳା

ବାରିପଦା, ୧୯ ।୨(ସମିସ): ଜୀବନରୁ ମାରିଦେଇ କାଳେ ଜମି ହାତେଇ ନେବାର ଭୟରେ ଜଣେ ମହିଳାଙ୍କ ହାଇଡ୍ରାମା ଦେଖିବାକୁ ମିଳିଛି । ଉକ୍ତ ମହିଳା ଜଣକ ସାଙ୍ଗରେ ନିଜର ଜମି ନଥିପତ୍ର ଧରି ଏକ ଗଛ ଉପରକୁ ଚଢି ଯାଇଥିଲେ । ଯାହାକୁ ନେଇ ୨ ଘଣ୍ଟା ଧରି ସମସ୍ତେ ନାକେଦମ ହେବାକୁ ପଡିଛି ।



ଘଟଣାଟି ବାରିପଦା ସଦର ଥାନା ଅନ୍ତର୍ଗତ ଶ୍ୟାମାଖୁଣ୍ଟା ବ୍ଲକର ଧନପୁର ଗ୍ରାମରେ ବୁଧବାର ଦେଖିବାକୁ ମିଳିଛି । ସୂଚନା ଅନୁସାରେ, ଗ୍ରାମର ସତ୍ୟନାରାୟଣ ମହାନ୍ତଙ୍କ ସ୍ତ୍ରୀ ଚିନ୍ତାମଣିଙ୍କ ପୂର୍ବରୁ ପାରିବାରିକ କଳହ ଲାଗି ରହିଥିଲା; ଯାହାକୁ କେନ୍ଦ୍ର କରି ସେ ସବୁବେଳେ ସମସ୍ତଙ୍କୁ ସନ୍ଦେହ କରନ୍ତି । ତାଙ୍କୁ ଚକ୍ରାନ୍ତ କରି ଜୀବନରୁ ମାରିଦେଇ ତାଙ୍କ ଜମିବାଡ଼ି ଛଡାଇ ନେଇପାରନ୍ତି ବୋଲି ସେ ସର୍ବଦା ସନ୍ଦେହ କରନ୍ତି । ଏହି ଭୟରେ ବୁଧବାର ଭୋରୁ ଜମି ନଥିପତ୍ରକୁ ଏକ ବ୍ୟାଗରେ ଧରି ଘର ପାଖରେ ଥିବା ଗଛ ଉପରକୁ ଚଢି ଯାଇଥିଲେ । ସକାଳୁ ଲୋକେ ତାଙ୍କୁ ଦେଖିବା ପରେ ତଳକୁ ଓହ୍ଲାଇବା ପାଇଁ କହିଥିଲେ; କିନ୍ତୁ ସେ ଓହ୍ଲାଇ ନ ଥିଲେ । ଦୀର୍ଘ ୨ ଘଣ୍ଟା ଧରି ହାଇଡ୍ରାମା ଚାଲିଥିଲା । ପରିବାର ଲୋକଙ୍କ ବୁଝାସୁଝା ପରେ ସେ ଗଛରୁ ନ ଓହ୍ଲାଇବାରୁ ଶେଷରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ପରେ ବାରିପଦା ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଗଛରୁ ଓହ୍ଲାଇବାକୁ ସକ୍ଷମ ହୋଇଥିଲେ ।

## କେନ୍ଦ୍ର ବଜେଟ୍ ବିରୋଧରେ ବାମଦଳର ପ୍ରଚାର ଅଭିଯାନ




ବାରିପଦା, ୧୯ ।୨(ସମିସ): କେନ୍ଦ୍ର ବଜେଟ୍ ବିରୋଧରେ ବାମ ଦଳର ପ୍ରଚାର ଅଭିଯାନ ଆରମ୍ଭ ହୋଇଛି । ଏହି ବଜେଟ ଜନସାଧାରଣଙ୍କ ଜରୁରୀ ଏବଂ ମୌଳିକ ଆବଶ୍ୟକତା ପ୍ରତି ଏକ ବିଶ୍ୱାସଘାତକତା, ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ବୋଲି ନେତାମାନେ କହିଥିଲେ । ବେରୋଜଗାରୀ, ମଜୁରୀ ସଙ୍କୋଚନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଗ୍ରାମାଞ୍ଚଳ ବିକାଶ, ସାମାଜିକ ମଙ୍ଗଳ, ମନରେଗା ଭଳି ବିଭିନ୍ନ ସମସ୍ୟା ସମାଧାନ କରିବା ପରିବର୍ତ୍ତେ, ପୁଞ୍ଜିପତିଙ୍କୁ ବହୁଳ ରିହାତି ମାନ ଦେବାକୁ ଉଦ୍ୟମ ହୋଇଛି ଏହି ବଜେଟରେ । ୧୨ ଲକ୍ଷ ପର୍ଯ୍ୟନ୍ତ ଆୟକର ଛାଡ଼ ସୀମା ଫଳରେ ଏକାଂଶ ଜନଗଣକୁ ରିହାତି ଦେଇ ଜିଏସଟି ଭଳି ପରୋକ୍ଷ ଟିକସ ଦରବୃଦ୍ଧିକୁ ଆମନ୍ତ୍ରଣ କରୁଛି । ଯାହାକୁ ବାମଦଳ ପକ୍ଷରୁ ବିରୋଧ କରାଯାଇ ବିକଳ୍ପ ପ୍ରସ୍ତାବ ଦିଆଯାଇଛି । ଶହେ କୋଟିରୁ ଊର୍ଦ୍ଧ୍ୱ ସମ୍ପଦର ଭାରତୀୟ ମାଲିକଙ୍କ ଉପରେ ୪ପ୍ରତିଶତ ସମ୍ପଦ କର ବସାଇବା ସହିତ କର୍ପୋରେଟ ଟିକସ ବୃଦ୍ଧି କରିବା, କୃଷି ଉତ୍ପାଦନ ପାଇଁ ଏମ୍‌ଏସପିର ଆଇନଗତ ଗ୍ୟାରେଣ୍ଟି ଦେବା, ନ୍ୟାସନାଲ ମନିଟାଇଜେସନ, ପାଇପ ଲାଇନ ମାଧ୍ୟମରେ ରାଷ୍ଟ୍ରର ସମ୍ପଦକୁ ଘରୋଇ କ୍ଷେତ୍ରକୁ ଦିଆ ନ ଯାଉ, ମନରେଗା ଯୋଜନାରେ ଅଟକଳ ୫୦ ପ୍ରତିଶତ ବୃଦ୍ଧି କରାଯାଉ, ଜିଡିପିର ୩ପ୍ରତିଶତ ସ୍ୱାସ୍ଥ୍ୟ ସେବା ଓ ୬ପ୍ରତିଶତ ଶିକ୍ଷାକ୍ଷେତ୍ର ପାଇଁ ଅଟକଳକୁ ସୁନିଶ୍ଚିତ କରିବା, ପିଡିଏସକୁ ସୁଦୃଢ କରିବା ଲାଗି ବଜେଟରେ ଖାଦ୍ୟ ସବସିଡି ବୃଦ୍ଧି କରାଯାଉ, ରାଜ୍ୟମାନଙ୍କୁ ପାଣ୍ଠି ଆବଣ୍ଟନ ପରିମାଣ ବୃଦ୍ଧି କରିବା ଆଦି ନେଇ ଦେଶବ୍ୟାପୀ ବାମଦଳର ଅଭିଯାନ ଚାଲିଛି । ଏହି ଅଭିଯାନ ଦେଶବ୍ୟାପୀ ଫେବୃଆରୀ ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କ୍ରମରେ ବୁଧବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ ଓ ସିପିଏମ ତରଫରୁ ପ୍ରଚାର ଅଭିଯାନ ସଭା ସାଥୀ କାହ୍ନୁଚରଣ ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିପିଆଇ ଜିଲ୍ଲା ସଂପାଦକ ସାଥୀ ଜଗବନ୍ଧୁ ମିଶ୍ର, ସିପିଏମ ପକ୍ଷରୁ ଅମଳ ଦେ, ରଘୁନାଥ ପଣ୍ଡା ବକ୍ତବ୍ୟ ରଖି ଜମି ମିଶନ, ପାନୀୟ ଜଳ ଯୋଗାଣ, ପ୍ରତିଶୃତି ମୁତାବକ ସାମାଜିକ ସୁରକ୍ଷା ଯୋଜନାରେ ସମସ୍ତଙ୍କୁ ସମାନ ଭତ୍ତା ପ୍ରଦାନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ସେହିପରି ସିପିଆଇ ପକ୍ଷରୁ ରଥ ସିଂ, ମହେଶ୍ୱର ବେହେରା, ସୁଭାଷିନୀ ବିନ୍ଧାଣି, ଚିତ୍ର ମଣୀ ସିଂ, ପ୍ରଫୁଲ୍ଲ ମହାନ୍ତି, ମମତା ମିଶ୍ର, ମୈନା ସିଂ, ସିପିଏମର ଗଙ୍ଗାଧର ସାମଲ, ମନୋରଞ୍ଜନ ପରିଡା ପ୍ରମୁକ ଉପସ୍ଥିତ ଥିଲେ ।

### ଅଲ୍‌ଚିକି ଶିକ୍ଷାଦାନକୁ ସୁନିଶ୍ଚିତ ପାଇଁ ଦାବିପତ୍ର

# ରାଜ୍ୟପାଳଙ୍କୁ ଭେଟିଲେ 'ମାରିସା' ସଭାପତି

ବାରିପଦା, ୧୯ ।୨(ସମିସ):

ମାସ୍ ଆଦିବାସୀ ରିଭଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ବୁଧବାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତିଙ୍କୁ ସାକ୍ଷାତ କରି ଆଲୋଚନା ପୂର୍ବକ ବିଭିନ୍ନ ଦାବି ସମ୍ବଳିତ ଏକ ପତ୍ର ପ୍ରଦାନ କରିଛନ୍ତି । ଓଡ଼ିଶାରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅଲଚିକି ଶିକ୍ଷାଦାନ ସୁନିଶ୍ଚିତ, ମୟୂରଭଞ୍ଜରେ ସାନ୍ତାଳୀ ଶିକ୍ଷା ପରିଷଦ ବା ସାନ୍ତାଳୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ସବୁ ସରକାରୀ କାର୍ଯ୍ୟାଳୟର ନାମ ଫଳକରେ ଓଡିଆ, ଇଂରାଜୀ ସହିତ ଅଲଚିକିରେ ଲେଖାଯିବା, ସାନ୍ତାଳୀ ସାହିତ୍ୟ ଏକାଡେମୀ ଖୋଲିବା, ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରାଇବାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା, ସାନ୍ତାଳୀ ସଙ୍ଗୀତ ନାଟକ ଏକାଡେମୀ, ସୁନାରାମ ସୋରେନ ସାନ୍ତାଳୀ ପାଠାଗାର ପ୍ରତିଷ୍ଠା କରାଯିବା, ଓଡିଶାରେ ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଜ୍ୟଭାଷାର ମାନ୍ୟତା, ଆଦିବାସୀଙ୍କ ପାରମ୍ପରିକ ବିଚାର ବ୍ୟବସ୍ଥା ମାଝୀ ପାରଗାନା, ମାନକି ମୁଣ୍ଡା, ପାହାଡି ପଧାନି ଆଦି ବ୍ୟବସ୍ଥାକୁ ସ୍ୱୀକୃତି, ପାରମ୍ପରିକ ମୁଖ୍ୟଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଏମ୍.ପି.ସି. ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଭାଷା ପାଇଁ ନିୟମିତ ଅଧ୍ୟାପକ ପଦବୀ ସୃଷ୍ଟି କରିବା ଆଦି ଉଲ୍ଲେଖ ରହିଛି । ତେବେ ଏ ବାବଦରେ ଶୀଘ୍ର ବିଚାର କରି ଦାବି ପୂରଣ କରାଯିବ ବୋଲି ରାଜ୍ୟପାଳ ପ୍ରତିଶୃତି ଦେଇଛନ୍ତି ବୋଲି ଶ୍ରୀ ମୁର୍ମୁ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ଓଡିଶାରେ ୬୨ ପ୍ରକାରର ଆଦିବାସୀମାନେ ଦେଖିବାକୁ ମିଳନ୍ତି । ସେମାନଙ୍କ ମଧ୍ୟରୁ ସାନ୍ତାଳ, ହୋ ଓ ମୁଣ୍ଡାମାନେ ମୁଖ୍ୟ ଆଦିବାସୀ । ସେମାନେ ସାନ୍ତାଳୀ, ହୋ ଓ ମୁଣ୍ଡାରୀ ପରି ସ୍ୱତନ୍ତ୍ର ଭାଷା ବ୍ୟବହାର କରନ୍ତି । ସାନ୍ତାଳୀ ହେଉଛି ଏକମାତ୍ର ଭାଷା; ଯାହା ସମ୍ବିଧାନର ଅଷ୍ଟମ ଅନୁସୂଚିରେ ୨୦୦୩-୦୪ରେ ଅନ୍ତର୍ଭୁକ୍ତ ହୋଇ ସ୍ୱୀକୃତି ଲାଭ କରିଛି । କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ମଧ୍ୟ ୨୦୦୫ରେ ମଧ୍ୟ ମାନ୍ୟତା ଲାଭ କରିଛି । ଅନ୍ୟପକ୍ଷରେ ହୋ ଓ ମୁଣ୍ଡାରୀ ଭାଷା ଅଣସ୍ୱୀକୃତ ପ୍ରାପ୍ତ ଭାଷା । ଏହି ଭାଷାଗୁଡିକର ସ୍ୱତନ୍ତ୍ର ଲିପି ରହିଛି । ଏହି ଲିପି ଗୁଡିକ ଲୋକଙ୍କ ମଧ୍ୟରେ ବ୍ୟାପକ ପ୍ରସାର କାଯାଇନାହିଁ । ଏହାର କାରଣ ସରକାରଙ୍କ ପୃଷ୍ଠପୋଷକତାର ଅଭାବ, ସ୍ୱତନ୍ତ୍ର ବ୍ୟବସ୍ଥା ନ ରହିବା ତଥା ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ପାଠ୍ୟକ୍ରମରେ ସାମିଲ ନ କରିବା ଆଦି ରହିଛି । ସାନ୍ତାଳୀ ଭାଷାପାଇଁ ନିୟମିତ ଶିକ୍ଷକ ପଦବୀ ବାରମ୍ବାର ଦାବି ହେଉଥିଲେ ମଧ୍ୟ ସୃଷ୍ଟି ହେଉନାହିଁ । ଏଣୁ ଓଡ଼ିଶାରେ ସାନ୍ତାଳୀ, ହୋ ଓ ମୁଣ୍ଡାରୀ ଭାଷାର ବିକାଶ ପାଇଁ ଦ୍ୱିତୀୟ ରାଜ୍ୟଭାଷାର ମାନ୍ୟତା ଏବଂ ସଂଖ୍ୟାଲଘୁ ଭାଷାର ମାନ୍ୟତା ଆବଶ୍ୟକତା ରହିଛି; କିନ୍ତୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସୃଷ୍ଟି ଅଲଚିକି ଲିପି ପ୍ରତି, ସାନ୍ତାଳୀ ଭାଷା ପ୍ରତି ରାଜ୍ୟ ସରକାର କ୍ରମାଗତ ଭାବରେ ଅବହେଳା କରି ଚାଲିଛନ୍ତି । ସରକାର ଏଥିପ୍ରତି ଧ୍ୟାନ ନ ଦେଲେ ଆଗାମୀ ଦିନରେ ଲଢ଼େଇ ଜାରି ରହିବ ।



## ଜିଲ୍ଲାସ୍ତରୀୟ 'ନିପୁଣ ଓଡ଼ିଶା'ମେଳା ଉଦ୍‌ଯାପିତ

ବାରିପଦା, ୧୯ ।୨(ସମିସ): ମୟୂରଭଞ୍ଜ ଜିଲ୍ଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନିପୁଣ ଓଡିଶା ମେଳା ସହିଦ ସ୍ମୃତି ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଓ ଦୀପ୍ତି ନାଏକ ପ୍ରମୁଖ ଯୋଗ ଦେଇଥିଲେ । ମେଳାରେ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ସୃଜନଶୀଳତା ପ୍ରସଙ୍ଗକୁ ନେଇ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଶିକ୍ଷଣ ସାମଗ୍ରୀଗୁଡିକୁ ଛାତ୍ରଛାତ୍ରୀ, ପିତାମାତା, ପଞ୍ଚାୟତିରାଜ ଓ ବେସରକାରୀ ଅନୁଷ୍ଠାନର ସଦସ୍ୟମାନେ ବୁଲି ଦେଖିଥିଲେ । ଏହି ଅବସରରେ 'ସର୍ବଶ୍ରେଷ୍ଠ ବିଦ୍ୟାଳୟ ପାଇଁ ମୋ ପରିକଳ୍ପନା' ଶୀର୍ଷକ ଉପରେ ଆଲୋଚନା କରଯାଇଥିଲା । ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ସମ୍ମାନିତ ଅତିଥି ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା ପୁରସ୍କୃତ କରିଥିଲେ । ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ, ଭିନ୍ନକ୍ଷମ, ଗଣମାଧ୍ୟମ ସଂଯୋଜକ ନିରଞ୍ଜନ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।



# ସମ୍ପାଦକୀୟ



ମାନବାଧିକାର ଉଲ୍ଲଙ୍ଘନ ଓ ମର୍ଯ୍ୟାଦାର ହନନ କରୁଥିବା ବାଲ୍ୟବିବାହ ପରମ୍ପରାକୁ ଆମ ସମାଜ ଗ୍ରହଣ କରିନେଇଛି । ଏହାଠାରୁ ବଳି ଦୁର୍ଭାଗ୍ୟଜନକ ବିଷୟ ଆଉ କ'ଣ ହୋଇପାରେ?
-ନୋବେଲ୍ ବିଜେତା କୈଳାସ ସତ୍ୟାର୍ଥୀ

ସକାଳ
THE SAKALA

## ସମବାୟରେ ସ୍ୱଚ୍ଛତା ସ୍ୱପ୍ନ

ଆମ ରାଜନୈତିକ ବ୍ୟବସ୍ଥା ଭଳି ସମବାୟ ସଂସ୍ଥା ଅସ୍ୱଚ୍ଛ । ଏଭଳି ମତାମତ ଦେବା ବେଳେ ଆମେ କହିବାକୁ ଚାହୁଁ ଯେ ସମବାୟ ବ୍ୟାଙ୍କରେ ଯେଉଁ ଗୁରୁତର ଦୋଷତ୍ରୁଟି ପରିଲକ୍ଷିତ ହେଉଛି, ସେଥିପାଇଁ ରାଜନୈତିକ ହସ୍ତକ୍ଷେପକୁ ଦାୟୀ କରାଯାଇଛି । କୃଷିଠାରୁ ଆରମ୍ଭ କରି ସ୍ୱଳ୍ପ ଋଣ ସହଜ ଓ ସୁବିଧାରେ ହାସଲ କରି ଛୋଟକାଟର ବ୍ୟବସାୟର ସୁଯୋଗ କ୍ଷେତ୍ରରେ ଏହି ସମବାୟ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେହିଭଳି ସହରାଞ୍ଚଳରେ ଆବଶ୍ୟକତା ପୂରଣ ସକାଶେ ଅର୍ବାନ କୋଅପରେଟିଭ ବ୍ୟାଙ୍କ ମଧ୍ୟ ମୁଣ୍ଡ ଟେକିଛି । କ୍ରମେ ଏହା ଦୁର୍ନୀତିର ଗନ୍ତାଘର ପାଲଟିଛି ଏବଂ ସେଥିମଧ୍ୟରୁ ଅଧିକାଂଶ ବନ୍ଦ ହୋଇଯିବା ଅବସ୍ଥାରେ ପହଞ୍ଚିଛି । ଏପରିକି ଦିନ ଥିଲା ସ୍ୱଳ୍ପ ସଞ୍ଚୟକୁ ମଧ୍ୟ ଏହି ବ୍ୟାଙ୍କ ପ୍ରୋତ୍ସାହନ ଦେଉଥିଲା । ଏହି ସବୁ ବ୍ୟାଙ୍କର ନିୟାମକ ସଂସ୍ଥାର ନିୟମିତ ତଦାରଖ ବା ଯାଞ୍ଚର ସ୍ୱଚ୍ଛନା ନେଇ ପ୍ରଶ୍ନ ଉଠାଉଛନ୍ତି ରିଜର୍ଭବ୍ୟାଙ୍କ । ଦି ନ୍ୟୁ ଇଣ୍ଡିଆ କୋଅପରେଟିଭ ବ୍ୟାଙ୍କ ସେଥିମଧ୍ୟରୁ ଗୋଟିଏ । ଯେଉଁ ବ୍ୟାଙ୍କରେ ଗ୍ରାମାଞ୍ଚଳ ଓ ସହରତଳି ଅଞ୍ଚଳର ଲୋକେ ସେମାନଙ୍କ କଷ୍ଟ ଅର୍ଜିତ ଉପାର୍ଜନ ଅର୍ଥ ଜମା ରଖିଛନ୍ତି । ଗତ ସପ୍ତାହରେ ମୁମ୍ବାଇର ଏହି ସମବାୟ ବ୍ୟାଙ୍କ ବୋର୍ଡକୁ ଗୁରୁତର ଅନିୟମିତତା ଦର୍ଶାଇ କେନ୍ଦ୍ରୀୟ ବ୍ୟାଙ୍କ ଭାଙ୍ଗି ଦେଇଛି । ଏପରିକି ବ୍ୟାଙ୍କ ନିୟନ୍ତ୍ରକଙ୍କୁ ରିଜର୍ଭବ୍ୟାଙ୍କରୁ ବିନା ଅନୁମୋଦନରେ ଋଣ ପ୍ରଦାନ ସକାଶେ ରୋକଟୋକ୍ ମନା କରିଦେଇଛନ୍ତି । ଏପରିକି ୬ମାସ ପାଇଁ ଜମାରାଶି ଉଠାଇବା ଉପରେ ମଧ୍ୟ କଟକଣା ଜାରି ହୋଇଛି । ଏଥିମଧ୍ୟରେ ମହାରାଷ୍ଟ୍ର ପୁଲିସର ଅର୍ଥନୈତିକ ଅପରାଧ ଶାଖା ଅଧିକାରୀ ୧୨୨ କୋଟି ଟଙ୍କା ଆତ୍ମସାତ କରିଥିବା ବ୍ୟାଙ୍କର ଜଣେ କର୍ମଚାରୀଙ୍କୁ ଗିରଫ କରିଛି । ଏଠାରେ ଉଲ୍ଲେଖ କରାଯାଇପାରେ କି ୧ଲକ୍ଷ ୩୦ ହଜାର ଆକାଉଣ୍ଟଧାରୀଙ୍କ ଏହି ବ୍ୟାଙ୍କରେ ୨, ୪୩୬ କୋଟି ଟଙ୍କାର ଜମାରାଶି ରହିଛି ।

ଆମ ରାଜ୍ୟର ସମବାୟ ବ୍ୟାଙ୍କଗୁଡ଼ିକର ଅବସ୍ଥା ତତୋଧିକ । ଗାଁଗହଳିର ସୁବିଧାକୁ ଦୃଷ୍ଟିରେ ରଖି ସରକାର କ୍ରମାଗତ ଆର୍ଥିକ ସହାୟତା ଦେଇଚାଲିଥିଲେ ମଧ୍ୟ ସ୍ଥିତିରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ଲକ୍ଷ୍ୟ କରାଯାଇନାହିଁ । ସେହିଭଳି ବ୍ୟାବସାୟିକ ଦୃଷ୍ଟିରୁ ଅର୍ବାନ କୋଅପରେଟିଭର ବ୍ୟାଙ୍କ ପ୍ରାରମ୍ଭିକ ସ୍ତରରେ ଆଖିଦୃଶିଆ ସଫଳତା ହାସଲ କରିଥିଲେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ ଅଧିକାଂଶ ଦେବାଳିଆ ଏପରିକି ଅଚଳ ଅବସ୍ଥାରେ ରହିଥିବାର ଲକ୍ଷ୍ୟ କରାଯାଇଛି । ରିଜର୍ଭବ୍ୟାଙ୍କର କଠୋର ଶୃଙ୍ଖଳା ପ୍ରୟୋଗ ସ୍ଥିତିରେ କିଛିଟା ଉନ୍ନତି ଆଣିଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ଭରସାଯୋଗ୍ୟ ସ୍ତରକୁ ଆସିପାରିନାହିଁ । ଏଠାରେ ଉଲ୍ଲେଖ କରାଯାଇପାରେ କି ଜାତୀୟକରଣ ବ୍ୟାଙ୍କରୁ ଋଣ ନେବା ଏତେ ସରଳ ଓ ସହଜ ହୋଇ ନ ଥିବାରୁ ସମବାୟ ସଂସ୍ଥା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇବା ସ୍ୱାଭାବିକ । ଅଥଚ ଅନିୟମିତତା ଓ କୁପରିଚାଳନା ସକାଶେ ଏହି ସଂସ୍ଥା ଉପରେ ନିର୍ଭରଶୀଳତା ହ୍ରାସ ପାଇଛି । ଏହି ଅବ୍ୟବସ୍ଥା ସକାଶେ ରାଜନୈତିକ ହସ୍ତକ୍ଷେପକୁ ଦାୟୀ କରିଛନ୍ତି ରିଜର୍ଭବ୍ୟାଙ୍କ । ଉଲ୍ଲେଖଯୋଗ୍ୟ କି ରାଜ୍ୟ ସରକାର ୨୦୨୫-୨୬ ବଜେଟରେ ସମବାୟ ବିଭାଗ ପାଇଁ ପ୍ରାୟ ୨୨୭୭ କୋଟି ଟଙ୍କା ବରାଦ କରିଛନ୍ତି । ଚାଷୀଙ୍କୁ କୃଷି ଋଣ ଯୋଗାଇବାରେ ସମବାୟ ବ୍ୟାଙ୍କ ଓ ପାକ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଋଣ ବାବଦରେ ସରକାର ସ୍ୱତନ୍ତ୍ର ଭାବେ ୯୦୧ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି । ଏହା ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ରାଜ୍ୟରେ ଥିବା ସମବାୟ ବ୍ୟାଙ୍କ ଓ ପ୍ୟାକ୍ସଗୁଡ଼ିକ ଠିକ୍‌ଠାକ୍ ଚାଲିଛି ତ? ସଂସ୍ଥାଗତ ବିଶୃଙ୍ଖଳତାକୁ ରୋକି ନ ପାରିଲେ ଚାଷୀଙ୍କୁ ଋଣ ପ୍ରଦାନର ଯେଉଁ ମହତ ଉଦ୍ଦେଶ୍ୟ ରହିଛି, ତାହା ବାଧାପ୍ରାପ୍ତ ହେବ ।

ପଞ୍ଜାବ ଓ ମହାରାଷ୍ଟ୍ର ସମବାୟ ବ୍ୟାଙ୍କରେ ପରିଲକ୍ଷିତ ଚରମ ଆର୍ଥିକ ବିଶୃଙ୍ଖଳା ୨୦୧୯ରେ ରିଜର୍ଭବ୍ୟାଙ୍କ ଦୃଷ୍ଟିକୁ ଆସିଥିଲା । ତୃଣମୂଳ ସ୍ତରରେ ଏହି ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ସ୍ଥିତିରେ ସୁଧାର ଆସିବା ସକାଶେ ପରାମର୍ଶ ଦେବା ସହ ଶୀର୍ଷ ସଂଗଠନ ପକ୍ଷରୁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ କେନ୍ଦ୍ରୀୟ ବ୍ୟାଙ୍କ ବିଧି ବ୍ୟବସ୍ଥାର ସୂଚନା ଦେଇଛନ୍ତି । ଏହାଛଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କଗୁଡ଼ିକୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନକୁ ଆଣିବା ସହ କେନ୍ଦ୍ରୀୟ ବ୍ୟାଙ୍କ ସୁପରିଚାଳନା ପାଇଁ କଠୋର ନିୟମାବଳୀ ପ୍ରସ୍ତୁତ କରିଛନ୍ତି । ଚାରିସ୍ତରୀୟ ନିୟାମକ ବିଧିବ୍ୟବସ୍ଥାରେ ବୋର୍ଡର ନିର୍ଦ୍ଦେଶକମାନଙ୍କୁ ସଂଯୁକ୍ତ କରାଯାଇଛି । ଏତେ କଠୋର ଶୃଙ୍ଖଳା ପ୍ରୟୋଗ ସତ୍ତ୍ୱେ ସ୍ଥିତିରେ ଆକାଂକ୍ଷିତ ଉନ୍ନତି ପରିଲକ୍ଷିତ ହୋଇ ନ ଥିବାରୁ ରିଜର୍ଭବ୍ୟାଙ୍କ କ୍ଷୋଭ ପ୍ରକାଶ କରିଛନ୍ତି । ଏହାଛଡ଼ା ଅନାଦେୟ ଋଣ କ୍ଷେତ୍ରରେ ସାନବଡ଼ ବ୍ୟାଙ୍କ ନିର୍ବିଶେଷରେ ୯ ରୁ ୧୨ ପ୍ରତିଶତ ନଗଦ ଜମା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏକାଧିକ କ୍ଷେତ୍ରରେ ଏହି ନିର୍ଦ୍ଦେଶର ଉଲ୍ଲଙ୍ଘନ ହେଉଥିବାର ମଧ୍ୟ ପରିଲକ୍ଷିତ ହୋଇଛି ।

ଏତେ ସବୁ ଦୁର୍ବଳତା ସତ୍ତ୍ୱେ ସମବାୟ ବ୍ୟାଙ୍କ ତିଷ୍ଠି ରହିଛି । ରାଜ୍ୟ ସରକାରଙ୍କ ତୃଣମୂଳ ସ୍ତରର ଦେଣନେଣ କାରବାର ଏହି ସଂସ୍ଥା ହିଁ ତୁଲାଇଥାଏ । କାରଣ କ୍ଷମତା ରାଜନୀତି ସହ ଏହି ବ୍ୟାଙ୍କର ନିର୍ବାଚିତ କର୍ମକର୍ତ୍ତାଙ୍କ ନିବିଡ଼ ସମ୍ପର୍କ ଦୃଷ୍ଟିରୁ ବହୁକ୍ଷେତ୍ରରେ କଟକଣା ପ୍ରୟୋଗ ଅର୍ଥହୀନ ହୋଇପଡ଼େ । ଆମ ରାଜ୍ୟରେ ସମବାୟ ଆନ୍ଦୋଳନ ସେଭଳି ସଫଳତା ହାସଲ କରିପାରିନାହିଁ । ସେଦୃଷ୍ଟିରୁ ମହାରାଷ୍ଟ୍ର ସବୁଠାରୁ ଆଗରେ । ସେଠିକାର ସମବାୟ ସଂସ୍ଥା ସହ ଚିନିକଳର ସମ୍ପର୍କ ନିବିଡ଼ । ସେଠିକାର ଗ୍ରାମାଞ୍ଚଳ ରାଜନୀତିରେ ଏହି ଦୁଇ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେଠାରେ ସମବାୟ ସଂସ୍ଥାର ପରିସର ଯେତେ ବଡ଼ ସେହି ଅନୁପାତରେ ଦୁର୍ନୀତି ମଧ୍ୟ କାୟା ବିସ୍ତାର କରିଛି । ଏହାକୁ କେନ୍ଦ୍ରକରି ବେଳେବେଳେ ରାଜନୈତିକ ହଟଚମଟ ସୃଷ୍ଟି ହେଉଥିଲେ ମଧ୍ୟ ସେହି କଳାଟଙ୍କା ଓ କ୍ଷମତା ରାଜନୀତି ସମସ୍ତଙ୍କୁ ଚୁପ କରିପକାଏ । ଆମ ଜାଣିବାରେ ସମବାୟ ସଂସ୍ଥା ହେଉଛି ଦୁର୍ନୀତିର ଗନ୍ତାଘର । ଏହା ଶେଷରେ କ୍ଷମତାର ଶିଢ଼ି ଚଢ଼ିବା ପାଇଁ ଅନେକଙ୍କୁ ବାଟଦେଖାଏ ।

ଆମ ଦେଶରେ ସମବାୟ ବ୍ୟାଙ୍କ ସର୍ବବୃହତ୍ ନେଟୱାର୍କ । ୨୦୨୩ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ହସ୍ତଗତ ହୋଇଥିବା ରିପୋର୍ଟରୁ ପ୍ରକାଶ ଯେ ଏହି ବ୍ୟାଙ୍କର ସମ୍ପତ୍ତି ୨୩ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ । ସମାବେଶୀ ଅର୍ଥନୀତିରେ ଏହି ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଏ କ୍ଷେତ୍ରରେ କଠୋର ଶୃଙ୍ଖଳା ରକ୍ଷା ସକାଶେ ନିୟାମକ ବ୍ୟବସ୍ଥା କଡ଼ାକଡ଼ି ଭାବେ ଲାଗୁ ହେବା ଜରୁରୀ । ଏହା ଉପରେ ନିର୍ଭର କରୁଥିବା କୋଟି କୋଟି ଜମାକାରୀଙ୍କ ଆସ୍ଥା ଓ ବିଶ୍ୱାସ ଭାଜନ ହୋଇପାରିଲେ ତୃଣମୂଳ ସ୍ତରର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ।

## ଏଆଇ ପ୍ରଭାବିତ ବିଶ୍ୱର ଭବିଷ୍ୟତ

**ସନ୍ତୋଷ କୁମାର ମିଶ୍ର**

ଗତ ଜାନୁୟାରୀ ୨୦ ତାରିଖରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଶିଳ୍ପ ଜଗତରେ ଏକ ବଡ଼ ଧରଣର ପରିବର୍ତ୍ତନ ଆସିଛି । ଏହାର ପ୍ରଭାବ ମଧ୍ୟ ସମଗ୍ର ବିଶ୍ୱରେ ଦେଖିବାକୁ ମିଳିଛି । ଚୀନର ପ୍ରଯୁକ୍ତି ବିଜ୍ଞାନ ସମ୍ବନ୍ଧୀୟ ଏକ କ୍ଷୁଦ୍ର ଷ୍ଟାର୍ଟଅପ୍ କମ୍ପାନୀ ହଙ୍ଗ ଜୁ 'ଡିପ୍‌ସିକ୍' ନାମକ ଏକ ନୂତନ ଏଆଇ ଟୁଲ୍ ସାର୍ବଜନୀନ କରିଛି । ସମ୍ପ୍ରତି ତିନୋଟି ପ୍ରମୁଖ ଏଆଇ ଟୁଲ୍ (ଓପନ୍ ଏଆଇର 'ଚାଟ୍ ଜିପିଟି', ଗୁଗଲ୍‌ର 'ଜେମିନାଇ' ଓ ମେଟାର 'ଲାମା') ଉଭୟ ଦେୟଯୁକ୍ତ ଓ ନିଶୁଳ୍କ ସେବା ସମଗ୍ର ବିଶ୍ୱରେ ଯୋଗାଇ ଦେଇ ଆସୁଛନ୍ତି । କିନ୍ତୁ ଏଠାରେ ଜଣେ ସାଧାରଣ ଲୋକ ନିଶ୍ଚିତ ଭାବରେ ଏକ ସରଳ ପ୍ରଶ୍ନ କରିବ ଯେ 'ଡିପ୍‌ସିକ୍'କୁ ନେଇ ବିଶ୍ୱ ଥରହର କାହିଁକି?

'ଡିପ୍‌ସିକ୍' ର ବଜାର ପ୍ରବେଶ ପରେ ଆମେରିକାର ପ୍ରଯୁକ୍ତି ବିଜ୍ଞାନ ଓ ଏଆଇ ଶିଳ୍ପରେ ଭୂମିକମ୍ପ ସୃଷ୍ଟି ହୋଇଛି । ମାତ୍ର ଏକ ସପ୍ତାହ ମଧ୍ୟରେ ଆମେରିକାର ପ୍ରତିଭୂତି ବଜାରରେ ପ୍ରାୟ ଏକ ଲକ୍ଷ କୋଟି ଆମେରିକୀୟ ଡଲାର କ୍ଷତି ହୋଇଛି । ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ବାଧ୍ୟ ହୋଇ ଗଣମାଧ୍ୟମରେ କହିଛନ୍ତି ଯେ ଚୀନର 'ଡିପ୍‌ସିକ୍' ଆମେରିକା ପାଇଁ ଏକ ସତର୍କ ଘଣ୍ଟି । ହଙ୍ଗ ଜୁ 'ଡିପ୍‌ସିକ୍' କୁ ସମସ୍ତଙ୍କ ବ୍ୟବହାର ପାଇଁ ଉନ୍ମୁକ୍ତ କରିବା ସହିତ ଏହାର ଗବେଷଣା ସନ୍ଦର୍ଭକୁ ମଧ୍ୟ ସାର୍ବଜନୀନ କରିଛି । କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ବିଶ୍ୱରେ ପ୍ରମୁଖ ଏଆଇ ଟୁଲ୍ ତୁଳନାରେ ଏହା ଅଧିକ ବୁଦ୍ଧିମାନ । ଏହାକୁ ନିର୍ମାଣ କରିବା ପାଇଁ ମାତ୍ର ଦୁଇବର୍ଷ ସମୟ ଲାଗିଛି ଏବଂ ବହୁତ କମ ଅର୍ଥ ବିନିଯୋଗ ହୋଇଛି ଇତ୍ୟାଦି । ଏହାସହିତ କମ୍ପାନୀ ସର୍ବଦା ନିଃଶୁଳ୍କ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି, ଠିକଯେପରି 'ଚାଟ୍ ଜିପିଟି'କୁ ବଜାରରେ ପ୍ରବେଶ କରାଇବା ସମୟରେ ଓପନ ଏଆଇ କହିଥିଲା । ବର୍ତ୍ତମାନ ଓପନ ଏଆଇ ନିହାତି ସାଧାରଣ ସେବା ଯୋଗାଇ ଦେବାକୁ ମଧ୍ୟ ଦେୟ ନେଉଛି । କିନ୍ତୁ 'ଡିପ୍‌ସିକ୍' ଭବିଷ୍ୟତରେ ନିଜର ପ୍ରତିଶ୍ରୁତିରୁ ଓହରି ଯାଇପାରିବ ନାହିଁ । କାରଣ 'ଡିପ୍‌ସିକ୍' ର କୋଡ୍‌କୁ ସାର୍ବଜନୀନ କରାଯାଇଛି । ଯେକୌଣସି ପ୍ରଯୁକ୍ତି ବିଜ୍ଞାନ ଇଞ୍ଜିନିୟର ଏହି କୋଡ୍‌କୁ ଡାଉନ୍‌ଲୋଡ କରି ସେଥିରେ ନିଜର ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ କରି ଏହାର ଏକ ଅବିକଳ ନକଲକୁ ନିଜର କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ବ୍ୟବହାର କରି ପାରିବେ କିମ୍ବା ଗ୍ରାହକମାନଙ୍କୁ ବିକ୍ରି କରି ପାରିବେ । ମାଇକ୍ରୋସଫ୍ଟ ଓ ପରପ୍ଲେକ୍ସିଟି ପରି କମ୍ପାନୀମାନେ ଏହି କାମ ସମ୍ପୂର୍ଣ୍ଣ କରି 'ଡିପ୍‌ସିକ୍' ର ନକଲକୁ ବ୍ୟବହାର କରିବା ପାଇଁ ବଜାରକୁ ଛାଡ଼ି ସାରିଲେଣି ।

ଏହି କାରଣରୁ ଆମେରିକୀୟ ପ୍ରଯୁକ୍ତି ବିଜ୍ଞାନ ଶିଳ୍ପର ଏଆଇ କ୍ଷେତ୍ରରେ ଏକାଧିପତ୍ୟ ଯୁଗର ଅନ୍ତ ହୋଇଛି । ଓପନ ଏଆଇର ମୁଖ୍ୟ ପ୍ରବନ୍ଧକ ସ୍ୟାମ୍ ଅଲ୍ଟମ୍ୟାନ କହି ବୁଲୁଥିଲେ ଯେ ଏଆଇ ଟୁଲ୍ ତିଆରି କରିବା ଦକ୍ଷିଣ-ବିଶ୍ୱ ପକ୍ଷରେ ସମ୍ଭବ ନୁହେଁ । ବର୍ତ୍ତମାନ ଏକଥା ସ୍ପଷ୍ଟ ହୋଇଛି ଯେ ଆଗାମୀ ଦିନରେ ଏଆଇ କ୍ଷେତ୍ରରେ ବିଭିନ୍ନ ପ୍ରକାରର ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ । ଅନେକ କମ୍ପାନୀ ପ୍ରବେଶ କରିବେ ଓ ବହୁତ କିସମର ସେବା ଯୋଗାଇ ଦେବେ । ସେହି ଅନୁସାରେ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟ ସୃଷ୍ଟି ହେବ । ତା'କୁ ବିଶ୍ଳେଷଣ କରି ସମାଧାନ କରିବା ସହିତ ଶିଳ୍ପ ଉପରେ ସତର୍କ ଦୃଷ୍ଟି ଦେବାକୁ ହେବ ଏବଂ ଆବଶ୍ୟକ ପଡ଼ିଲେ ଶିଳ୍ପକୁ ନିୟନ୍ତ୍ରଣ ମଧ୍ୟ କରିବାକୁ ହେବ । ଏପରି ପରିସ୍ଥିତିରେ ଏଆଇ ସମ୍ମିଳନୀର ଗୁରୁତ୍ୱ ବୃଦ୍ଧି ପାଇଛି । ଗତ ୧୦ ତାରିଖ ଦିନ ଫ୍ରାନ୍ସର ରାଜଧାନୀ ପ୍ୟାରିସଠାରେ ତୃତୀୟ ଏଆଇ କାର୍ଯ୍ୟକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତ ସମେତ ୫୮ଟି ଦେଶ ଅଂଶଗ୍ରହଣ କରିଥିଲେ । ଏହା ସହିତ ଏଆଇ ଶିଳ୍ପ ସହିତ ଜଡ଼ିତ ଅନେକ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ ।

ଏଆଇର ଭଲ ଦିଗ ଥିବା ବେଳେ କିଛି ଖରାପ ପ୍ରଭାବ ମଧ୍ୟ ରହିଛି । ଯେପରି ମାନବର ସୃଜନଶୀଳତାରେ ହ୍ରାସ, ବେକାରୀ ବୃଦ୍ଧି, ତଥ୍ୟ ଚୋରି ପରି ସମସ୍ୟା ସହିତ ସମସ୍ତେ ପରିଚିତ । କିନ୍ତୁ ଏହାର ବ୍ୟବହାର ଯେତେ ବୃଦ୍ଧି ପାଇବାରେ ଲାଗିଛି ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ସାଧାରଣ ଏଆଇ ଟୁଲ୍‌ଗୁଡ଼ିକ କାର୍ଯ୍ୟ କରିବା ପାଇଁ ବିଶାଳ ତଥ୍ୟାଗାର, ସର୍ଭର ଓ ଅନ୍ୟାନ୍ୟ ଜଟିଳ ଇଲେକଟ୍ରୋନିକ୍ସ ଉପକରଣର ଆବଶ୍ୟକ ହୁଏ । ଏହାକୁ ସର୍ବଦା କାର୍ଯ୍ୟକ୍ଷମ ରଖିବା ପାଇଁ ପ୍ରଚୁର ମାତ୍ରାରେ ବିଜୁଳି ଶକ୍ତିର ଆବଶ୍ୟକ ପଡ଼େ । ଉପକରଣଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ରଖିବାକୁ ହୁଏ । ତେଣୁ ଶିତଳୀକରଣ ପାଇଁ ମଧ୍ୟ ବହୁତ ଶକ୍ତିର ଆବଶ୍ୟକ ହୁଏ । ୨୦୩୦ ବେଳକୁ ବିଶ୍ୱର ମୋଟ ଶକ୍ତି ଖର୍ଚ୍ଚର ୨୧ ଶତାଂଶ କେବଳ ଏଆଇ ଶିଳ୍ପ କ୍ଷେତ୍ରରେ ବିନିଯୋଗ ହେଉଥିବ । ଭାରତର ଅର୍ଥନୈତିକ ସର୍ବେକ୍ଷଣ ୨୦୨୪-୨୫ ଅନୁଯାୟୀ ଭାରତର ମୋଟ ବିଜୁଳି ଶକ୍ତି ଚାହିଦା ହେଉଛି ୧୫୮୦ ଟେରା ୱାଟ ଘଣ୍ଟା । ଆଉ ପାଞ୍ଚ ବର୍ଷ ପରେ ଏଆଇ ଶିଳ୍ପ କ୍ଷେତ୍ର ପ୍ରାୟ ଏତିକି ଶକ୍ତି ଖର୍ଚ୍ଚ କରିବ । ଏହାଫଳରେ ସବୁଜଗୃହ ବାଷ୍ପ ବୃଦ୍ଧି ପାଇବ ଏବଂ ପରିବେଶ ପ୍ରଭାବିତ ହେବ । ତେଣୁ ଏଥର ସମ୍ମିଳନୀରେ ଏହି ବିଷୟ ଉପରେ ବ୍ୟାପକ ଆଲୋଚନା ହୋଇଥିଲା ।

ସଦ୍ୟସମାପ୍ତ ଏଆଇ ସମ୍ମିଳନୀରେ ଏକ ଘୋଷଣାନାମା ମଧ୍ୟ ସ୍ୱାକ୍ଷର ହୋଇଛି । କିନ୍ତୁ ଆମେରିକା ଓ ବ୍ରିଟେନ ଘୋଷଣାପତ୍ରରେ ସ୍ୱାକ୍ଷର କରିନାହାନ୍ତି । ଆମେରିକା ପୁନର୍ବାର ସଙ୍କେତ ପ୍ରଦାନ କରିଛି ଯେ ପରିବେଶ ଓ ବ୍ୟବସାୟ ଏହି ଦୁଇଟି ଶବ୍ଦ କଦାପି ଆମେରିକାର ଗୋଟିଏ ଶବ୍ଦକୋଷ ମଧ୍ୟରେ ରହି ପାରିବେ ନାହିଁ । ବ୍ରିଟେନ ସ୍ୱାକ୍ଷର ନ କରିବାର କାରଣ ଉଲ୍ଲେଖ କରି କହିଛି ଯେ ଘୋଷଣାପତ୍ର ସମସ୍ୟାର ସମାଧାନ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରୁନାହିଁ । କିନ୍ତୁ ଛୋଟ ଛୋଟ ପଦକ୍ଷେପରୁ ହିଁ ବଡ଼ ଧରଣର ପରିବର୍ତ୍ତନ ଆସିଥାଏ । ଆଜିପର୍ଯ୍ୟନ୍ତ ୟୁରୋପ ଏଆଇକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ କରି ଆସୁଥିଲା । ୟୁରୋପର ଅନେକ ବିଶ୍ୱବିଦ୍ୟାଳୟରେ ଏଆଇର ବ୍ୟବହାରକୁ ନିଷିଦ୍ଧ କରାଯାଇଛି । କିନ୍ତୁ ବର୍ତ୍ତମାନ ଏଆଇ ଶିଳ୍ପର ବ୍ୟାପକ ଅଭିବୃଦ୍ଧି ଦେଖି ୟୁରୋପ ମଧ୍ୟ ଏହି କ୍ଷେତ୍ର ମଧ୍ୟକୁ ପ୍ରବେଶ କରିବ ବୋଲି ସ୍ପଷ୍ଟ ଭାବରେ ସୂଚନା ଦେଇଛି । ଆମେରିକା ମତ ପ୍ରକାଶ କରିଛି ଯେ ଏଆଇ ଉପରେ କୌଣସି ପ୍ରକାରର ପ୍ରତିବନ୍ଧକ ରହିବା ଉଚିତ ନୁହେଁ । ଏହାଫଳରେ ଗବେଷଣାରେ ବାଧା ସୃଷ୍ଟି ହେବ ଏବଂ ଏଆଇ କ୍ଷେତ୍ର ପ୍ରଭାବିତ ହେବ । ଏଆଇ ସମ୍ମିଳନୀରେ ଏଆଇ ହେତୁ ହେଉଥିବା ଛଟେଇ ବିଷୟରେ ସମସ୍ତେ ନିରବ ରହିଥିବା ଦେଖାଯାଇଛି । ସମ୍ମିଳନୀରେ ସ୍ଥିର ହୋଇଛି ଯେ ପର୍ଯ୍ୟବେକ୍ଷକ ମଣ୍ଡଳୀ ଗଠନ କରାଯିବ, ଯିଏ ବିଭିନ୍ନ କ୍ଷେତ୍ରରେ ଏଆଇର ପ୍ରଭାବ କିପରି ପଡୁଛି ତା'କୁ ବିଶ୍ଳେଷଣ କରିବ । ପରବର୍ତ୍ତୀ ସମୟରେ ସେହି ଅନୁସାରେ ନିଷ୍ପତ୍ତି ଗ୍ରହଣ କରାଯିବ । ସେପରି ଏଆଇର କାର୍ଯ୍ୟ ପରିସୀମାକୁ ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ନିୟାମକ ଲାଗୁ କରିବା ଦିଗରେ ମଧ୍ୟ ସହମତି ପ୍ରକାଶ ପାଇ ନାହିଁ ।

ଭାରତ ମୁଖ୍ୟତଃ ସମସ୍ତ ପ୍ରକାରର ଏଆଇ ଟୁଲ୍‌ର କୋଡ୍‌କୁ ସାର୍ବଜନୀନ କରିବା ପାଇଁ ପ୍ରସ୍ତାବ ରଖିଛି । ଏହାଫଳରେ ଏଆଇ ଜଗତରେ ସ୍ୱଚ୍ଛତା ଓ ବିଶ୍ୱସନୀୟତା ଆଣିବା ସମ୍ଭବ ହେବ ବୋଲି ଭାରତ ଆଶା କରୁଛି । ଭାରତରେ ଏଆଇ ଟୁଲ୍‌ର ଗବେଷଣା ଓ ବିକାଶର ସ୍ଥିତି କିପରି ରହିଛି ତାହାର ବିଶେଷକିଛି ତଥ୍ୟ ନ ଥିଲେ ମଧ୍ୟ ହୁଏତ ଆଗାମୀ ଦିନରେ ସ୍ୱଦେଶୀ ଏଆଇ ଟୁଲ୍ ବଜାରକୁ ଆସିପାରେ । କିନ୍ତୁ ଏହାଠାରୁ ବଡ଼ ସମସ୍ୟା ହେଉଛି ୟୁରୋପ, ଆମେରିକା ଓ ଚୀନରେ ଥିବା ବଡ଼ ବଡ଼ ପ୍ରଯୁକ୍ତି ବିଜ୍ଞାନ ସମ୍ବନ୍ଧୀୟ ଶିଳ୍ପ ଆଉ ନିରବ ରହିବେ ନାହିଁ । ପ୍ରତ୍ୟେକ ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ ମୋବାଇଲ ଆପ୍ ପ୍ରସ୍ତୁତ ହେବା ପରି ଏଆଇ ଟୁଲ୍ ମଧ୍ୟ ମାଗଣାରେ ମିଳିବ । ଭାରତର ବିଶାଳ ବଜାରର ଚାହିଦା ପୂରଣ କରିବା ସେମାନଙ୍କ ଏକ ମାତ୍ର ଲକ୍ଷ୍ୟ ହେବ । ତେଣୁ ବ୍ୟକ୍ତିଗତ ଓ ସରକାରୀ ତଥ୍ୟ ସୁରକ୍ଷା, ଡିପ୍ ଫେକ୍ ଚିତ୍ର ଓ ଭିଡିଓର ଅପବ୍ୟବହାର ଓ ଅପତଥ୍ୟର ପ୍ରସାର ଇତ୍ୟାଦିକୁ ନିୟନ୍ତ୍ରଣ କରିବା ଦିଗରେ ସରକାରଙ୍କ ପାଇଁ ଏକ ଆହ୍ୱାନମୂଳକ ପରିସ୍ଥିତି ସୃଷ୍ଟି କରିବ । କିନ୍ତୁ କୋଡ୍‌କୁ ସାର୍ବଜନୀନ କରାଗଲେ ଏଆଇ ସମ୍ପର୍କିତ ଶିକ୍ଷା ପ୍ରଦାନ କରିବା ସହଜ ହେବ । ଏହାଫଳରେ ଭାରତର ବିଶାଳ ମାନବ ସମ୍ବଳର ବିକାଶ ସମ୍ଭବ ହେବା ସହିତ ଏଆଇ ଯୁଗରେ ନିଯୁକ୍ତି ହ୍ରାସର ପ୍ରଭାବକୁ ମଧ୍ୟ କିଛି ମାତ୍ରାରେ ଦୂରେଇ ଦିଆ ଯାଇପାରେ ।

ଏଆଇ ଟୁଲ୍‌ର ଉଦ୍ଭାବନ ଉତ୍ତମ କାର୍ଯ୍ୟରେ ଉପଯୋଗ କରାଗଲେ ଅଯଥା ସଂଶୟ ଦୂର କରିବା ସମ୍ଭବ ହେବ । କୃଷି, ସ୍ୱାସ୍ଥ୍ୟ ସେବା, ସରକାରୀ ସେବା, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ, ସାମାଜିକ ଓ ଆର୍ଥିକ ବିକାଶ ଦିଗରେ ଏଆଇର ଶକ୍ତିକୁ ବ୍ୟବହାର କରାଗଲେ ଅଳ୍ପସମୟ ମଧ୍ୟରେ ଭଲ ସୁଫଳ ମିଳିପାରିବ ବୋଲି ଆଶା କରାଯାଉଛି । ତେଣୁ ଆଗାମୀ ଦିନରେ ଏଆଇ ସମ୍ମିଳନୀର ଦାୟିତ୍ୱ ବୃଦ୍ଧି ପାଇବ । ପରବର୍ତ୍ତୀ ସମ୍ମିଳନୀ ଭାରତରେ ଆୟୋଜିତ ହେବ । ବିଶ୍ୱ ନେତୃବୃନ୍ଦ ସହିତ ଏଆଇ କମ୍ପାନୀମାନଙ୍କ ସଦିଚ୍ଛା ଅପରିହାର୍ଯ୍ୟ ହେବ । ସମସ୍ତେ ସମସ୍ୟା ଓ ବୈଷମ୍ୟବିହୀନ ଏକ ଉନ୍ନତ ମାନବ ସଭ୍ୟତା ପାଇଁ ଆଗଭର ହେବେ ବୋଲି ଆଶା ରଖା ଯାଇପାରେ ।

ବେଲେଶ୍ୱର( କଟକ)
ମୋ: ୯୪୩୭୧୨୮୪୬୪

## ଗୁରୁଙ୍କ ସନ୍ଧାନେ

**ମଧୁସ୍ମିତା ମହାପାତ୍ର**

ଈଶ୍ୱରଙ୍କ ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ହେଉଛି ମନୁଷ୍ୟ । ମନୁଷ୍ୟର ଏହି ଶ୍ରେଷ୍ଠତ୍ୱର କାରଣ ହେଉଛି ତା'ର ଜ୍ଞାନ । ଏହି ଜ୍ଞାନ ନିମିତ୍ତ ହିଁ ସେ ବିଚାର କରି ବିବେକାନୁମୋଦିତ କାର୍ଯ୍ୟ କରିଥାଏ । ବର୍ତ୍ତମାନ ବିଚାର କରିବାର ବିଷୟ - ଯଦି ସବୁ କାର୍ଯ୍ୟ ସାଧନ ନିମିତ୍ତ ଜ୍ଞାନ ହିଁ ଏକମାତ୍ର ମାର୍ଗ, ତେବେ ଏହି ଦୁର୍ଲଭ ଜ୍ଞାନ ମିଳିବ କେଉଁଠାରୁ, ଯାହାଦ୍ୱାରା ମନୁଷ୍ୟ ଦେବତ୍ୱ ପ୍ରାପ୍ତ ହୋଇପାରିବ । ମାତୃଗର୍ଭରୁ ଧରାପୃଷ୍ଠରେ ଜନ୍ମ ଗ୍ରହଣ କରିବା ପରେ କେହି ସ୍ୱୟଂ ଜ୍ଞାନପ୍ରାପ୍ତ ହୋଇପାରିବ ନାହିଁ । ଏଥିପାଇଁ ଆବଶ୍ୟକ ଏକ ମାଧ୍ୟମ । ତୃଷାର୍ତ୍ତ ବ୍ୟକ୍ତି ନିଜ ତୃଷ୍ଣା ନିବାରଣ ପାଇଁ ଜଳ ଆବଶ୍ୟକ କରିଥାଏ, ମାତ୍ର ତାହା ପାଇବା ପାଇଁ କିଛି ଶ୍ରମ ସ୍ୱୀକାର କରିବାକୁ ପଡ଼ିଥାଏ । ଠିକ୍ ସେହିପରି ଜ୍ଞାନରୂପକ ତୃଷ୍ଣା ଆମ ସମସ୍ତଙ୍କ ଭିତରେ ରହିଛି । ସଚେତନ ବ୍ୟକ୍ତି ସେହି ତୃଷ୍ଣା ମେଣ୍ଟେଇବାକୁ ମାଧ୍ୟମ ଖୋଜି ବୁଲନ୍ତି । ସେମାନଙ୍କର ଜୀବନ କେବଳମାତ୍ର ଜ୍ଞାନର ଅନ୍ୱେଷଣରେ ଅତିବାହିତ ହୋଇଥାଏ । ସେହି ସମୟରେ ଆବଶ୍ୟକ ପଡ଼ିଥାଏ ଜଣେ ଗୁରୁ ବା ମାର୍ଗଦର୍ଶକଙ୍କର, ଯିଏ ସେହି ବ୍ୟକ୍ତିଙ୍କୁ ଖୋଜୁଥିବା ସତ୍ତା ନିକଟରେ ପହଞ୍ଚିବା ପାଇଁ ବାଟଟିଏ ବତାଇଦେବେ ।

ବର୍ତ୍ତମାନ ପ୍ରଶ୍ନ ଉଠେ କିଏ ଗୁରୁ? ପ୍ରାଚୀନ ପରମ୍ପରାରେ ଆମର ଗୁରୁକୁଳ ଆଶ୍ରମ ରହିଥିଲା, ଯେଉଁଠାରେ ସମାଜର କିଛି ନିର୍ଦ୍ଦିଷ୍ଟ ବର୍ଗର ବ୍ୟକ୍ତିବିଶେଷ ଶିଷ୍ୟତ୍ୱ ଗ୍ରହଣ କରୁଥିଲେ । ଗୁରୁ ସେହି ଗୋଷ୍ଠୀଙ୍କୁ ଶିକ୍ଷାଦାନ କରୁଥିଲେ । ମାତ୍ର ବର୍ତ୍ତମାନର ଆଧୁନିକ ସମୟରେ ଅଙ୍ଗନୱାଡି (ପ୍ରି-ସ୍କୁଲ) ଠାରୁ ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ପ୍ରାପ୍ତିର ବ୍ୟବସ୍ଥା ଉପଲବ୍ଧ । ତଥାପି ପରିଣତ ବୟସରେ ମନୁଷ୍ୟ ପ୍ରକୃତ ଜ୍ଞାନର ଉପଲବ୍ଧି କରିପାରୁ ନାହିଁ । କିଛି ଅଭାବବୋଧ ତା'କୁ ନଜ ଭିତରେ ନିଜକୁ ଖାଇ ଗୋଡ଼ାଉଛି । କିପରି ଏହି ସମସ୍ୟାର ସମାଧାନ ହୋଇପାରିବ?

ଶିକ୍ଷାକୁ ଯଦି ଆମେ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ, ନିର୍ଦ୍ଦିଷ୍ଟ ସମୟ, ନିର୍ଦ୍ଦିଷ୍ଟ ବିଷୟ ମଧ୍ୟରେ ସୀମିତ ରଖିଦେବା, ତେବେ ସମ୍ପୂର୍ଣ୍ଣତା ମିଳିବ କିପରି? ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟକୁ ଧରାପୃଷ୍ଠରେ କିଛି ନା କିଛି ଶିକ୍ଷାଲାଭ କରିବାକୁ ହୋଇଥାଏ । ଶିଶୁଟିଏ ପୃଥିବୀ ବକ୍ଷରେ ଜନ୍ମ ଗ୍ରହଣ ପରେ ଜୀବନଧାରଣ କରିବା ପାଇଁ ପ୍ରଥମେ ତା'ର ମାତା ହିଁ ତା'କୁ ସ୍ତନ୍ୟପାନର ଜ୍ଞାନ ଦେଇଥା'ନ୍ତି । ତାହା ହିଁ ଜ୍ଞାନ ଅନ୍ୱେଷଣର ଆରମ୍ଭ । ପରବର୍ତ୍ତୀ ସମୟରେ ନିଜ ଶରୀର ପୁଷ୍ଟିସାଧନ କରି ସେ କଡ଼ ଲେଉଟାଇବା, ପେଟେଇବା, ଆଣ୍ଠେଇବା, ଠିଆହେବା, ଦୌଡ଼ିବା ଇତ୍ୟାଦି ନୂତନ ନୂତନ କ୍ରିୟାମାନ ଶିଖିଥାଏ । ଏହା ପ୍ରମାଣିତ କରୁଛି ଯେ, ଜ୍ଞାନ ଅନ୍ୱେଷଣର ଶେଷ ହିଁ ନାହିଁ । ଗୋଟିଏ ବିଷୟରେ ଆମେ ଜ୍ଞାନ ଆହରଣ କରିସାରିବା ପରେ ପ୍ରାକୃତିକ ନିୟମ ଏହା ଯେ, ପରବର୍ତ୍ତୀ ବିଷୟ ସମ୍ପର୍କରେ ଆମେ ଜ୍ଞାନ ଅନ୍ୱେଷଣର ଆରମ୍ଭ କରୁ । ଯଦି ଆମେ ସେପରି କରୁନାହେଁ ତେବେ ପ୍ରାକୃତିକ ନିୟମକୁ ବିରୋଧ କରି ଅଜ୍ଞାନତା ରୂପକ ଅନ୍ଧାରରେ ଆକ୍ରାନ୍ତ ହୋଇଯିବା ।

ବ୍ୟକ୍ତିକୁ ସାରାଜୀବନ ଜ୍ଞାନ ଆହରଣ ହିଁ କରିବାକୁ ହେବ । କ'ଣ ଖୋଜିବ? କିପରି ଖୋଜିବ? ପ୍ରାପ୍ତ ହେବାକୁ ଥିବା ବସ୍ତୁର ଠିକଣା ପାଇବ କେଉଁଠି? ଏହିପରି ଜଟିଳ ପ୍ରଶ୍ନମାନ ବର୍ତ୍ତମାନ ଆମ ସମ୍ମୁଖରେ ଉପସ୍ଥିତ । ଏ ସମସ୍ତ ପ୍ରଶ୍ନର ଉତ୍ତର କେବଳମାତ୍ର ଉପଯୁକ୍ତ ଗୁରୁ ହିଁ ଦେଇପାରିବେ । ଓଡ଼ିଆ ଭାଗବତକାର ଶ୍ରୀଜଗନ୍ନାଥ ଦାସ ଭାଗବତରେ ଯଦୁ-ଅବଧୂତ ପ୍ରସଙ୍ଗରେ ଚବିଶ ଗୁରୁଙ୍କ କଥା ବର୍ଣ୍ଣନା କରିଛନ୍ତି । ଆହୁରି ଭାଗବତକାରଙ୍କ ମତରେ, 'ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ' ପୁଣି, 'କର୍ମ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ ।' କହିବାର ଉଦ୍ଦେଶ୍ୟ ବ୍ୟକ୍ତି ନିଜେ ଯାହା ମନ ମଧ୍ୟରେ ଚିନ୍ତା କରେ, ଆଗ୍ରହ ପୋଷଣ କରେ ତଦନୁସାରେ କର୍ମ କରବାକୁ ପ୍ରେରିତ ହୋଇଥାଏ । ଅର୍ଥାତ ମନର ନିର୍ଦ୍ଦେଶ ଆମ ପାଇଁ ଗୁରୁଙ୍କର ନିର୍ଦ୍ଦେଶ ତୁଲ୍ୟ । ପୁଣି ସେହି ନିର୍ଦ୍ଦେଶାନୁକ୍ରମେ ଆମେ ଯେଉଁ କର୍ମରେ ପ୍ରବୃତ୍ତ ହୁଅନ୍ତି ସେହି କର୍ମ ମଧ୍ୟ ଆମ ଗୁରୁ ପଦବାଚ୍ୟ ।

ଗୁରୁ ଶ୍ରେଣୀଗୃହରେ ସମଭାବରେ ନିଜର ସମସ୍ତ ବିଦ୍ୟାର୍ଥୀଙ୍କୁ ଜ୍ଞାନର ବାରି ସିଞ୍ଚନ କରିଥା'ନ୍ତି । ମାତ୍ର ସେହି ଜ୍ଞାନ ବାରିକୁ ଧାରଣ କରିବାର କ୍ଷମତା ସବୁ ବିଦ୍ୟାର୍ଥୀଙ୍କର ସମାନ ନୁହେଁ । ପ୍ରତ୍ୟେକଙ୍କ ଚିନ୍ତା ଯେହେତୁ ଭିନ୍ନ, ଜ୍ଞାନକୁ ଆହରଣ କରିବାର କ୍ଷମତା ମଧ୍ୟ ସମସ୍ତଙ୍କର ଭିନ୍ନ । ଗୁରୁ ଦ୍ରୋଣ କୌରବ ଓ ପାଣ୍ଡବ ସମସ୍ତଙ୍କୁ ସମାନ ଶିକ୍ଷାଦାନ କରୁଥିଲେ; ମାତ୍ର ସେହି ଜ୍ଞାନ ସମଭାବେ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଗ୍ରହଣୀୟ ନଥିଲା । ପୁଣି ଏକଲବ୍ୟଙ୍କ କଥା ସମ୍ପୂର୍ଣ୍ଣ ଭିନ୍ନ । ଗୁରୁ ଦ୍ରୋଣଙ୍କର ପ୍ରତିମୂର୍ତ୍ତି ସମ୍ମୁଖରେ ଗୁରୁଙ୍କର କୌରବ-ପାଣ୍ଡବଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଜ୍ଞାନକୁ କେବଳମାତ୍ର ଅଭ୍ୟାସ କରି ସେ ପ୍ରଚଣ୍ଡ ଧନୁର୍ଦ୍ଧାରୀ ହେବାର କ୍ଷମତା ହାସଲ କରିପାରିଥିଲେ ।

ସଂସାରରେ ଗୁରୁ ଅତ୍ର-ତତ୍ର-ସର୍ବତ୍ର ନ୍ୟାୟରେ ବିଦ୍ୟମାନ । ଉପଯୁକ୍ତ ଶିଷ୍ୟର କର୍ତ୍ତବ୍ୟ ହେଉଛି ସେ ସନ୍ଧାନ କରି ନିଜ ଗୁରୁଙ୍କୁ ନିର୍ବାଚିତ କରିବ । ପ୍ରାଚୀନ ଗୁରୁକୁଳ ହେଉ ଅବା ବର୍ତ୍ତମାନର ଆଧୁନିକ ଶିକ୍ଷା ବ୍ୟବସ୍ଥା, ନିୟମାନୁସାରେ ସର୍ବଦା ଗୁରୁ ଏକ, ଶିଷ୍ୟ ଅନେକ । ମାତ୍ର ସେହି ଅନେକଙ୍କ ମଧ୍ୟରୁ ଏକ ହିଁ ନିଜର ଶ୍ରେଷ୍ଠତ୍ୱର ପ୍ରତିପାଦନ କରି ନିଜେ ଅମର ହେବା ସହ ନିଜ ଗୁରୁଙ୍କୁ ମଧ୍ୟ ଅମର କରି ରଖିବ । ସଂସାରରେ ସର୍ବକ୍ଷୁଦ୍ରତମ ଧୂଳିକଣାଠାରୁ ଆରମ୍ଭ କରି ଆଖି ପାଉ ନଥିବା ବିଶାଳ ଆକାଶ ପର୍ଯ୍ୟନ୍ତ ସମସ୍ତଙ୍କର ଗୁରୁତ୍ୱ ରହିଛି । ଶିକ୍ଷାର୍ଥୀ ପାଖରେ ଶିକ୍ଷା ଅର୍ଜନ କରିବାର ମାନସିକତା ହିଁ ଗୁରୁଙ୍କ ମାଧ୍ୟମରେ ଜ୍ଞାନପ୍ରାପ୍ତ ହେବାର ସୁଯୋଗ ସୃଷ୍ଟି କରିଥାଏ ।

(ଅଧ୍ୟାପିକା, ମଡେଲ୍ ଡିଗ୍ରୀ କଲେଜ, ନୟାଗଡ଼)
ମୋ:୬୩୭୨୩୫୭୫୨୫

## କବିସୂର୍ଯ୍ୟଙ୍କ କଲ୍ୟାଣମୟୀ ଲଳିତା

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ଓଡ଼ିଆ ସାହିତ୍ୟକୁ ଶତଶତ ଗୀତରେ ସଙ୍ଗୀତମୟ କରି ତୋଳିଥିବା କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିଭା-ଝଙ୍କାରରେ କିଏ ବା ହୋଇନାହାନ୍ତି ମନ୍ତ୍ରମୁଗ୍ଧ ଓ ଭାବ-ସ୍ନିଗ୍ଧ! ବଳଦେବଙ୍କ ସାହିତ୍ୟ-ବିଭବ ମଧ୍ୟକୁ ପ୍ରବେଶ କଲେ ଭିନ୍ନ ଭିନ୍ନ ସମୁଜ୍ଜ୍ୱଳ ରତ୍ନାଳଙ୍କାରର ସୌନ୍ଦର୍ଯ୍ୟ ଆମକୁ ଅଭିଭୂତ କରିଦେବ ନିଶ୍ଚୟ । ସେଇସବୁର ତାଲିକା ତାଙ୍କ ସମ୍ପର୍କିତ ଯେକୌଣସି ଗ୍ରନ୍ଥରେ ଉପଲବ୍ଧ । କିନ୍ତୁ ଯେଉଁ ଚରିତ୍ର ହେଉଛି କବିସୂର୍ଯ୍ୟଙ୍କ ଅସାମାନ୍ୟ ସୃଷ୍ଟି, ସେଥିରେ ହିଁ କବିସୂର୍ଯ୍ୟ କାବ୍ୟ-ଆଭା ଓଡ଼ିଆ ପାଠକ ପ୍ରାଣକୁ ଅଭିଭୂତ କରି ରଖିଛି ଶତ ଶତ ବର୍ଷବ୍ୟାପୀ । କେଉଁ ପାଠକ ଅବା ସେଇ ବିରଳ ଚରିତ୍ରର ନାମ ସହ ଅପରିଚିତ? ସେ ହେଉଛି ବହୁଚର୍ଚ୍ଚିତ ଲଳିତା ।

କବି ସୂର୍ଯ୍ୟଙ୍କ 'କିଶୋର ଚନ୍ଦ୍ରାନନ୍ଦ' ଚମ୍ପୂରେ ତାହାର ଶୁଭ ଆବିର୍ଭାବ । ରାଧାଙ୍କ ଅତି ପ୍ରିୟ ସଖୀ ସେ । ଗଙ୍ଗାରୁ ଗଭୀର ତା'ର ହୃଦୟ । ତା'ର ସ୍ନେହ ମଧ୍ୟ ଅତୁଳନୀୟ । ତେବେ କୃଷ୍ଣ-ପ୍ରେମ ଜର୍ଜରିତା ରାଧାଙ୍କୁ ଅସହ୍ୟ ଚିନ୍ତାର ଆବର୍ତ୍ତ ମଧ୍ୟକୁ ସେ ଠେଲି ଦେଉଛି କାହିଁକି? ନିଜ ହୃଦୟର ସଂଗୁପ୍ତ ଶିହରଣ ରାଧା ତା' ଆଗରେ ବ୍ୟକ୍ତ କରିଦେବା ପରେ ପ୍ରିୟ ସଖୀକୁ ସେ ପୁଣି ଭର୍ତ୍ସନା କରିପାରିଛି ନିଷ୍ଠୁର ହୋଇ! ରାଧାଙ୍କ ଅନୁରୋଧ ରକ୍ଷା କରି ପ୍ରେମ ନିବେଦନ କରିବ ବୋଲି ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ ତାଙ୍କ ପ୍ରେମାର୍ଦ୍ର ଅନ୍ତରର କବାଟ ଖୋଲି ଦେଇଛି । ରାଧାଙ୍କ ପାଖକୁ ଆସି ନୈରାଶ୍ୟର ନିଆଁ ବର୍ଷା କରୁଛି! ସେ ଚତୁରୀ କ'ଣ ଜାଣିନାହିଁ ରାଧା ଓ କୃଷ୍ଣ ଉଭୟେ ପରସ୍ପରକୁ ପାଇବା ପାଇଁ କି ବ୍ୟାକୁଳ? ସବୁ ସିଏ ଜାଣେ । ଦୁହିଁଙ୍କ ହୃଦୟ ମଧ୍ୟସ୍ଥ ନିଭୃତ ଭାବରାଶି କାଢ଼ି ଆଣିବାରେ ସେ ସୁଦକ୍ଷା । ଦୁହିଁଙ୍କ ସେ ହେଉଛି ଏକମାତ୍ର ଆଶା ଭରସା । ତଥାପି ମିଥ୍ୟାକଥା କହି ଉଭୟଙ୍କୁ ତଳିତଳାନ୍ତ କରିବାରେ କି ଆନନ୍ଦ ତା'ର ନିହିତ?

ଚମ୍ପୂକୁ ଆମୂଳଚୂଳ ପାଠ କରିସାରିବା ପରେ ପ୍ରତ୍ୟେକ ପାଠକ ଜାଣିପାରନ୍ତି ଯେ, ବାସ୍ତବିକ ଲଳିତା ଉଭୟଙ୍କୁ କରୁଥିଲା ପରୀକ୍ଷା । ଯେତେବେଳେ ଉଭୟେ ସେଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ, କୃଷ୍ଣରାଧାଙ୍କ ମିଳନ ପାଇଁ ମଞ୍ଚ ପ୍ରସ୍ତୁତ କରିଦେଇ ସେ ବିଦାୟ ନେଇଗଲା । ସମାଲୋଚକମାନେ ତା'ର ମହାନତା ଆଉ କବିସୂର୍ଯ୍ୟଙ୍କ ପ୍ରତିଭାରେ ମୁଗ୍ଧ ହୋଇ ଢାଳି ଦେଇଛନ୍ତି ଅଜସ୍ର ପ୍ରଶଂସା । ଆଶା ନୈରାଶ୍ୟର ଦୁର୍ଲଭ ଅନୁଭବ ସେ ରାଧାକୃଷ୍ଣଙ୍କୁ ଦେଇ ପାରିଛି ବୋଲି ତା'ର ଅସାଧାରଣ ଚାତୁର୍ଯ୍ୟ ଲାଭ କରିଛି ଅପୂର୍ବ ଅଭିନନ୍ଦନ । ତା'ହେଲେ କ'ଣ ଲଳିତାକୁ ଆମେ ଏତିକି ବୁଝିଛୁ? ଏହାବ୍ୟତୀତ ଆଉ ଅଧିକ ଭାବ-ବ୍ୟଞ୍ଜନା କ'ଣ ସମାହିତ ହୋଇ ରହିନି ତା'ଠାରେ? ଏହାର ଯଥାର୍ଥ ଉତ୍ତର ଖୋଜିବା ପାଇଁ ଏକବିଂଶ ଶତାବ୍ଦୀରେ କବିସୂର୍ଯ୍ୟଙ୍କ ଆହ୍ୱାନ ହେଉଛି ଅଧିକ ପ୍ରାସଙ୍ଗିକ । ଲଳିତା ଏଠାରେ କେବଳ ରାଧାଙ୍କ ପ୍ରିୟସଖୀ ମାତ୍ର ନୁହେଁ । ସେ ଉନ୍ନୀତ ହୋଇଛି ସେଇ ସ୍ତରକୁ, ଯେଉଁଠି ପିତୃମାତୃ ହୃଦୟର ଶୁଭଚିନ୍ତନ ଉପସ୍ଥିତ । ସେ ଏପରି ଏକ ଚରିତ୍ର, ଯାହା ଭିତରେ କଲ୍ୟାଣକର ଭାବନାର ଗଙ୍ଗାସ୍ରୋତ ପ୍ରବାହିତ । ସେ ମିଥ୍ୟା କହିଛି, ଛଳନା କରିଛି ଏଥିପାଇଁ ଯେ ଦୁଇଟି ମଣିଷର ଆତ୍ମିକ ବନ୍ଧନ କ୍ଷଣିକ ନା ଚିରନ୍ତନ ତାହା ଜାଣିବାକୁ ଚାହିଁଛି ।

ଯାହା ଉଚ୍ଚକୋଟୀର ସାହିତ୍ୟ ତାହା ଯେକୌଣସି ବିଷୟ ବା ଚରିତ୍ରକୁ ନେଇ ଗତିଶୀଳ ହେଲେ ମଧ୍ୟ ପ୍ରତିଟି ସମୟ ପାଇଁ ତା' ଭିତରେ ରହିଥାଏ ଶିବ-ସନ୍ଦେଶ । ଏଥିପାଇଁ ଜଣେ ସ୍ରଷ୍ଟା ଯେ ସଚେତନ ହେବା ଜରୁରୀ ତାହା ଆଦୌ ନୁହେଁ । ଶିଳ୍ପୀ କଳାର କୋଣାର୍କ ନିର୍ମାଣ କରେ । ତା'ର ଅଜ୍ଞାତସାରରେ ତା' ଭିତରକୁ ପ୍ରବେଶ କରନ୍ତି କଳାର ପ୍ରକୃତ ଦେବୀ-ସତ୍ତା, ଯିଏ ମାଙ୍ଗଲ୍ୟର ମହିମା ଅତି ଯତ୍ନର ସହ ସଂରକ୍ଷିତ ରଖି ଦିଅନ୍ତି କବି-ଆତ୍ମାରେ । ଲଳିତା ତା'ର ସୂକ୍ଷ୍ମଚକ୍ଷୁରେ ଦେଖି ପାରିଥିଲା ସେଇ ସତ୍ୟ, ଯାହା ପ୍ରେମକୁ କରିଦେଇପାରେ ମହିମାନ୍ୱିତ । ରାଧାକୃଷ୍ଣ କେଉଁ ଉପାଦାନରେ ଗଢ଼ା ତାହା କବିସୂର୍ଯ୍ୟ ଯେତିକି ଜାଣନ୍ତି, ତାଙ୍କ ଠାରୁ ଲଳିତା ଜାଣେ ଅଧିକ । କେବଳ ଏ ଦୁଇଜଣଙ୍କ ମିଳନ ପାଇଁ ନୁହେଁ, ସୃଷ୍ଟିର କଲ୍ୟାଣ ନିମନ୍ତେ ସେ ଉତ୍ସର୍ଗୀକୃତ ଏକ ଅକଳନୀୟ ଚରିତ୍ର । କବିସୂର୍ଯ୍ୟ ତା' ଭିତରକୁ ଯେତିକି ପ୍ରବେଶ କରିଛନ୍ତି, ତା' ଠାରୁ ଅଧିକ ପରିମାଣରେ ଲଳିତା ଅଧିକାର କରିଛି ବଳଦେବଙ୍କ ହୃଦୟକୁ ।

'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତ୍ରିଶଟି ଗୀତରେ ଯାହା ସରିଗଲା ପରି ମନେହେଉଛି, ତାହା ସେତିକିରେ କଦାପି ଶେଷ ହେବାର ନୁହେଁ । ଲଳିତା ପରି ସଖୀ ଓଡ଼ିଆ ସାହିତ୍ୟରେ କେବଳ ଦୁର୍ଲଭ ନୁହେଁ, ଭାରତୀୟ ଓ ବିଶ୍ୱ ସାହିତ୍ୟରେ ମଧ୍ୟ ବିରଳ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

### 'ନିପୁଣ ଓଡ଼ିଶା ମେଳା' ପରିଚାଳନାରେ ବ୍ୟାପକ ଅନିୟମିତତା

# ମଧ୍ୟାହ୍ନରେ ପିଲାଙ୍କୁ ଦିଆଗଲା ବିସ୍କୁଟ; ଗଣ୍ଡଗୋଳର ସୂତ୍ରପାତ

ବଡସାହି,୧୯।୨(ସମିସ)



ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ ମୌଳିକ ସାକ୍ଷରତା ତଥା ସଂଖ୍ୟାଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଶିକ୍ଷଣ ସାମଗ୍ରୀ ଉପରେ ପିଲାମାନଙ୍କ ଜ୍ଞାନ ବୃଦ୍ଧି ପାଇଁ କ୍ଲଷ୍ଟର ଓ ବ୍ଲକ୍ ସ୍ତରରେ ନିପୁଣ ମେଳା ଅନୁଷ୍ଠିତ ହେଉଛି। ଭଲ କ୍ଲଷ୍ଟରରେ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ବ୍ଲକ୍ ସ୍ତରକୁ ଆସିଥିଲେ; ପରେ ସେମାନେ ବୁଧବାର ଜିଲ୍ଲା ସ୍ତରକୁ ଯାଇଛନ୍ତି। ଏହି ପରିପେକ୍ଷୀରେ ବଡସାହି ବ୍ଲକ୍‌ର ୧୮ଟି କ୍ଲଷ୍ଟର ସମେତ ବ୍ଲକସ୍ତରୀୟ ନିପୁଣ ମେଳା ଅନୁଷ୍ଠିତ ହୋଇଯାଇଛି; ମାତ୍ର ଏହି ନିପୁଣ ମେଳା ଆୟୋଜନ ଓ ପରିଚାଳନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ କେତେକ ଯୁବକ ଅଭିଯୋଗ କରିଛନ୍ତି। ମେଳା ଆୟୋଜନ ପାଇଁ କ୍ଲଷ୍ଟର ସ୍ତରରେ ୨୫ ହଜାର ଟଙ୍କା ଓ ବ୍ଲକ୍ ସ୍ତରରେ ୫୦ ହଜାର ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି। ଏହା ସତ୍ତ୍ୱେ ଅର୍ଥର ଦୁରୁପଯୋଗ କରାଯାଇ କାଗଜ କଲମରେ ବିଲ ଭାଉଚର ପ୍ରସ୍ତୁତ କରି ଏହି ଟଙ୍କାକୁ ଦାୟିତ୍ୱରେ ଥିବା କିଛି ଅଧିକାରୀ ଓ ଶିକ୍ଷକ ଆତ୍ମସାତ କରିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ଉଠିଛି। ବଡସାହି ଠାରେ ଅନୁଷ୍ଠିତ 'ନିପୁଣ ମେଳା'ରେ ସ୍ପଷ୍ଟ ହୋଇଛି। ପିଲା ଏବଂ ଶିକ୍ଷକ ଅବା ଅବିଭାବକ ପାଇଁ ଏସକର୍ଟ ଫି ୫ ଶହ ରହିଛି। ମାତ୍ର ଏହି ବ୍ଲକ୍ ସ୍ତରୀୟ ମେଳାକୁ କେବଳ ୫ଟି ହାତଗଣତି କ୍ଲଷ୍ଟରକୁ ଡକାଯାଇଥିବା ବେଳେ ଅନ୍ୟ ପିଲାମାନେ ଆସି ନ ଥିଲେ। କେବଳ ସ୍ଥାନୀୟ ବିଦ୍ୟାଳୟର ପିଲାଙ୍କୁ ସାମିଲ କରି ମେଳାକୁ ସଫଳ କରିବା ପାଇଁ ବିଧିବଦ୍ଧ ଯୋଜନା କରାଯାଇଛି। ଯେଉଁ ପିଲାମାନେ ଏହି ମେଳାକୁ ଆସିଛନ୍ତି, ସରକାରଙ୍କ ଅନୁଦାନ ସତ୍ତ୍ୱେ ସେମାନଙ୍କୁ ଖାଇବାକୁ ଦିଆ ନ ଯାଇ ମଧ୍ୟାହ୍ନରେ ବିସ୍କୁଟ ଦିଆଯାଇଥିଲା। ଏ ନେଇ ଜଣେ ଯୁବକ ପ୍ରତିବାଦ ମଧ୍ୟ କରିଛନ୍ତି। ଏହାବାଦ ନିକଟ ଅତୀତରେ ବିଭିନ୍ନ ଅଭିଯୋଗକୁ ନେଇ ଖୁଣ୍ଟା ବ୍ଲକ୍‌କୁ ବଦଳି ହୋଇଥିବା ଏବିଇଓ ପଦ୍ମଲୋଚନ ଦାସଙ୍କୁ ଷ୍ଟେଜରେ ଦେଖି ସେ ଛୁଟିରେ ଅଛନ୍ତି କି ବୋଲି ଜଣେ ଯୁବକ ପ୍ରଶ୍ନ କରିବାରୁ ସେ ବିଇଓଙ୍କ ସହିତ ଗାଡିରେ ପଳାଇ ଯାଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଚାଟୁକାର ସାଜିଥିବା କେତେକ ମୁଷ୍ଟିମେୟ ଶିକ୍ଷକ ସମ୍ପୃକ୍ତ ଯୁବକ ଏବଂ ତାଙ୍କ ଭାଇଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଫଳରେ ସମ୍ପୃକ୍ତ ଯୁବକଙ୍କ ସହିତ ୨ଜଣ ଶିକ୍ଷକଙ୍କର ଗଣ୍ଡଗୋଳର ସୂତ୍ରପାତ ହୋଇଛି। ତେବେ ଏହି କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ କେତେକ ଶିକ୍ଷକ ନିଜର ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏ ନେଇ ବିଇଓ ମଧୁସ୍ମିତା ଗିରିଙ୍କୁ ଯୋଗାଯୋଗ କରିବାରୁ ସେ ଏଭଳି ଘଟଣାକୁ ଅସ୍ୱୀକାର କରିଛନ୍ତି।

## ଶିକ୍ଷୟିତ୍ରୀଙ୍କ ବିରୋଧରେ ଥାନାରେ ଏତଲା

**ବଡ଼ଡାଲିମା,୧୯।୨(ସମିସ):** ତିରିଙ୍ଗ ବ୍ଲକ ଅନ୍ତର୍ଗତ ବଡ଼ଡାଲିମା ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଅଭିଭାବକ ଅମନ ମହାପାତ୍ର ସଂସ୍କୃତ ଶିକ୍ଷୟିତ୍ରୀ ସୁରେଖା ମଲ୍ଲିକଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଛାତ୍ରୀ ଜଣଙ୍କୁ ଶିକ୍ଷୟିତ୍ରୀ ସୁରେଖା ମଲ୍ଲିକ କିଛିଦିନ ପୂର୍ବରୁ ନିର୍ଯାତନା ଦେଇଥିବା ନେଇ ଥାନାରେ ସେ ଏତଲା ଦେଇଛନ୍ତି। ଏହି ଖବର ପାଇ ଜିଲ୍ଲା ପରିଷଦ ସଭ୍ୟା ଜନତା ବସା ଏବଂ ସମିତି ସଭ୍ୟ ବଳଦେବ ହେମ୍ବ୍ରମ ଘଟଣାର ଯାଞ୍ଚ ପାଇଁ ବିଦ୍ୟାଳୟରେ ପହଞ୍ଚି ଏକ ବୈଠକ ଡାକିଥିଲେ; ହେଲେ ଶିକ୍ଷୟିତ୍ରୀ ସୁରେଖା ମଲ୍ଲିକ ବୈଠକକୁ ଆଲୋଚନା କରିବାକୁ ଆସି ନ ଥିଲେ। ଶିକ୍ଷୟିତ୍ରୀଙ୍କୁ ଏ ନେଇ ପଚାରିବାରୁ ସେ ଏହା ସଂପୂର୍ଣ୍ଣ ମିଥ୍ୟା ବୋଲି କହିଥିଲେ। ପୁଲିସ ଅଭିଯୋଗ ପାଇ ଘଟଣାର ଯାଞ୍ଚ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛି। ଏହି ବିଦ୍ୟାଳୟର ଅଶାନ୍ତି ପାରିବେଶ ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଗରୁ ମଧ୍ୟ ବହୁ ସମସ୍ୟା ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟର କମିଟି ସଭ୍ୟମାନେ ଜଣାଇଛନ୍ତି; କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

## ବନଖଣ୍ଡ ଅଧିକାରୀଙ୍କୁ ସଫେଇ କର୍ମଚାରୀଙ୍କ ଦାବିପତ୍ର

**ବାରିପଦା, ୧୯ ।୨(ସମିସ):** ସ୍ୱଚ୍ଛ ଭାରତ ଯୋଜନାରେ ବନବିଭାଗ ଅଧୀନରେ କାର୍ଯ୍ୟରତ ଶ୍ୟାମାଖୁଣ୍ଟା ବ୍ଲକର ସଫେଇ କର୍ମଚାରୀ (ଦିନମଜୁରିଆ) ମାନେ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି ଜଣାଇଛନ୍ତି। ଏନେଇ ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କୁ ସେମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକର ଆମ୍ବସିକଡା, ରଙ୍ଗାମାଟିଆ, ହାଲମାତ ସାହି, ନୂଆସାହି, ଗୁଣ୍ଡିହୁଡ଼ି, ପୋଡାଡିହା, ଚନ୍ଦନପୁର, ଧନପୁର ଓ ଶ୍ୟାମାଖୁଣ୍ଟା ଅଞ୍ଚଳରେ ଏହି ସଫେଇ କର୍ମଚାରୀ କାର୍ଯ୍ୟରତ। କିନ୍ତୁ ତାଙ୍କର ବିଭିନ୍ନ ସମସ୍ୟା ରହିଥିବାବେଳେ ସମାଧାନ ହେଉ ନ ଥିବାରୁ ଦାବିପତ୍ର ଦେଇଛନ୍ତି। ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନ ନେଇ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ନଳିତା ସିଂ ଓ ବର୍ଷା ସିଂଙ୍କ ନେତୃତ୍ୱରେ ବହୁ ମହିଳା ଉପସ୍ଥିତ ଥିଲେ।

## ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କୁଆମରା,୧୯।୨(ସମିସ):** ଉଦଳା ରେଞ୍ଜ ତଥା ଗୋପବନ୍ଧୁ ନଗର ବ୍ଲକ କୁଆମରାଠାରେ ମଙ୍ଗଳବାର ଫରେଷ୍ଟର କେଏଲ୍ ସୋରେନଙ୍କ ଅଧ୍ୟକ୍ଷତାରେ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନାଗ୍ନି ଦାଉରୁ ରକ୍ଷା କରିବା ଓ ଜଂଗଲକୁ କିପରି ସୁରକ୍ଷା କରାଯାଇପାରିବ ସେ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ କୁଆମରା ବନ ସୁରକ୍ଷା କମିଟିର ସଭାପତି ପଙ୍କଜ କୁମାର ମହାପାତ୍ର, ବନ ସୁରକ୍ଷା ସମିତି ସହାୟକ ସନ୍ତୋଷ କୁମାର ବେହେରା, ଜାଇକାର ସଂଯୋଜକ ମିଳନ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ବହଳଦା,୧୯।୨(ସମିସ): ଅବସରପ୍ରାପ୍ତ ଶିକ୍ଷକ ଦିବାକର ମହାନ୍ତି (୮୭)ଙ୍କ ବହଳଦା ସ୍ଥିତ ବାସଭବନରେ ବୁଧବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସେ ଜଣେ ଆଦର୍ଶ ତଥା କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ଜଣେ ଦକ୍ଷ ଏନସିସି ଶିକ୍ଷକ ଭାବେ ସମଗ୍ର ରାଜ୍ୟରେ ପରିଚିତ ଥିଲେ। ସେଥିପାଇଁ ସେ ଅନେକ ବାର ପୁରସ୍କୃତ ହୋଇଛନ୍ତି। ନିଜ ଜନ୍ମସ୍ଥାନ ବାଲେଶ୍ୱର ଜିଲ୍ଲା କୁପାରୀ ମୁଗେଇ ଗାଁ ହୋଇଥିଲେ ବି ସେ କର୍ମସ୍ଥାନ ବହଳଦାକୁ ନିଜ ସ୍ଥାୟୀ ବାସସ୍ଥାନ କରିନେଇଥିଲେ। ବହଳଦା, ତିରିଙ୍ଗ ସମେତ ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ଅବସର ନେଇଥିଲେ। ନେଶାନଦୀ ନିକଟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଛି। ପୁତ୍ର ଅଧ୍ୟାପକ ଗଗନ ମହାନ୍ତି ମୁଖାଗ୍ନି ଦେଇଥିଲେ।

## ରାଇରଙ୍ଗପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**ରାଇରଙ୍ଗପୁର,୧୯ ।୨(ସମିସ):** ରାଇରଙ୍ଗପୁର କଲେଜର ୬୧ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ସୁନୀଲ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ନବଚରଣ ମାଝୀ, ମୁଖ୍ୟବକ୍ତା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ସମ୍ମାନିତ ଅତିଥି ବିଜେପିର ସମ୍ପାଦକ ନବୀନ କୁମାର ରାମ ଓ ସଂଜୀବ କୁମାର ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ବାମନଘାଟୀ ଉପଖଣ୍ଡର ଉପଜିଲ୍ଲାପାଳ ତଥା ରାଇରଙ୍ଗପୁର କଲେଜ ପରିଚାଳନା କମିଟିର ସଭାପତି ସୌମ୍ୟରଂଜନ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀ ଅଧ୍ୟାୟୀ ହେବା ସହିତ ବିନମ୍ର ହେଲେ କଲେଜରେ ମଧୁର ସମ୍ପର୍କ ବଜାୟ ରହିବା ସହିତ ଜାତୀୟ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ବିଭୂତି ଭୂଷଣ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ହେମନ୍ତ କୁମାର ଗିରି ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଏହି ଅବସରରେ ନାଟ୍ୟଗୁରୁ ଜଗନ୍ନାଥ ଗୋପାଳ ଓ ନୃତ୍ୟଗୁରୁ ସୁନୀଲ କୁମାର ରଜକଙ୍କୁ ଯଥାକ୍ରମେ ନବପଲ୍ଲବ ନାଟ୍ୟ ନିର୍ଦ୍ଦେଶକ ସମ୍ମାନ ଓ ନବପଲ୍ଲବ ନୃତ୍ୟଗୁରୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ବିଶିଷ୍ଟ ସାହିତ୍ୟିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କର ଜନ୍ମଦିବସ ପାଳନ ହୋଇଥିଲା।

### ● କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଲମାଲ ଏମ୍‌ଆର

## ବହିର୍ବିଭାଗରେ ସେବା ବିପର୍ଯ୍ୟସ୍ତ; ରୋଗୀ ହନ୍ତସନ୍ତ

**ମୋରଡ଼ା, ୧୯ ।୨(ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ରୋଗୀଙ୍କ ପାଇଁ 'ନିରାମୟ'ରେ ମାଗଣାରେ ଔଷଧ ଦେବାର ବ୍ୟବସ୍ଥା କରିଥିଲେ। ଏଥିସହିତ ଡାକ୍ତରଙ୍କୁ 'ନିରାମୟ' ଔଷଧ ବିନା ବାହାରୁ ଲେଖିବା ପାଇଁ ଅନୁମତି ନାହିଁ; ତଥାପି ମୋରଡ଼ା ବ୍ଲକ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମେଡିସିନ୍ ରିପ୍ରେଜେଣ୍ଟେଟିଭ୍ (ଏମ୍‌ଆର) ମାଳ ମାଳ ହୋଇ ବୁଲୁଛନ୍ତି। ଏପରିକି ଏମାନେ ଡ୍ୟୁଟି ସମୟ ହେଉ ବା ଡ୍ୟୁଟି ବାହାରେ ଡାକ୍ତରଙ୍କୁ ଗୋଡେଇ ଗୋଡେଇ ଔଷଧର ନମୁନା ଦେଖାଉଛନ୍ତି। ଯଦି ସବୁ ଔଷଧ ଡାକ୍ତରଖାନାରେ ମିଳୁଛି ତେବେ କାହା ସ୍ୱାର୍ଥରେ ଏମ୍‌ଆରମାନେ ହସ୍ପିଟାଲରେ ବୁଲୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ହଳଦୀପାଳ ଗ୍ରାମର ସମାଜସେବୀ ଅମ୍ବରୀଶ ବେହେରା। ବୁଧବାର ସେ ତାଙ୍କ ସମ୍ପର୍କୀୟ ଭାଇ ଶିବନାଥ ମହାନ୍ତଙ୍କୁ କିଶାନତାଣ୍ଡି ଡାକ୍ତରଖାନାର



ବହିର୍ବିଭାଗକୁ ନେଇଥିଲେ; ବହୁ ଏମଆର ଡାକ୍ତରଙ୍କୁ ଦୀର୍ଘ ସମୟ ଧରି ଔଷଧ ସଂପର୍କରେ ବୁଝାଉଥିବାରୁ ରୋଗୀମାନେ ଦୀର୍ଘ ସମୟ ଧରି ଛିଡା ହୋଇଥିଲେ ବୋଲି ଶ୍ରୀ ବେହେରା କହିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷ ଏମଆରମାନଙ୍କୁ ନିୟନ୍ତ୍ରଣ କରି ପାରୁନଥିବା ବେଳେ ସେମାନେ ଡ୍ୟୁଟି ସମୟରେ ସମସ୍ୟା ସୃଷ୍ଟି କରୁଛନ୍ତି। ରୋଗୀଙ୍କୁ ନିରାମୟ ବ୍ୟତୀତ ବାହାରୁ ଔଷଧ ନ ଲେଖିବାକୁ ଉଚ୍ଚପଦସ୍ଥ ଅଧିକାରୀମାନେ ବାରମ୍ବାର ତାଗିଦ୍ କରୁଥିବା ସତ୍ତ୍ୱେ କିଶାନତାଣ୍ଡି ହସ୍ପିଟାଲରେ ତାହା ବ୍ୟତିକ୍ରମ ଦେଖାଦେଇଛି। ଏ ସମ୍ପର୍କରେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଇନଚାର୍ଜ ହାମ୍ବିରା ମୁର୍ମୁଙ୍କୁ ପଚାରିବାରୁ ପୂର୍ବରୁ ସେମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ବହିର୍ବିଭାଗ ବାହାରେ ପ୍ରବେଶ ନିଷେଧର ବୋର୍ଡ ଲଗାଇବା ସହ ଡ୍ୟୁଟି ସମୟରେ ଡାକ୍ତର ସହିତ କଥା ହେବେ ନାହିଁ ବୋଲି ନୋଟିସ କରାଯାଇଥିଲା। ଫଳରେ ଏମଆରମାନେ ଆସୁ ନ ଥିଲେ। ତେବେ ଏବେ ସିକ୍ୟୁରିଟିଙ୍କୁ ତାଙ୍କ ଉପରେ ନଜର ରଖିବା ସହ ଘଉଡାଇବା ପାଇଁ ନିର୍ଦ୍ଦେଶ ଦେବି ବୋଲି କହିଥିଲେ।

## ନୂତନ ଏସ୍‌ଡିପିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ବେତନଟୀ, ୧୯ ।୨(ସମିସ):** ବେତନଟୀ ପୁଲିସ ଉପଖଣ୍ଡ ଅଧିକାରୀ ଭାବେ ନିଜ କାର୍ଯ୍ୟଭାର ଗ୍ରହଣ କରିଥିବା ମିନତି ବିଶ୍ୱାଳଙ୍କୁ ବିଭିନ୍ନ ସଙ୍ଗଠନ ତରଫରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା, ବେତନଟୀ ପ୍ରେସ କ୍ଲବର ସଭାପତି ପ୍ରକାଶ ବେହେରାଙ୍କ ସମେତ ବେତନଟୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସିଭିଲ ସୋସାଇଟିର ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ସାଥୀ ସଦସ୍ୟ ପ୍ରମୁଖ ସମ୍ବର୍ଦ୍ଧନା ଜଣାଇଥିଲେ।

## ବ୍ଲକସ୍ତରୀୟ 'ନିପୁଣ ଓଡ଼ିଶା' ମେଳା



**କୁଳିଅଣା, ୧୯।୨(ସମିସ):** କୁଳିଅଣା ଶିକ୍ଷା ବିଭାଗ ତରଫରୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ରଶ୍ମିରଞ୍ଜନ ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଅନିମା ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗାଚରଣ ମାରାଣ୍ଡି, ପ୍ରମୋଦ କୁମାର ଡାକୁଆ, ଶିକ୍ଷକ ଭବେଶ ଚନ୍ଦ୍ର ଦେହୁରୀ, ଏବିଓ ସରସ୍ୱତୀ ସିଂ ଓ ଗୌରୀମଣି ସେଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଆଲୋଚନା କରିଥିଲେ। ଏଥିରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷକ ଅର୍ଜୁନ ହାଁସଦା ପରିଚାଳନା ଓ ବରିଷ୍ଠ ଶିକ୍ଷକ ହାଡିବନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଶରତଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାରିପଦା, ୧୯ ।୨(ସମିସ):** ଶରତଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟତ୍ରୀ ଜ୍ୟୋତ୍ସ୍ନାରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ଶିକ୍ଷାର୍ଥୀଙ୍କ ଭୂଷଣ ହେଉଛି ଶୃଙ୍ଖଳା ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ, ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଗତ ୨୦୨୪ ଶିକ୍ଷା ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ବିଦ୍ୟାଳୟର ସର୍ବାଧିକ ନମ୍ବର ରଖିଥିବା ଦେବାଶିଷ ସରକାରଙ୍କୁ ସ୍ୱତନ୍ତ୍ର ପୁରସ୍କୃତ କରାଯାଇଥିଲା। ସୁପ୍ରଭାତ ଦେ, ଶଶାଙ୍କ ଶେଖର ଆଚାର୍ଯ୍ୟ, ସୁମିତ୍ରା ଦାସ, ଶିକ୍ଷକ ପ୍ରଦୀପ ମହାନ୍ତ, ଅମ୍ବିକା ପଣ୍ଡା, ବର୍ଣ୍ଣାଳୀ ରାଉତ, ସଞ୍ଜୁବାଳା ସାହୁ, ସନ୍ଧ୍ୟାରାଣୀ ମହାପାତ୍ର, ସନ୍ଧ୍ୟାରାଣୀ ମାଝୀ ଓ ରୋଜାଲିନ ପଣ୍ଡା ପ୍ରମୁଖ ପରିଚାଳନାରେ କରିଥିଲେ।

## 'ଅନାଥ ପିଲାଙ୍କ ପାଇଁ ମୁଠାଏ ଚାଉଳ' କାର୍ଯ୍ୟକ୍ରମ ଆରମ୍ଭ

**ଖୁଣ୍ଟା, ୧୯ ।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ବ୍ଲକ ସାନଖୁଣ୍ଟା ପଞ୍ଚାୟତ ପକ୍ଷରୁ "ଅନାଥଙ୍କ ସହାୟତା ପାଇଁ ମୁଠାଏ ଚାଉଳ' ସଂକ୍ରାନ୍ତ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ସମାଜରେ ଦୁଃସ୍ଥ ଓ ଅସହାୟଙ୍କ ପାଇଁ କିଛି ସହାୟତା କରିବା ମନୋଭାବ ଉଦ୍ରେକ କରିବା ସହ ଜନସାଧାରଣଙ୍କ ସମାଜ ପ୍ରତି ଥିବା ଉତ୍ତରଦାୟିତ୍ୱ ସଂପର୍କରେ ସଚେତନ କରାଇବା ହିଁ ଏହି ସହାୟତାର ଉଦ୍ଦେଶ୍ୟ ବୋଲି ସରପଞ୍ଚ ସୁମି ହାଁସଦା କହିଛନ୍ତି। ଏହା ମାଧ୍ୟମରେ ସଂଗ୍ରହ କରାଯାଇ ଥିବା ଚାଉଳକୁ ନିକଟସ୍ଥ ଅନାଥ ଆଶ୍ରମକୁ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ। ଏଥିପାଇଁ କୌଣସି ହିତାଧିକାରୀଙ୍କ ଠାରୁ ବାଧ୍ୟତାମୂଳକ କିମ୍ବା ବଳ ପୂର୍ବକ ଆଦାୟ କରାଯିବ ନାହିଁ ବୋଲି ସାନଖୁଣ୍ଟା ପଞ୍ଚାୟତର ସରପଞ୍ଚ ସୁମି ହାଁସଦା ପ୍ରକାଶ କରିଛନ୍ତି। ଏହି ଅବସରରେ ସାନଖୁଣ୍ଟା ପଞ୍ଚାୟତର ସମିତି ସଭ୍ୟ ରଞ୍ଜନ ମହାନ୍ତି, ପଞ୍ଚାୟତ ପିଇଓ ଶୁଭଦର୍ଶିନୀ ଖଟୁଆଙ୍କ ସମେତ ବିଭିନ୍ନ ୱାଡର୍‌ସଭ୍ୟ ଉପସ୍ଥିତ ଥିଲେ।



### ■ ସରପଞ୍ଚଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲାବନ୍ଦ କରିବା ଘଟଣା

## ଲିଖିତ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ

**ରାଇରଙ୍ଗପୁର/ଗୋରୁମହିଷାଣି,୧୯ ।୨(ସମିସ):** ସରପଞ୍ଚଙ୍କୁ କାର୍ଯ୍ୟାଳୟ ଭିତରେ ଗାଳିଗୁଲଜ କରିବା ସହିତ ତାଲା ବନ୍ଦ କରିଥିବା ଘଟଣାର ପ୍ରତିବାଦରେ ଏ ନେଇ ସରପଞ୍ଚ ଗୋରୁମହିଷାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ଗତ ୧୭ ତାରିଖରେ



ରାଇରଙ୍ଗପୁର ବ୍ଲକ ଗୁହାଳଡାଙ୍ଗରି ପଞ୍ଚାୟତ ସରପଞ୍ଚ ବିଶୁ ମୁଣ୍ଡା ଅନ୍ୟ ପଞ୍ଚାୟତ କର୍ମଚାରୀଙ୍କ ସହିତ କାର୍ଯ୍ୟାଳୟରେ ବ୍ୟସ୍ତ ଥିଲେ। ଏହି ସମୟରେ ଗୁହାଳଡାଙ୍ଗରି ଗାଁର ସୁମନ ସେଠୀ ଏବଂ ତାଙ୍କର ସହଯୋଗୀମାନେ ପାଣି ସମସ୍ୟା ରହିଛି କହି ଭିତରକୁ ପ୍ରବେଶ କରିଥିଲେ। ପରେ ସେମାନେ ସରପଞ୍ଚ ସହିତ ଅନ୍ୟ କର୍ମଚାରୀଙ୍କୁ ଅଶ୍ଳୀଳ ଗାଳିଗୁଲଜ କରିଥିଲେ। ଏହା ପରେ ସମ୍ପୃକ୍ତ ଲୋକମାନେ ସରପଞ୍ଚ ସହିତ ଅନ୍ୟ ପଞ୍ଚାୟତ କର୍ମଚାରୀଙ୍କୁ କାର୍ଯ୍ୟାଳୟ ଭିତରେ ତାଲାବନ୍ଦ କରି ଦେଇଥିଲେ। ଏ ନେଇ ସରପଞ୍ଚ ପ୍ରଥମେ ରାଇରଙ୍ଗପୁର ବିଡ଼ିଓ ପ୍ରିୟଦର୍ଶିନୀ ପଣ୍ଡା ଓ ଗୋରୁମହିଷାଣି ଥାନା ଅଧିକାରୀଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ପ୍ରାୟ ଦୁଇ ଘଣ୍ଟା ପରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କର୍ମଚାରୀ ସେଠାରେ ପହଞ୍ଚିବା ପରେ ତାଲା ଖୋଲା ଯାଇଥିଲା। ପରେ ସରପଞ୍ଚ, ପିଇଓ, ଜିଏସ ଓ ଅନ୍ୟ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଥିଲା। ଏ ନେଇ ସରପଞ୍ଚ ବିଶୁ ମୁଣ୍ଡା ଗୋରୁମହିଷାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ସୋମବାର ଏକ ମାମଲା ରୁଜୁ କରିଛି। ଅଭିଯୋଗ ପାଇ ବୁଧବାର ଗୋରୁମହିଷାଣି ପୁଲିସ ଗୁହାଳଡାଙ୍ଗରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚଙ୍କୁ ପଚରା ଉଚୁରା କରୁଥିବା ଜଣାପଡିଛି।

### ବିଭାଗୀୟ ଅଧିକାରୀଙ୍କ ଅବହେଳା; ବେତନଟୀ-ମାଣତ୍ରୀ ରାସ୍ତା ମରଣଯନ୍ତା

# ପରିଚୟ ହରାଉଛି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା

ବଡସାହି,୧୯।୨(ସମିସ)




କିଛି ଠିକାଦାର ଓ ଅସାଧୁ ଅଧିକାରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ନିଜର ପରିଚୟ ହରାଇବାକୁ ବସିଛି। ଗ୍ରାମାଞ୍ଚଳରେ ଗମନାଗମନର ବିପ୍ଳବ ସୃଷ୍ଟି ପାଇଁ ସରକାର ଏହି ଯୋଜନାର ପରିକଳ୍ପନା କରିଥିଲେ; ହେଲେ କେତେକ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ପାଇଁ ମୂଲ୍ୟହୀନ ହୋଇପଡିଛି। ଏହିସବୁ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ରହିଛି; ମାତ୍ର ତଦାରଖ ଅଭାବରୁ ବହୁ ସ୍ଥାନରେ ନିମ୍ନମାନର କାମ ହେଉଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ବେତନଟୀରୁ ବଡସାହି ବ୍ଲକ ମାଣତ୍ରୀ ଯାଏ ୧୨କିମି ରାସ୍ତା ନିର୍ମାଣ କାର୍ଯ୍ୟରେ। ଏହି ରାସ୍ତା ୩ ଏପ୍ରିଲ ୨୦୧୭ରେ ଆରମ୍ଭ ହୋଇ୨ ମାର୍ଚ୍ଚ ୨୦୧୮ରେ କାର୍ଯ୍ୟ ଶେଷ ହୋଇଥିବା ଫଳକରୁ ଜଣାଯାଇଛି। ରାସ୍ତା ନିର୍ମାଣ ପାଇଁ ୧୨ କୋଟି ୨୩ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ ଅଟକଳ ଥିଲା। ଚୁକ୍ତି ଅବଧି ମଧ୍ୟ ୫ବର୍ଷ ବିଭାଗ ପକ୍ଷରୁ ରଖାଯାଇଥିଲା। କିନ୍ତୁ ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଇ ଅଟକଳକୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଥିବାରୁ ୫ ବର୍ଷ ପୂରିବା ପୂର୍ବରୁ ମରଣଯନ୍ତାରେ ପାଲଟିଥିଲା। ବାରମ୍ବାର ଅଭିଯାଗ ପରେ ମଧ୍ୟ ବିଭାଗ କୌଣସି ଗୁରୁତ୍ୱ ଦେଉନାହିଁ। ଆସନ୍ତା ୨୬ରେ ମାଣତ୍ରୀ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ମହାଶିବରାତ୍ରି ଓ ଜାଗର ମେଳା ଆସୁଥିବାରୁ ଏଥିପାଇଁ ଜନସାଧାରଣ, ଶ୍ରଦ୍ଧାଳୁ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଏହି ମେଳା ୧୨ଦିନ ଚାଲିବ ଏବଂ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ତେଣୁ ରାସ୍ତା ମରାମତି ନିହାତି ଜରୁରୀ ହୋଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ମଧ୍ୟ ଦୃଷ୍ଟି ଆକାର୍ଷଣ କରାଯାଇଛି ବୋଲି ପରିଛା ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଅଭିଯୋଗ ପରେ ମାଣତ୍ରୀ ଛକରୁ ଭୀମଦା ରାସ୍ତା (ଚମ୍ପାଲାଞ୍ଜି) ପର୍ଯ୍ୟନ୍ତ ମରାମତି ଆରମ୍ଭ ହୋଇଛି; ମାତ୍ର ମାଣତ୍ରୀ-ବେତନଟୀ ରାସ୍ତା ମରାମତି ହେବାର ସମ୍ଭାବନା ନ ଥିବାରୁ ଅସନ୍ତୋଷ ତେଜିବାରେ ଲାଗିଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି।

## ସିଦ୍ଧରମେୟାଙ୍କୁ ଲୋକାୟୁକ୍ତଙ୍କ କ୍ଲିନଚିଟ୍



ବେଙ୍ଗାଲୁରୁ,୧୯।୨(ଏଜେନ୍ସି): ମହୀଶୂର ସହରାଞ୍ଚଳ ବିକାଶ ପ୍ରାଧିକରଣ(ମୁଡା) ଜମି ଆବଣ୍ଟନ ହେରଫେର ମାମଲାରେ କର୍ଣ୍ଣାଟକ ଲୋକାୟୁକ୍ତ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ କ୍ଲିନଚିଟ୍ ଦେଇଛନ୍ତି। ସିଦ୍ଧରମେୟାଙ୍କ ସମେତ ତାଙ୍କ ପତ୍ନୀ ବି ଏମ ପାର୍ବତୀ ଏବଂ ପାର୍ବତୀଙ୍କ ଦୁଇ ଭାଇ ମଲ୍ଲିକାର୍ଜୁନ ସ୍ୱାମୀ ଓ ଦେବରାଜୁଙ୍କୁ ଅଦାଲତ ଦୋଷମୁକ୍ତ କରିଛନ୍ତି। ମୁଡା ଜମି ଆବଣ୍ଟନ ହେରଫେର ମାମଲାରେ ଏହି ସମସ୍ତଙ୍କ ବିରୋଧରେ ଅଭିଯୋଗ ଅଣାଯାଇଥିଲେ ହେଁ ଏମାନଙ୍କ ମଧ୍ୟରୁ କାହାରି ବିରୋଧରେ କିଛି ପ୍ରମାଣ ନାହିଁ ବୋଲି ଲୋକାୟୁକ୍ତ ସ୍ପଷ୍ଟ କରିଛନ୍ତି। ବୁଧବାର ଲୋକାୟୁକ୍ତଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରାଯିବା ପରିପ୍ରେକ୍ଷୀରେ ଏହା ସ୍ପଷ୍ଟ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସାମାଜିକ କର୍ମୀ ସ୍ନେହମୟୀ କ୍ରିଷ୍ଣାଙ୍କ ଅଭିଯୋଗକ୍ରମେ ଲୋକାୟୁକ୍ତ ପୁଲିସ ପକ୍ଷରୁ ଏହି ମାମଲାରେ ତଦନ୍ତ କରାଯାଇଥିଲା। ତେବେ ୨୦୧୬ ରୁ ୨୦୨୪ ମଧ୍ୟରେ ୫୦:୫୦ ଅନୁପାତରେ କ୍ଷତିପୂରଣ ବାବଦରେ ମୁଡା ପକ୍ଷରୁ ଯେଉଁ ନୀତିରେ ଜମି ଆବଣ୍ଟନ କରାଯାଇଛି ସେ ସମ୍ପର୍କରେ ଯାଞ୍ଚ ଚାଲୁ ରହିବ ଏବଂ ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କୁ ଅତିରିକ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଲୋକାୟୁକ୍ତଙ୍କ ପକ୍ଷରୁ କୁହାଯାଇଛି।

## ସୁନୀତାଙ୍କ ଅଟକ ପଛରେ ରାଜନୀତି !

ୱାଶିଂଟନ, ୧୯।୨ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଆମେରିକା ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ତାଙ୍କ ସହଯୋଗୀ ବୁଚ୍ ୱିଲମୋର ଦୀର୍ଘ ଦିନ ହେଲା ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ଫସି ରହିଛନ୍ତି। ମାତ୍ର ୮ ଦିନ ପାଇଁ ଦୁହେଁ ଯାଇଥିବାବେଳେ ୯ ମାସରୁ ଅଧିକ ସମୟ ହେଲା ଆଇଏସଏସରେ ଅଟକି ରଖିଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଏଥିପାଇଁ ସମଗ୍ର ବିଶ୍ୱର ଉଦ୍‌ବେଗ ପ୍ରକାଶ ପାଇଛି। ଏହା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ



ସହଯୋଗୀ ତଥା ପରାମର୍ଶଦାତା ଏଲନ ମସ୍କ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ରାଜନୈତିକ କାରଣ ଲାଗି ବାଇଡେନ ଦୁଇ ମହାକାଶଚାରୀଙ୍କୁ ଆଇଏସ୍ଏସ୍‌ରେ ଛାଡ଼ିଦେଲେ ବୋଲି କହିଛନ୍ତି। ଏଥିପାଇଁ ଯୋଜନା କରାଯାଇଥିଲା। କିନ୍ତୁ ଏବେ ସେ ଏ ବିଷୟରେ କହିବାକୁ ଚାହାନ୍ତି ନାହିଁ। ଫେରାଇ ଅଣାଯିବ କହି କହି ପରିହାସର ପାତ୍ର କରିଦିଆଗଲା। ଶେଷରେ ଅଭିଯାନକୁ ସ୍ଥଗିତ ରଖିଦିଆଗଲା। ଏପରି ଆଦୌ ହେବାର ନ ଥିଲା। ଏକ ଗଣମାଧ୍ୟମକୁ ଟ୍ରମ୍ପଙ୍କ ସହ ସାକ୍ଷାତକାର ଦେଇ ମସ୍କ ମଙ୍ଗଳବାର ଏହି ମନ୍ତବ୍ୟ ଦେଇଛନ୍ତି। ଏବେ ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ସୁନୀତା ଏବଂ ବୁଚ୍‌ଙ୍କ ଆଣିବା ଅଭିଯାନ ଆରମ୍ଭ ହୋଇଗଲାଣି। ୪ ସପ୍ତାହ ମଧ୍ୟରେ ଉଭୟେ ଫେରିବେ ବୋଲି ମସ୍କ କହିଛନ୍ତି।

## ହାଇକୋର୍ଟରେ ଯୁକ୍ତି ବେଳେ ଚାଲିଗଲା ଓକିଲଙ୍କ ଜୀବନ

ହାଇଦରାବାଦ, ୧୯।୨ (ଏଜେନ୍ସି): ତେଲେଙ୍ଗାନା ହାଇକୋର୍ଟରେ ଏକ ମାମଲାର ଶୁଣାଣି ବେଳେ ଜଣେ ଓକିଲ ଯୁକ୍ତି ଉପସ୍ଥାପନ କରିବା ବେଳେ ତାଙ୍କର ମୃତ୍ୟୁ ହେବା ଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁସାରେ ତେଲେଙ୍ଗାନା ହାଇକୋର୍ଟ ହଲ୍ - ୨୧ରେ ବିଚାରପତିଙ୍କ ସମ୍ମୁଖରେ ଏକ ମାମଲା ଚାଲିଥିବା ସମୟରେ ଏହି ମାମଲା ଲଢୁଥିବା ଓକିଲ ଭେନୁଗୋପାଳ ରାଓ ହୃଦଘାତର ଶିକାର ହୋଇଥିଲେ। ଯୁକ୍ତି କରିବା ସମୟରେ ଭେନୁଗୋପାଳ ଛାତିକୁ ଧରି ତଳେ ପଡ଼ି ଯାଇଥିଲେ। ତାଙ୍କ ଅବସ୍ଥା କେହି କିଛି ବୁଝି ପାରି ନଥିଲେ। ପରେ ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ଭେନୁଗୋପାଳଙ୍କୁ ମୃତ ଘୋଷଣା କରିଥିଲେ।

### ଆମେରିକାର ୬ ରାଜ୍ୟରେ ଭୟଙ୍କର ବନ୍ୟା; ୧୪ ମୃତ

# ଭୟଙ୍କର ଶୀତରେ ଥରୁଛନ୍ତି ୯ କୋଟି

ୱାଶିଂଟନ, ୧୯।୨ (ଏଜେନ୍ସି): ଆମେରିକାର ୬ ରାଜ୍ୟରେ ଭୀଷଣ ବନ୍ୟା ଆସିଛି। କେଣ୍ଟୁକି, ଜର୍ଜିଆ, ଭର୍ଜିନିଆ, ପଶ୍ଚିମ ଭର୍ଜିନିଆ, ଟେନେସି ଏବଂ ଇଣ୍ଡିଆନାରେ ଏହି ବନ୍ୟା ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଏଥିରେ କେଣ୍ଟୁକି ସର୍ବାଧିକ ପ୍ରଭାବିତ ହୋଇଛି। ଏହି ରାଜ୍ୟରେ ଗତ ୬ ଦିନରେ ୧୨ ଜଣଙ୍କ ଜୀବନ ଗଲାଣି। ଗତ କିଛି ଦିନ ତଳେ ଏହି ରାଜ୍ୟରେ ୬ ଇଞ୍ଚ ବର୍ଷା ହୋଇଥିଲା। ଏଥିଯୋଗୁଁ ବନ୍ୟା ପାଣି ମାଡ଼ି ଆସିଥିଲା। ଅନେକ ଲୋକ ପାଣି ଘରରେ ଫସି ରହିଥିଲେ। ହଜାର ହଜାର ଗାଡ଼ି ଭାସି ଯାଇଥିଲା। ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଏହି ରାଜ୍ୟରେ ନଦୀର ଜଳସ୍ତର ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ପଶ୍ଚିମ ଭର୍ଜିନିଆ ଏବଂ ଜର୍ଜିଆରେ ଜଣେ ଲେଖାଏଁ ଲୋକଙ୍କ ମୃତ୍ୟୁ ହୋଇଛି। ପଶ୍ଚିମ ଭର୍ଜିନିଆରେ ଜଳସ୍ତର କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏଥିଯୋଗୁଁ ଅନେକ ଲୋକ ନିଖୋଜ ଅଛନ୍ତି। କେଣ୍ଟୁକି ଏବଂ ଏହାର ଆଖପାଖ ଅଞ୍ଚଳରେ ହଜାରେ ଟିମ୍ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି।

ବର୍ଷା ସହିତ ଭୀଷଣ ଥଣ୍ଡା ଲୋକଙ୍କ ଜୀବନକୁ ଦୁର୍ବିସହ କରିଦେଇଛି। ପୋଲାର ଭୋର୍ଟେକ୍ସ ଯୋଗୁଁ ହେଉଥିବା ଭୟଙ୍କର ଶୀତରେ ପୂର୍ବ ଆମେରିକାର ୯ କୋଟି ଲୋକ ପ୍ରଭାବିତ ହେଉଛନ୍ତି। ଏହି ସବୁ ଅଞ୍ଚଳରେ ତାପମାତ୍ରା ରେକର୍ଡ ହ୍ରାସ ପାଇଛି। କିଛି ଅଞ୍ଚଳରେ ତାପମାତ୍ରା ବିୟୁକ୍ତ ୬୦ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ଏଥିଯୋଗୁଁ ସ୍କୁଲ ବନ୍ଦ କରିଦିଆଯାଇଛି। ପାଇପ ଫାଟି ଯାଇଛି। ୧୭ ହଜାର

**ତାପମାତ୍ରା ବିୟୁକ୍ତ ୬୦ ଡିଗ୍ରୀ**

ସ୍ଥାନକୁ ପାଣି ଯୋଗାଣ ବନ୍ଦ ରହିଛି। ବିଦ୍ୟୁତ ସରବରାହ ବନ୍ଦ ରହିଛି। ଏଥିପାଇଁ ୧୪ ହଜାରରୁ ଅଧିକ ଘର ଅନ୍ଧାରରେ ଅଛି। ନ୍ୟାସନାଲ ୱେଦର ସର୍ଭିସର ପାଣିପାଗ ବିଜ୍ଞାନୀ ଆଣ୍ଡ୍ରୁ ଓରିସନ କହିଛନ୍ତି ଯେ ଏବେ ମଧ୍ୟ ଆମେରିକାର ତାପମାତ୍ରା ସର୍ବାଧିକ ହ୍ରାସ ପାଇଛି। ମଧ୍ୟ-ପଶ୍ଚିମର କିଛି ଅଞ୍ଚଳରେ ତାପମାତ୍ରା ବିୟୁକ୍ତ ୫୦ରୁ ୬୦ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି।



# କ'ଣ ପାଇଁ ଅଧିକ ଟିକଟ ବିକ୍ରି କରିଥିଲ ?

ନୂଆଦିଲ୍ଲୀ,୧୯।୨(ଏଜେନ୍ସି): ନୂଆଦିଲ୍ଲୀ ଷ୍ଟେସନରେ ଗତ ଶନିବାର ରାତିରେ ଦଳଚକଟାରେ ୧୮ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟଣା ଏବେ ମଧ୍ୟ ଅନେକଙ୍କ ମନକୁ ଆନ୍ଦୋଳିତ କରିଛି। ଘଟଣାର କାରଣ

**ଦଳାଚକଟା ଘଟଣାରେ ରେଳବାଇକୁ ହାଇକୋର୍ଟଙ୍କ ପ୍ରଶ୍ନ**
**ନିଜ ନିୟମକୁ ଉଲ୍ଲଙ୍ଘନ କରିଛନ୍ତି ରେଳବାଇ କର୍ତ୍ତୃପକ୍ଷ**

ଏବେ ମଧ୍ୟ ସ୍ପଷ୍ଟ ହୋଇ ନାହିଁ। ତେବେ ରେଳବାଇ ବିଭାଗ ପକ୍ଷରୁ ଦୁଇ ଜଣ ସଦସ୍ୟ ବିଶିଷ୍ଟ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ଏହାଭିତରେ ଦିଲ୍ଲୀ ହାଇକୋର୍ଟ ରେଳବାଇ ପ୍ରତି ବଡ଼ ପ୍ରଶ୍ନ ଉଠାଇଛନ୍ତି। ଘଟଣା ଦିନ ଏକ ନିର୍ଦ୍ଦିଷ୍ଟ ଟ୍ରେନରେ ପ୍ରୟାଗରାଜ ଯିବାକୁ ମାତ୍ର ଦୁଇ ଘଣ୍ଟା ମଧ୍ୟରେ ୨୬୦୦ ଜେନେରାଲ ଟିକଟ ବିକ୍ରି ହୋଇଥିଲା। ସାଧାରଣତଃ ଦିନକରେ ୭୦୦୦ ଅଣସଂରକ୍ଷିତ ଜେନେରାଲ ଟିକଟ ବିକ୍ରି ହୋଇଥାଏ। କିନ୍ତୁ ଦୁଇ ଘଣ୍ଟାରେ ୨୬୦୦ ଟିକଟ ବିକ୍ରି ହେବାର ଅର୍ଥ ଭିଡ଼ ଆବଶ୍ୟକତା ଠାରୁ ଅଧିକ ହେବାର ସମ୍ଭାବନା ବଢ଼ିଥିଲା। ଯଦି ଏହାକୁ ଦୃଷ୍ଟି ଦେଇ ଭିଡ଼ ମୁକାବିଲା କରିବାକୁ ବ୍ୟବସ୍ଥା କରାଯାଇଥାଆନ୍ତା



ତେବେ ଏଭଳି ସ୍ଥିତି ଉପୁଜି ନଥାଆନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିଲା ବେଳେ ହାଇକୋର୍ଟ ମଧ୍ୟ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ରେଳ ବିଭାଗ କେଉଁ କାରଣରୁ ଅଧିକ ଟିକଟ ବିକ୍ରି କରିଥିଲା ବୋଲି ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଡି କେ ଉପାଧ୍ୟାୟ ଏବଂ ଜଷ୍ଟିସ୍ ତୁଷାର ରାଓଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଗୋଟିଏ ବଗିରେ ସର୍ବାଧିକ କେତେ ଲୋକ ଯାତ୍ରା କରିପାରିବେ ତାହା ରେଳବାଇକୁ ଜଣାଅଛି। ଏହାସତ୍ତ୍ୱେ ଏତେ ସଂଖ୍ୟାରେ କିଭଳି ଟିକଟ ବିକ୍ରି କରାଗଲା ବୋଲି କେନ୍ଦ୍ର ଏବଂ ରେଳ ମନ୍ତ୍ରାଳୟକୁ ଜବାବ ତଲବ କରିଛନ୍ତି। ନୂଆଦିଲ୍ଲୀ ଷ୍ଟେସନ ଦଳାଚକଟା ଘଟଣାରେ ଯାତ୍ରୀ ସୁରକ୍ଷା ପରିପ୍ରେକ୍ଷୀରେ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ପ୍ରଶ୍ନ ଉଠାଇ ରିପୋର୍ଟ ତଲବ କରିଛନ୍ତି। ଏଥିସହିତ ଖଣ୍ଡପୀଠ ରେଳବାଇ ଆଇନର ଧାରା ୧୪୭କୁ ନେଇ ମଧ୍ୟ ପ୍ରଶ୍ନ କରିଛନ୍ତି। ରେଳବାଇ ଆଇନ ଧାରା ୧୪୭ ଅନୁସାରେ ଯଦି କୌଣସି ବ୍ୟକ୍ତି ଗୋଟିଏ ବଗିର ଯାତ୍ରୀ କ୍ଷମତାକୁ ଉଲ୍ଲଙ୍ଘନ କରି ସେଥିରେ ପ୍ରବେଶ କରନ୍ତି ତେବେ ଏଥିପାଇଁ ୬ ମାସ ଜେଲଦଣ୍ଡ କିମ୍ବା ୧ ହଜାର ଟଙ୍କାର ଅର୍ଥଦଣ୍ଡ ବ୍ୟବସ୍ଥା ରହିଛି। ରେଳବାଇର ଏହି ଆଇନ ଅନୁସାରେ ଗୋଟିଏ ବଗିରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଯାତ୍ରୀ ଯାତ୍ରା କରିବାର ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ଷ୍ଟେସନ କର୍ତ୍ତୃପକ୍ଷ କିଭଳି ଏତେ ସଂଖ୍ୟାରେ ଟିକଟ ବିକ୍ରି କଲେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

## ୪ ମାଓବାଦୀ ନିହତ

ବାଲାଘାଟ, ୧୯।୨ (ଏଜେନ୍ସି): ମଧ୍ୟପ୍ରଦେଶ ବାଲାଘାଟର ଗଢ଼ି ଥାନା ଅନ୍ତର୍ଗତ ଜଙ୍ଗଲରେ ମଙ୍ଗଳବାର ସକାଳେ ପୁଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୪ ହାର୍ଡକୋର ମହିଳା ମାଓବାଦୀ ନିହତ ହୋଇଛନ୍ତି। କମାଣ୍ଡର ଆଶା ସମେତ ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସମସ୍ତେ 'କାହ୍ନା ଭୋରମଦେବ ଏବି ଡିଭିଜନ ଖଟିଆ ମୋର୍ଚ୍ଚା ଦଲମ'ର ସଦସ୍ୟ ଥିଲେ। ଆଶାଙ୍କ ମୁଣ୍ଡ ଉପରେ ୧୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଏଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ଏହା ମଧ୍ୟରେ ଇନ୍‌ସାସ ରାଇଫଲ, ଏକ ଏସଏଲଆର ରାଇଫଲ, ୩୦୩ ଏବଂ ୩୧୫ ସିଙ୍ଗଲ ସଟ୍ ଗନ୍ ସାମିଲ ରହିଛି। ଏହି ସଂଘର୍ଷରେ ଆହତ କିଛି ମାଓବାଦୀ ଫେରାର ହେବାରେ ସକ୍ଷମ ହୋଇଥିଲେ।

## ସଙ୍ଗମ ଜଳ ପାନୀୟ ଉପଯୋଗୀ: ଯୋଗୀ

ଲକ୍ଷ୍ନୌ,୧୯।୨(ଏଜେନ୍ସି): ପ୍ରୟାଗରାଜ ମହାକୁମ୍ଭ ସଙ୍ଗମ ଜଳରେ ମଣିଷ ଏବଂ ପଶୁ ମଳରୁ ଉତ୍ପନ୍ନ ଜୀବାଣୁ ରହିଛନ୍ତି ବୋଲି ଗତକାଲି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜାତୀୟ ସବୁଜ ଟ୍ରିବ୍ୟୁନାଲ(ଏନଜିଟି)କୁ ରିପୋର୍ଟ ଦିଆଯାଇଥିଲା। ଏହି ବିଷୟ ସାମ୍ନାକୁ ଆସିବା ପରେ ପ୍ରତିଦିନ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଉଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଥିଲା। କିନ୍ତୁ ଏହି ଘଟଣାର ଦିନକ ପରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଙ୍ଗା ଜଳରେ ଜୀବାଣୁ ରହିଥିବା ବିଷୟକୁ ଗୁଜବ ବୋଲି କହିଛନ୍ତି। ସଙ୍ଗମ ଜଳ କେବଳ ସ୍ନାନ ନୁହେଁ, ବରଂ ଆଚମନ ଏବଂ ପିଇବାକୁ ମଧ୍ୟ ଉପଯୋଗୀ ବୋଲି ସେ କହିଛନ୍ତି। ସଙ୍ଗମ ଜଳକୁ ନେଇ ଯାହା କୁହାଯାଉଛି ତାହାର କୌଣସି ଆଧାର ନାହିଁ। କିନ୍ତୁ ଫେକ୍ ଭିଡିଓ କରି ସଙ୍ଗମ ଜଳକୁ ନେଇ ଗୁଜବ ସୃଷ୍ଟି କରି କୋଟି କୋଟି ସନାତନ ଧର୍ମାବଲମ୍ବୀଙ୍କ ବିଶ୍ୱାସ ପ୍ରତି ଆଘାତ ସୃଷ୍ଟି କରାଯାଉଛି ବୋଲି ସେ କହିଛନ୍ତି।

# ରୁଷ-ଆମେରିକା ବୈଠକକୁ ନେଇ ଟ୍ରମ୍ପ-ଜେଲେନ୍‌ସ୍କି ମୁହାଁମୁହିଁ

କିଭ୍,୧୯।୨(ଏଜେନ୍ସି): ୟୁକ୍ରେନ ଯୁଦ୍ଧ ବନ୍ଦ ପ୍ରସଙ୍ଗକୁ ନେଇ ଏବେ ଆନ୍ତର୍ଜାତିକ ମହଲରେ ନୂଆ ରାଜନୀତି ସମୀକରଣ ଦେଖିବାକୁ ମିଳିଛି। ଗତକାଲି ସାଉଦି ଆରବରେ ରୁଷିଆ ଏବଂ ଆମେରିକୀୟ ପ୍ରତିନିଧିମାନେ ଏକାଠି ହୋଇଥିଲା ବେଳେ ଏଥିରେ ୟୁକ୍ରେନକୁ ସାମିଲ କରାଯାଇ ନଥିଲା। ଯାହାକୁ ନେଇ ରାଷ୍ଟ୍ରପତି ଜେଲେନ୍‌ସ୍କି ଏହି ବୈଠକକୁ ନେଇ ତୀବ୍ର ଅସନ୍ତୋଷ ପ୍ରକଟ କରିଥିଲେ। ଏପରିକି ଯଦି ଆମେରିକା ଏବଂ ରୁଷିଆ ୟୁକ୍ରେନ ପ୍ରସଙ୍ଗରେ ଏକତରଫା ନିଷ୍ପତ୍ତି ନିଅନ୍ତି ତେବେ ତାହାକୁ ସେ ମାନିବେ ନାହିଁ ବୋଲି କହିଥିଲେ। ଏହି ଘଟଣା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜେଲେନ୍‌ସ୍କିଙ୍କ ଲୋକପ୍ରିୟତାକୁ ନେଇ ଟିପ୍ପଣୀ କରିବା ସହିତ ସେ ଯୁଦ୍ଧ ଆରମ୍ଭ କରିବା ଉଚିତ ନ ଥିଲା ବୋଲି କହିବା ଘଟଣା ମଧ୍ୟ ଜେଲେନ୍‌ସ୍କିଙ୍କ ପାଇଁ ଆଉ ଏକ ଧକ୍କା ସଦୃଶ ହୋଇଛି। ଟ୍ରମ୍ପ କହିଥିଲେ ଯେ, ବର୍ତ୍ତମାନ ୟୁକ୍ରେନରେ ନିର୍ବାଚନ କରାଯିବାର ଆବଶ୍ୟକତା ରହିଛି। କିନ୍ତୁ ଜେଲେନ୍‌ସ୍କିଙ୍କ ଲୋକପ୍ରିୟତା ମାତ୍ର ୪ ପ୍ରତିଶତ ରହିଛି।

ଅର୍ଥାତ୍ ୟୁକ୍ରେନବାସୀ ଜେଲେନ୍‌ସ୍କିଙ୍କ ନେତୃତ୍ୱ ଚାହାନ୍ତି ନାହିଁ ଏବଂ ସେ ତୁରନ୍ତ ବିଦା ହେବା ଉଚିତ ବୋଲି ଟ୍ରମ୍ପ ପରୋକ୍ଷରେ ସୂଚାଇ ଦେବା ଘଟଣା ଜେଲେନ୍‌ସ୍କିଙ୍କ ପାଇଁ ତୀର ସଦୃଶ ହୋଇଛି। ବର୍ତ୍ତମାନ ୟୁକ୍ରେନ ପ୍ରସଙ୍ଗରେ ଆମେରିକାର ସ୍ୱତନ୍ତ୍ର ଦୂତ ଭାବେ ଟ୍ରମ୍ପ ପ୍ରଶାସନ ପକ୍ଷରୁ



କେଥ୍ କେଲୋଗ କିଭ୍‌ରେ ପହଞ୍ଚିଛନ୍ତି। ୟୁକ୍ରେନ ପ୍ରସଙ୍ଗରେ ଟ୍ରମ୍ପ ପ୍ରଶାସନ ରୁଷିଆ ଆଡକୁ ଢଳୁଥିବା କୁହାଯାଉଥିବା ବେଳେ କେଥ୍ ସେହି ପରିପ୍ରେକ୍ଷୀରେ ଜେଲେନ୍‌ସ୍କିଙ୍କ ସହ ଆଲୋଚନା କରିପାରନ୍ତି ବୋଲି ଆନ୍ତର୍ଜାତିକ ମହଲରେ ଚର୍ଚ୍ଚା ଚାଲିଛି। କିନ୍ତୁ ଏହାପୂର୍ବରୁ ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ ଜେଲେନ୍‌ସ୍କି ବୟାନ ଜାରି କରି ଆମେରିକା ୟୁକ୍ରେନ ଯୁଦ୍ଧର ସତ୍ୟାସତ୍ୟ ପରଖୁ ବୋଲି କହିଛନ୍ତି। ଟ୍ରମ୍ପ ବର୍ତ୍ତମାନ ରୁଷିଆ କଥାରେ ଭାସି ଯାଉଛନ୍ତି। ବର୍ତ୍ତମାନ ଯୁଦ୍ଧକୁ ୩ ବର୍ଷ ପୂରିଥିଲା ବେଳେ ଏଥିପାଇଁ ୟୁକ୍ରେନର ପ୍ରଭୂତ କ୍ଷତି ହେବା ସହିତ ଏହାର ପ୍ରଭାବ ଆନ୍ତର୍ଜାତିକ କ୍ଷେତ୍ର ଉପରେ ପଡ଼ିଛି। କିନ୍ତୁ ଦୀର୍ଘ ତିନି ବର୍ଷ ପରେ ଟ୍ରମ୍ପ ଏଭଳି କଥା କହିବା ଉଚିତ ହେବ ନାହିଁ ଏବଂ ଯୁଦ୍ଧ ପଛରେ କିଏ ଥିଲା ତାହାକୁ ଟ୍ରମ୍ପ ଭଲଭାବେ ବିଶ୍ଳେଷଣ କରିବା ଉଚିତ ବୋଲି ଜେଲେନ୍‌ସ୍କି କହିଛନ୍ତି।

## ସିଇସି ନିଯୁକ୍ତି ମାମଲାର ଶୁଣାଣି ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି): ଜ୍ଞାନେଶ କୁମାର ନୂଆ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମାତ୍ର କଂଗ୍ରେସ ଏହି ନିଯୁକ୍ତି ଉପରେ ପ୍ରଶ୍ନ ଉଠାଇଛି। ରାତିଅଧିଆ ନିଯୁକ୍ତି କରି ସରକାର ସାମ୍ବିଧାନିକ ମୂଲ୍ୟବୋଧ କ୍ଷୁର୍ଣ୍ଣ କରୁଛନ୍ତି ବୋଲି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ମାମଲାର ସୁପ୍ରିମକୋର୍ଟରେ ଥିବାବେଳେ ସିଇସି ନିଯୁକ୍ତି ବୈଠକ ମଧ୍ୟ ବସିବାର ନ ଥିଲା ବୋଲି ସେ କହିଛନ୍ତି। ସିଇସି ନିଯୁକ୍ତିକୁ ନେଇ ବିବାଦ



ଜାରି ରହିଥିବାବେଳେ ଏହି ନିଯୁକ୍ତି ଆଇନ ବିରୋଧରେ ଆଗତ ଆବେଦନର ଶୁଣାଣିକୁ ସୁପ୍ରିମକୋର୍ଟ ବୁଧବାର ସ୍ଥଗିତ କରିଦେଇଛନ୍ତି। ଏଥିପାଇଁ ସମୟ ଅଭାବର କାରଣ ଦର୍ଶାଇଛନ୍ତି। ହୋଲି ଛୁଟି ପରେ ଶୁଣାଣି କରାଯିବ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଏନ୍ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି। ତେବେ ଏଥିପାଇଁ କୌଣସି ତାରିଖ ଧାର୍ଯ୍ୟ କରିନାହାନ୍ତି।

ଶୁଣାଣି ସମୟରେ ଆବେଦନକାରୀ ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ଓକିଲ କହିଥିଲେ ଯେ ଏହି ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହା ଉପରେ ତୁରନ୍ତ ବିଚାର କରିବାର ଆବଶ୍ୟକତା ରହିଛି। ସେ କେଉଁ କମିଟି ମାଧ୍ୟମରେ ନିଯୁକ୍ତି କରାଯିବ ତାହା ପଚାରିଛନ୍ତି। ୨୦୨୩ରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଅନୁସାରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳନେତା ଏବଂ ପ୍ରଧାନ ବିଚାରପତି (ସିଜେଆଇ) ଥିବା କମିଟି କି ଏହି କମିଟିରୁ ସିଜେଆଇଙ୍କୁ ବାଦ ଦିଆଯାଇଥିବା ଆଇନର ପାଳନ କରାଯିବ ତାହା ପଚାରିଛନ୍ତି। ଏହା ପୂର୍ବର ଗତ ୧୨ ତାରିଖରେ ମଧ୍ୟ ମାମଲାର ଶୁଣାଣି ହେବାର ଥିଲା। କିନ୍ତୁ ତାଲିକାଭୁକ୍ତ ହୋଇ ନ ଥିବାରୁ ମାମଲାକୁ ସ୍ଥଗିତ ରଖାଯାଇଥିଲା।

# ଆପାର୍ଟମେଣ୍ଟରୁ ୩୦୦ ବିଲେଇ ଠାବ

ପୁନେ, ୧୯।୨ (ଏଜେନ୍ସି): ରୋଗୀଣା ବିଲେଇଙ୍କୁ ଆଣି ପାଖରେ ରଖୁଥିଲେ। ଖାଇବାକୁ ଦେଇ ଯତ୍ନ ନେଉଥିଲେ। ସେବା ଶୁଶ୍ରୁଷା କରି ସୁସ୍ଥ ହେଲା ପରେ ଛାଡ଼ି ଦେଉଥିଲେ। ମାତ୍ର ବିଲେଇ ରହିବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ପରିଷ୍କାର ପରିଚ୍ଛନ୍ନତା ଆଦି ପ୍ରତି ଧ୍ୟାନ ନ ଦେବାରୁ ଦୁର୍ଗନ୍ଧ ହେଉଥିଲା। ଏହା ଆଖପାଖରେ ରହୁଥିବା ଲୋକଙ୍କ ଉପରେ ପ୍ରଭାବ ପକାଉ ଥିଲା। ଅନେକ ଥର ଅଭିଯୋଗ ସତ୍ତ୍ୱେ ଘର ମାଲିକ ଶୁଣି ନ ଥିଲେ। ଶେଷରେ ଲୋକେ ପୁଲିସ ସହିତ ପୌର ନିଗମରେ ଅଭିଯୋଗ କରିଥିଲେ। ଆଉ ନିଗମ ଅଧିକାରୀ ଆସି ଏହି ଘରେ ଚଢ଼ଉ କରିଥିଲେ। ଅଧିକାରୀ ଯାହା ଦେଖିଥିଲେ ତାହା ଜମାରୁ ବିଶ୍ୱାସ କରିପାରି ନ ଥିଲେ। ଘରୁ ୨ଟି କି ୧୦ଟି ନୁହେଁ, ପ୍ରାୟ ୩୦୦ ବିଲେଇ ଥିଲେ। ଅଧିକାରୀମାନେ ସବୁ ବିଲେଇଙ୍କୁ ଉଦ୍ଧାର କରିଛନ୍ତି। ପୁନେର ମାର୍ଭେଲ ବାଉଣ୍ଟି ସୋସାଇଟିରେ ଏହି ଘଟଣା ଘଟିଛି। ଏହାର ମାଲିକ ୯ ନମ୍ବର



ମହଲାରେ ରୁହନ୍ତି। ସେ ବାହାରୁ ଆଣି ନିଜ ପ୍ରକୋଷ୍ଠରେ ୩୦୦ ବିଲେଇଙ୍କୁ ପାଳି ଥିଲେ। ଏହି ବିଲେଇଙ୍କ ପାଇଁ ଦୁର୍ଗନ୍ଧରେ ନାକ ଫାଟି ପଡୁଥିଲା।

ପୁଲିସ ସୂଚନା ଅନୁଯାୟୀ ଏହି ସୋସାଇଟିର ମାଲିକ ଘରେ ବୁଲା ବିଲେଇଙ୍କୁ ପାଳୁଥିଲେ। ଏଥିପାଇଁ ଅନେକ ବିଲେଇ ରହିଥିଲେ। ମାଲିକଙ୍କୁ ନୋଟିସ ଧରାଇ ଦିଆଯାଇଛି। ସୋମବାର ଚଢ଼ଉ କରାଯାଇଥିବାବେଳେ ବିଲେଇଙ୍କୁ ଖାଲି କରିବା ପାଇଁ ଦୁଇ ଦିନ ସମୟ ଦିଆଯାଇଥିଲା। ଏ ପର୍ଯ୍ୟନ୍ତ ଏହାକୁ ନେଇ କୌଣସି ମାମଲା ରୁଜୁ କରଯାଇ ନାହିଁ। ମାମଲାରେ ପରାମର୍ଶ ନେବା ପାଇଁ ବରିଷ୍ଠ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଉଛି। ଅନ୍ୟପକ୍ଷରେ ପଶୁପକ୍ଷୀଙ୍କ ଯତ୍ନ ନେବା ଲାଗି ଲୋକେ ଏକ ପଶୁସେବା କେନ୍ଦ୍ର ଖୋଲିବାକୁ ଦାବି କରୁଛନ୍ତି।

# ତମ ବାପାଙ୍କ ଧନ ମାଗୁନାହୁଁ: ଷ୍ଟାଲିନ୍

ଚେନ୍ନଇ, ୧୯।୨ (ଏଜେନ୍ସି): ରାଜ୍ୟ ସରକାର ଭିକ ମାଗୁନାହାନ୍ତି। ତୁମ ବାପାଙ୍କ ଧନ ମଧ୍ୟ ଦେବାକୁ କହୁନାହାନ୍ତି। ଆମେ ନିଜର ଅଧିକାର ମାଗୁଛୁ। ଟିକସ ଆକାରରେ ତାମିଲନାଡୁର ଲୋକ ଦେଇଥିବା ଟଙ୍କାର ଅଂଶ ମାଗୁଛୁ। ଏହି ଟଙ୍କା ଆମର। ତେଣୁ ଆମେ ଏଥିରୁ ଆମର ଭାଗ ମାଗୁଛୁ। କେନ୍ଦ୍ରୀୟ 'ସମାଗ୍ରାହ ଶିକ୍ଷା ଅଭିଯାନ ଫାଣ୍ଡି'ରୁ ରାଜ୍ୟ ସେୟାର ପ୍ରଦାନ ଦାବିରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରି ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ପୁଅ ତଥା ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଏଭଳି ମନ୍ତବ୍ୟ ଦେଇଛନ୍ତି।



ରାଜ୍ୟ ଉପରେ ହିନ୍ଦୀ ଥୋପିବା ପାଇଁ କେନ୍ଦ୍ର ଉଦ୍ୟମ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ୨୦୨୦ର ଜାତୀୟ ଶିକ୍ଷା ନୀତି ଅଧୀନରେ ଥିବା ତ୍ରିଭାଷୀୟ ନୀତିକୁ ସେ ବିରୋଧ କରିଛନ୍ତି। ଏହା ବିରୋଧରେ ଚେନ୍ନଇରେ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇ ଉଦୟନିଧି କେନ୍ଦ୍ର ଉପରେ ଭୀଷଣ ବର୍ଷିଛନ୍ତି। କେନ୍ଦ୍ରକୁ ସମାଲୋଚନା କରି ଷ୍ଟାଲିନ୍ କହିଛନ୍ତି ଯେ ରାଜ୍ୟ ଭିକ ମାଗୁ ନାହିଁ, ବରଂ ଉପଯୁକ୍ତ ଅଂଶ ପ୍ରଦାନ କରିବାକୁ ଦାବି କରୁଛି। ଆମେ ଭାଷା (ତାମିଲ)ର ସୁରକ୍ଷା ଏବଂ ଶିକ୍ଷାଗତ ଅଧିକାର ପାଇଁ ଆଜି ଏକାଠି ହୋଇଛୁ। ରାଜ୍ୟବାସୀଙ୍କ ମନରେ କ୍ରୋଧ ପ୍ରକାଶ ପାଇଛି। ଦମନ ନୁହେଁ, ସ୍ନେହ ଦେଇ ବୁଝାଇବା ଦରକାର। ଉଦୟନିଧି ଏହି ରାଲିରେ ବିଜେପିକୁ ଖୋଲା ଚ୍ୟାଲେଞ୍ଜ ଦେଇ କହିଛନ୍ତି ଯେ ଏହା ମୁଖ୍ୟତଃ ଦ୍ରାବିଡିଆନଙ୍କ ଭୂମି। ଏହା ତ୍ତ୍ୱେ ଧମକ ଦେବାକୁ ବିଜେପି କେମିତି ଭାବି ପାରୁଛି। ରାଜ୍ୟ କେବେ ତ୍ରିଭାଷୀୟ ନୀତିକୁ ଗ୍ରହଣ କରିବା ନାହିଁ। ଏହା ଆତ୍ମସମ୍ମାନର ବିଷୟ। ବିଜେପିର ଧମକରେ ସରକାର କିମ୍ବା ରାଜ୍ୟବାସୀ କେବେ ଭୟଭୀତ ହେବେ ନାହିଁ। ଆମେ ଗଣତନ୍ତ୍ର ଏବଂ ସମ୍ବିଧାନକୁ ସମ୍ମାନ ଦେଉଛୁ। ଗଣତାନ୍ତ୍ରିକ ଉପାୟରେ ବିକ୍ଷୋଭ କରୁଛୁ।। ଫାସୀବାଦୀ ବିଜେପି ଏହା ଶୁଣିବା ଦରକାର। ସେମାନେ ଆମକୁ ଦ୍ୱିତୀୟ ଶ୍ରେଣୀ ନାଗରିକ କରିବାକୁ ଚାହୁଁଛନ୍ତି। କିନ୍ତୁ ଏପରି ହେବନାହିଁ। ସେମାନେ ଆମ ଦାବିକୁ ମାନିବା ଉଚିତ, ନଚେତ ପୁଣିଥରେ ଭାଷା ଯୁଦ୍ଧ ଆରମ୍ଭ କରିବାକୁ ଆମେ ପଛଘୁଞ୍ଚା ଦେବୁନାହିଁ।

# ଜଙ୍ଗଲ ନିଆଁ ରୋକିବାକୁ ୨୫୦ କିଲୋମିଟର ଫାୟାର୍ ଲାଇନ୍

କେନ୍ଦୁଝର, ୧୯।୨(ସମିସ)

କେନ୍ଦୁଝର ଡିଭିଜନରେ ପ୍ରତ୍ୟେକ ବର୍ଷ ଅନେକ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଜଙ୍ଗଲ ପୋଡି ପାଉଁଶ ହେଉଛି। ଫଳରେ ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀ ଏବଂ ପକ୍ଷୀ ନିଜର ଆଶ୍ରୟସ୍ଥଳ ହରାଉଛନ୍ତି। ଖରା ବଢିବା ସହ ବନାଗ୍ନି ବିପଦ ମୁଣ୍ଡ ଟେକିଛି। ଜଙ୍ଗଲରେ ପତ୍ର ଝଡ଼ିବା ଆରମ୍ଭ ହୋଇ ସାରିଛି, ଏହା ଏପ୍ରିଲ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ। ଫଳରେ ଏହି ସମୟର ଜଙ୍ଗଲରେ ନିଆଁ ନିଆଁ ଲାଗିବାର ଆଶଙ୍କା ଅଧିକ ରହିବ। ତାପମାତ୍ରା ବଢୁଥିବାରୁ ଆଗକୁ ଏହି ସ୍ଥିତି କମାଇବା ପାଇଁ ଆଗୁଆ ପଦକ୍ଷେପ ନିଆଯାଉଛି। ଜଙ୍ଗଲରେ ନିଆଁ ରୋକିବା ପାଇଁ ବନବିଭାଗ ତରଫରୁ ଆଗୁଆ ପଦକ୍ଷେପ ନିଆଯାଇ ଲୋକଙ୍କୁ ସଚେତନ କରାଯାଉଛି। ଜଙ୍ଗଲରେ ନିଆଁ କିପରି ନଲାଗିବ ଏବଂ ନିଆଁ ଦାଉରୁ ଜଙ୍ଗଲ ସଂପଦକୁ କିପରି ସୁରକ୍ଷା ନିଆଯିବ ସେଥିନେଇ ବନବିଭାଗର ବ୍ୟାପକ ପ୍ରସ୍ତୁତି କରାଯାଉଛି। ଜଙ୍ଗଲ ନିଆଁ ରୋକିବା ପାଇଁ ଲୋକଙ୍କ ସହଯୋଗ କାମନା କରାଯାଇଛି।

ଚଳିତବର୍ଷ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜରେ ୨୫୦ କିଲୋମିଟର ଫାୟାର ଲାଇନ କରାଯାଉଛି। କ୍ଷେତ୍ର କର୍ମଚାରୀମାନେ ଅଭିଯାନକୁ ଜୋରଦାର କରିଛନ୍ତି। ଏହି



ରେଞ୍ଜର ୧୦୪ ବନ ସୁରକ୍ଷା ସମିତିକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଯେଉଁ ବନସୁରକ୍ଷା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ଥିବା ଜଙ୍ଗଲରେ ନିଆଁ ଲାଗିବ ନାହିଁ ତାଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ୭୦ଟି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୧୨ଟି ସ୍ଥାନରେ ସଚେତନତା ରାଲି ଆୟୋଜନ କରାଯାଉଛି। ଗତବର୍ଷ କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଜଙ୍ଗଲରେ ୧୭୬୫ଟି ସ୍ଥାନରେ ନିଆଁ ଲାଗିଥିଲା। ଭୂୟାଁ ଜୁଆଙ୍ଗ ପୀଢ ବନାଞ୍ଚଳର ସର୍ବାଧିକ ୪୫୯ଟି ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ ହୋଇଥିଲା। ଫାୟାର ପଏଣ୍ଟ ମଧ୍ୟରୁ ଅଧିକାଂଶ ଜଙ୍ଗଲ ସୀମା ବାହାରେ ଥିଲା। ତଥାପି ବନ ବିଭାଗର କ୍ଷେତ୍ରସ୍ତରର କର୍ମଚାରୀମାନେ ତୁରନ୍ତ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ଅନେକ ସ୍ଥାନରେ ମଣିଷ୍ୟକୃତ ପାଇଁ ଜଙ୍ଗଲ ନିଆଁ ଲାଗିଥିଲା। ଜଙ୍ଗଲ ବିଭାଗ ଠିକଣା ସମୟରେ ଜଙ୍ଗଲ ନିଆଁ ରୋକିବାରେ ପଦକ୍ଷେପ ନେଉଥିବାରୁ ପ୍ରତ୍ୟେକ ବର୍ଷ ବହୁ ମୂଲ୍ୟ ବନ୍ୟସଂପଦ ନଷ୍ଟ ହେବାରୁ ରକ୍ଷା ପାଉଛି। ଜଙ୍ଗଲ ନିଆଁ ରୋକିବା ପାଇଁ ୪୦ଜଣ ଫରେଷ୍ଟ ସ୍କ୍ୱାଡ ନିୟୋଜିତ କରାଯାଇଥିବାବେଳେ ୩୩ଟି ଫାୟାର ବ୍ଲୋୟର ମହଜୁଦ ରଖାଯାଇଛି ବୋଲି ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ ସୂଚନା ଦେଇଛନ୍ତି। ଭୂୟାଁଜୁଆଙ୍ଗ ପୀଢ ରେଞ୍ଜ ଅଧୀନସ୍ଥ କାଦକଳା, ସୁଣ୍ଡୁରା, ରେଙ୍ଗାଲବେଡା, ବାରାହାଗଡ, ଚମ୍ପାଝର, ଆମ୍ବଡରା, କଣ୍ଟାକୋଳି, ମେଦିନପୁର, ପୋଡାଡିହି, ଧଳାଡିହି, ଉପର ଚମ୍ପେଇ, ତଳ ଚମ୍ପେଇ, ବଡରତୁଁଆ, ଯାତ୍ରା, ନଡାପାଣି, ସୁକଡୋଳା, ଦଅଁଳା, ତଳକାଇପୁର, ଶୁଆକାଟୀ, ଇଚିଣ୍ଡା, ନୀତିଗୋଠ, ବାଂଶପାଳ ହାଟ, ବାଇରୁଗୁଡି ଆଦି ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଅନେକ ଗାଁରେ ମହିଳାମାନେ ଶପଥ ନେଇ ଜଙ୍ଗଲ ସୁରକ୍ଷା ପାଇଁ ଆଗକୁ ଆସିଛନ୍ତି। ଜଙ୍ଗଲ ନିଆଁ ଯୋଗୁଁ ସେମାନଙ୍କ ଜୀବନଜୀବିକା ବାଧାପ୍ରାପ୍ତ ହେଉଥିବା ସେମାନେ କହିଛନ୍ତି। ସେହିପରି ଜଙ୍ଗଲ ନିଆଁ ନ ଲାଗିଲେ ବନ୍ୟପ୍ରାଣୀ ଜଙ୍ଗଲ ଭିତରେ ସୁରକ୍ଷିତ ଭାବରେ ରହିପାରିବେ ବୋଲି ବାଂଶପାଳ ବ୍ଲକ ବଡରତୁଆଁ ବନସୁରକ୍ଷା ସମିତିର ସଦସ୍ୟମାନେ କହିଛନ୍ତି।

## ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ

**ସୋସୋ, ୧୯।୨(ସମିସ):** ହାଟଡିହି ବ୍ଲକର ତୃତୀୟ ଶ୍ରେଣୀ ଗରିବ ମେଧା ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଶାସଙ୍ଗ ବାଇଧର ସରକାରି ଉଚ୍ଚପ୍ରାଥମିକ ବିଦ୍ୟାଳୟର ସୂର୍ଯ୍ୟନାରାୟଣ ଭବାନୀ, ଶଙ୍କର ଜେନା ପ୍ରଥମ ହୋଇଥିବା ବେଳେ ବ୍ରାହ୍ମଣୀକିଳା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସ୍ନେହାଂଶୁ ଶେଖର ରାଉତ ଦ୍ୱିତୀୟ, ନିଉଦାନୀ ସରସ୍ୱତୀ ଶିଶୁ ମନ୍ଦିର ସାଇସ୍ମିତା ପଣ୍ଡା ତୃତୀୟ, ଏଲକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚିରଞ୍ଜିବୀ ରାଉତ ଚତୁର୍ଥ, ଗୋପ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଇପ୍ରିୟା ସେଠୀ ପଞ୍ଚମ, କପୁଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟର ରାଜଶ୍ରୀ ଜେନା ଷଷ୍ଠ, ଢେଙ୍କା ସରକାରୀ ପ୍ରାଥମିକ ବିଦ୍ୟାଳୟର ସୋହମ ସେଠୀ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ମେଧାବୃତ୍ତି ପରୀକ୍ଷାରେ ମୋଟରା ଗଡିଆ ପ୍ରାଥମିକ ବିଦ୍ୟାଳୟର ଦିବ୍ୟରଞ୍ଜନ ନାୟକ ୧ମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିବାଂଶ ଘଡେଇ ୨ୟ, ଗେଡମା ପ୍ରାଥମିକ ବିଦ୍ୟାଳୟର ଶୁଭସ୍ୱପ୍ନା ବାରିକ ୩ୟ, ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ଭାଗ୍ୟଲକ୍ଷ୍ମୀ ବେହେରା ୪ର୍ଥ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମତାବାଜର ପ୍ରତ୍ୟୁଷ ନାରାୟଣ ନନ୍ଦ ୫ମ, ରୁପାଲି କୁମାର ଶଙ୍ଖୁଆ ୬ଷ୍ଠ ବାରିଗାଁ ପ୍ରାଥମିକ ବିଦ୍ୟାଳୟର ସାଇସ୍ୱରୂପ ସାମନ୍ତ ରାୟ ୭ମ ସ୍ଥାନ ହାସଲ କରିଛନ୍ତି।

## ନୂଆ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଯୋଗଦାନ



**ଚମ୍ପୁଆ ୧୯।୨(ସମିସ):** ଚମ୍ପୁଆ ବ୍ଲକର ନୂତନ ଅଧକାରୀ ଭାବେ ସ୍ମୃତିରଞ୍ଜନ ସାହୁ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ବିଡିଓ ଭାବେ କାର୍ଯ୍ୟରତ ଥିଲେ। ଚମ୍ପୁଆରେ ଥିବା ବିଡିଓ ରାଜା ରଞ୍ଜିତ ପ୍ରତାପ ବଳଙ୍କ ନିକଟରୁ କାର୍ଯ୍ୟଭାର ଗ୍ରହଣ କରିଥିବା ବେଳେ ତାଙ୍କୁ ବ୍ଲକ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀ ସାହୁଙ୍କ ଯୋଗଦାନ ପରେ ଉନ୍ନତି ପଥରେ ନୂତନ ଆଶା ସଞ୍ଚାର କରିଛି। ପୂର୍ବରୁ ସେ ଚମ୍ପୁଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରି ଚମ୍ପୁଆ ଉପଖଣ୍ଡରେ ବିଭିନ୍ନ ସମସ୍ୟା ସହିତ ଜଡ଼ିତ ଥିଲେ। ଚମ୍ପୁଆ ପଞ୍ଚାୟତସମିତିର ବହୁବିଧ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ଡ. ନାରାୟଣଚନ୍ଦ୍ର ସେନାପତି ପାଇଲେ ସ୍ୱଭାବକବି ଗଙ୍ଗାଧର ସମ୍ମାନ-୨୦୨୫



**ସୋସୋ, ୧୯।୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ଜମ୍ବରାର ସୁନ୍ଦର ମୋ ଭାଷା ସାହିତ୍ୟ (ଅନନ୍ୟା) ର ପ୍ରତିଷ୍ଠାତା ଓ ସମ୍ପାଦକ ଡ. ନାରାୟଣଚନ୍ଦ୍ର ସେନାପତିଙ୍କୁ ସମ୍ବଲପୁର ଗୋଲବଜାର ସେନପାର୍କ ନିକଟସ୍ଥ ଓଡ଼ିଶା ସାଂସ୍କୃତିକ ସମାଜ ସଭାଗୃହରେ ଅନୁଷ୍ଠିତ ପାର୍ବତୀ ଗୋବିନ୍ଦ ସାହିତ୍ୟ ସଂସଦର ସପ୍ତମ ବାର୍ଷୀକ ଉତ୍ସବରେ ସ୍ୱଭାବକବି ଗଙ୍ଗାଧର ମେହର ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଛି। ଶଶଧର ପଣ୍ଡାଙ୍କ ସଭାପତିତ୍ୱରେ ପ୍ରାକ୍ତନ ହାଇକୋର୍ଟ ଅଧୀକ୍ଷକ କେଶବଚନ୍ଦ୍ର ରାଉତ ଉଦଘାଟକ, ସମାଜସେବୀ ଚନ୍ଦ୍ରଶେଖର ଶତପଥୀ ମୁଖ୍ୟଅତିଥି, ମୁକୁନ୍ଦ ରଥ, ପ୍ରଦୀପ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ।

## ଦିନକ ପରେ ମାଟ୍ରିକ ପରୀକ୍ଷା

# ପରୀକ୍ଷା କେନ୍ଦ୍ରର ପ୍ରସ୍ତୁତି ଓ ଆୟୋଜନକୁ ନେଇ ପ୍ରଶ୍ନବାଚୀ

**ଆନନ୍ଦପୁର, ୧୯।୨(ସମିସ):** ଚଳିତବର୍ଷ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ପ୍ରଶାସନିକ ପ୍ରସ୍ତୁତି ଓ କେନ୍ଦୁଝର ଜିଲ୍ଲା ଶିକ୍ଷା ବିଭାଗର ଆୟୋଜନକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷାକ ଶିକ୍ଷୟିତ୍ରୀଙ୍କ ନିଜସ୍ୱ ବିଦ୍ୟାଳୟ ଓ ନିଜସ୍ୱ ଅଞ୍ଚଳର ଛାତ୍ରଛାତ୍ରୀ ସଂପୃକ୍ତ କେନ୍ଦ୍ରରେ ପରୀକ୍ଷା ଦେବାକୁ ନିର୍ଦ୍ଧାରିତ ହୋଇଥିବାରୁ ପରୀକ୍ଷାର ସ୍ୱଚ୍ଛତା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ବିଗତ ବର୍ଷରେ ଏପରି ଆୟୋଜନ ଜନିତ ତ୍ରୁଟି ଯୋଗୁଁ କେତେକ କେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ଅଭିଯୋଗରେ ପରୀକ୍ଷାର ଦିନେ ଦୁଇଦିନ ପରେ ଦାୟିତ୍ୱ ପରିବର୍ତ୍ତନ କରାଯାଇ ଥିଲା। ଚଳିତବର୍ଷ ସେହିପରି କେତେକ ଆୟୋଜନଜନିତ ତ୍ରୁଟି ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ହାଟଡିହୀ ବ୍ଲକର କଳିଗାଁ ପରୀକ୍ଷା କେନ୍ଦ୍ରରେ ଏପରି ଆୟୋଜନ ଜନିତ ତ୍ରୁଟି ହୋଇଥିବା ବେଳେ ଘସିପୁରା ବ୍ଲକର କୁଶଳେଶ୍ୱର ହାଇସ୍କୁଲରେ ହୋଇଥିବା ପରୀକ୍ଷା କେନ୍ଦ୍ରର ପରିଚାଳନା ଦାୟିତ୍ୱକୁ ନେଇ ସନ୍ଦେହ ପ୍ରକଟ ହୋଇଛି। ଏହି ପରୀକ୍ଷା କେନ୍ଦ୍ରରେ ବଳରାମପୁର, ତରିମୂଳ, ଦେଓଗାଁ ବାଳିକା ଉଚ୍ଚ ବିଦ୍ୟାଳୟ ଓ କେଶଦୁରାପାଳ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବାକୁ ସ୍ଥିର ହୋଇଛି। ଏହି କେନ୍ଦ୍ରର ଅଧୀକ୍ଷକ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଘର କେଶଦୁରାପାଳରେ ହୋଇଥିବା ଏବଂ ଡେପୁଟି ଅଧୀକ୍ଷକ ଘର ତରିମୂଳରେ ହୋଇଥିବାରୁ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ରକ୍ଷା ହୋଇନପାରିବା ଆଶଙ୍କା ପ୍ରକାଶ ପାଇଛି। ଏନେଇ କେନ୍ଦୁଝର ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନା ଉପରେ ଯଥେଷ୍ଟ ଧ୍ୟାନ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।




## ଦେଓଗାଁରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ପାଳନ

**ଆନନ୍ଦପୁର, ୧୯।୨(ସମିସ):** ଘସିପୁରା ବ୍ଲକ୍ ଅନ୍ତର୍ଗତ ଦେଓଗାଁ ଗ୍ରାମର ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗୀତା ପାଠଶାଳାରେ ୮୯ତମ ତ୍ରିମୂର୍ତ୍ତି ଶିବଜୟନ୍ତୀ ଶିବଝଣ୍ଡା ଉତ୍ତୋଳନ ଅବସରରେ ଆନନ୍ଦପୁର ଶାଖାର ସଞ୍ଚାଳିକା ବ୍ରହ୍ମାକୁମାରୀ ପଦ୍ମିନୀ ଭଉଣୀଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଅନନ୍ତ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ କାର୍ଯ୍ୟାଳୟର ବ୍ରହ୍ମାକୁମାର ଦିବ୍ୟକୁମାର ଦିଗଦର୍ଶନ ଦେଇଥିଲେ। ମହାକାବ୍ୟ ଅନୁସାରେ ପରମାମାଠଙ୍କ ଝଣ୍ଡା ତଳେ ଈଶ୍ୱରୀୟ ପ୍ରତିଜ୍ଞା ପାଠ କରାଯାଉଥିଲା। ବ୍ରହ୍ମାକୁମାରୀ ବିଜୟିନୀ ଭଉଣୀ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରବିନ୍ଦ୍ରନାଥ ବଳ ନିରବତା ଦ୍ୱାରା ଆଧାତ୍ମିକ ଜ୍ଞାନ ଓ ସହଜ ରାଜଭୋଗ ନିୟମିତ ଅଭ୍ୟାସ ଦ୍ୱାରା ସମାଜର ଶାନ୍ତି ଶୃଙ୍ଖଳା ସ୍ଥାପନା କରାଯାଇପାରିବ ବୋଲି ସଚେତନ କରିଥିଲେ। ଅନାମ ଭାଇ, ଭାଗୀରଥି ଭାଇ, ଅଚ୍ୟୁତ ଭାଇ, ଅରୁଣ ଭାଇ, ପ୍ରତାପ ଭାଇ, ଶ୍ରୀଧର ଭାଇ, ରମା ଭାଇ, ବାସନ୍ତୀ ମାତା, ସୁକାନ୍ତି ମାତା, ଝରଣା ମାତା ସହଯୋଗ କରିଥିଲେ। ବସନ୍ତ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଝୁମ୍ପୁରା ନୋଡାଲ କେନ୍ଦ୍ର ୧୨ କେନ୍ଦ୍ରରେ ୨୦୭୦ ଛାତ୍ରଛାତ୍ରୀ

ବାଲିବନ୍ଧ, ୧୯।୨ (ସମିସ): ଝୁମ୍ପୁରା ବ୍ଲକ ମୁଖ୍ୟାଳୟଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ, ଝୁମ୍ପୁରା ନୋଡାଲ କେନ୍ଦ୍ର ଅଧୀନରେ ମୋଟ ୧୨ଟି ପରୀକ୍ଷା କେନ୍ଦ୍ରରେ ୨୦୭୦ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ। ପ୍ରଶ୍ନପତ୍ର ଥିବା ଷ୍ଟ୍ରଙ୍ଗରୁମ୍‌କୁ ପୁଲିସ୍ ପକ୍ଷରୁ ୨୪ ଘଣ୍ଟିଆ କଡ଼ା ପହରା ଦିଆଯାଉଥିବା ବେଳେ ସିସି କ୍ୟାମେରାର ନଜର ରହିଛି। ଫେବୃୟାରୀ ୨୧ ତାରିଖ ସକାଳ ୭ଟା ୩୦ରୁ ୮ଟା ୧୫ ମଧ୍ୟରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ସମୟ ଧାର୍ଯ୍ୟ କରାଯାଇଛି। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧ଟା ୩୦ରେ ଶେଷ ହେବ। ଗଣିତ ବିଷୟ ଦିନ ଅଧିକ ୧୫ମି. ସମୟ ଧାର୍ଯ୍ୟ ହୋଇଥିବା ସୂଚନା ରହିଛି। ଝୁମ୍ପୁରା ନୋଡାଲ କେନ୍ଦ୍ରର ପର୍ଯ୍ୟବେକ୍ଷକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅବନୀ ପାଢ଼ୀ ଥିବା ବେଳେ ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତ ନୋଡାଲ ଇନ୍‌ଚାର୍ଜ, ଶିକ୍ଷୟିତ୍ରୀ ରଞ୍ଜିତା ପ୍ରଧାନ ନୋଡାଲ ସହ ଇନ୍‌ଚାର୍ଜ ନିଯୁକ୍ତ କରାଯାଇଛି। ସଠିକ ସମୟରେ ପରୀକ୍ଷା କେନ୍ଦ୍ରଗୁଡିକରେ ପ୍ରଶ୍ନପତ୍ର ପହଞ୍ଚାଇବା ନିମନ୍ତେ ୩ଟି ଟିମ୍ ଗଠନ କରାଯାଇଥିବା ନୋଡାଲ ଇନଚାର୍ଜ ପ୍ରଧାନଶିକ୍ଷକ ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି। ନୋଡାଲ କେନ୍ଦ୍ର ଅଧୀନରେ ଥିବା ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୪୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ବାଲିବନ୍ଧ ଉଚ୍ଚବିଦ୍ୟାଳୟରେ ୧୪୩ ଜଣ, ଜନତା ନୋଡାଲ ଉଚ୍ଚବିଦ୍ୟାଳୟ, ଗୋବର୍ଦ୍ଧନ, ପରୀକ୍ଷା କେନ୍ଦ୍ରରେ ୧୫୪ ଜଣ, କାଉଁରୀକଳା ନୋଡାଲ ଉଚ୍ଚ ବିଦ୍ୟାଳୟ, ପରୀକ୍ଷା କେନ୍ଦ୍ରରେ ୧୩୧ଜଣ, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ, ମହାଦେଇଯୋଡା ପରୀକ୍ଷା କେନ୍ଦ୍ରରେ ୨୨୮ ଜଣ, ମହାଲକ୍ଷ୍ମୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ପଦ୍ମପୁର ପରୀକ୍ଷା କେନ୍ଦ୍ରରେ ୧୧୯ ଜଣ, ପଞ୍ଚଶଖା ନୋଡାଲ ଉଚ୍ଚ ବିଦ୍ୟାଳୟ, ଆମୁଣି ପରୀକ୍ଷା କେନ୍ଦ୍ରରେ ୧୮୦ ଜଣ, ପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟ, ନହବେଡା ପରୀକ୍ଷା କେନ୍ଦ୍ରରେ ୧୪୩ଜଣ, ରାଇସୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟ, ପରୀକ୍ଷା କେନ୍ଦ୍ରରେ ୨୫୦ଜଣ, ଏସବି ନୋଡାଲ ଉଚ୍ଚ ବିଦ୍ୟାଳୟ ପଳାଶପଙ୍ଗା, ପରୀକ୍ଷା କେନ୍ଦ୍ରରେ ୨୨୫ଜଣ, ଉଖୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟ, ପରୀକ୍ଷା କେନ୍ଦ୍ରରେ ୧୭୩ ଜଣ ଏବଂ ଏବିଏ ଉଚ୍ଚ ବିଦ୍ୟାଳୟ, ଖୁଣ୍ଟାପଡା ପରୀକ୍ଷା କେନ୍ଦ୍ରରେ ୧୭୮ଜଣ ମୋଟ ୨୦୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ନେଇ ପରୀକ୍ଷା ପରିଚାଳନା ନୋଡାଲ ଇନଚାର୍ଜ ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତ ସୂଚନା ଦେଇଛନ୍ତି।



ରାସ୍ତା ପାର୍ଶ୍ୱରେ ପଳାସ ଫୁଲର ସୌନ୍ଦର୍ଯ୍ୟ ପ୍ରକୃତିପ୍ରେମୀ ଓ ପଥଚାରୀଙ୍କୁ ବିମୋହିତ କରୁଛି।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ





## ଅର୍ଶଳା ଉଚ୍ଚପ୍ରାଥମିକ ବିଦ୍ୟାଳୟ

**ବାଲିବନ୍ଧ, ୧୯।୨ (ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅର୍ଜୁନଚରଣ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା ମୁଖ୍ୟଅତିଥି, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସାଗରିକା ଗିରି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଝୁମ୍ପୁରା ସହଗୋଷ୍ଠୀ ଶିକ୍ଷାଧିକାରୀ ନବକିଶୋର ସାମଲ, ଜିଲ୍ଲା ବିଜେପି ସମ୍ପାଦକ ଅନୁବ୍ରତ ବେହେରା, ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ରତିନିଧି ଅନିନ୍ଦ୍ୟ ବେହେରା, ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ତଥା କେନ୍ଦୁଝର ସାଂସଦଙ୍କ ଝୁମ୍ପୁରା ବ୍ଲକ ଶିକ୍ଷା ପ୍ରତିନିଧି ବିଜୟାନନ୍ଦ ବେହେରା, ଅର୍ଶଳା ସରପଞ୍ଚ ହେମଲତା ନାଏକ, ସମିତିସଭ୍ୟା ଲିଲିମନି ମାଝୀ, ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଝୁମ୍ପୁରା ପ୍ରଧାନଶିକ୍ଷକ ନିରାକାର ବେହେରା, ଜିଲ୍ଲା ପରିଷଦ ସଭ୍ୟା ସୋମବାରୀ ମୁର୍ମୁ, ଝୁମ୍ପୁରା ସାଧନ କେନ୍ଦ୍ର ସଂଯୋଜକ ତନ୍ମୟ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଏବଂ ମୋ ସ୍କୁଲ ଅଭିଯାନ କମିଟିର ସଭାପତି, ସମ୍ପାଦକ, ସଭ୍ୟଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ମୋ ସ୍କୁଲ ଅଭିଯାନ କମିଟି ସଭ୍ୟ ସୁନୀଲ ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଙ୍ଗୋର ଉପ୍ରା ବିଦ୍ୟାଳୟ

**ସୋସୋ:** ହାଟଡିହି ବ୍ଲକ ବାଙ୍ଗୋର ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ରଙ୍ଗାଧର ମହୁରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ମୁଖ୍ୟବକ୍ତା ସୋସୋ ଥାନାଧିକାରୀ ବିଜୟ କୁମାର ବିହାରୀ, ଅତିଥି ସରପଞ୍ଚ ଅଙ୍କିତା ପଡିଆରୀ, ସମିତିସଭ୍ୟା ମନୋରମା ପଣ୍ଡା, ବ୍ରଜମୋହନ ମହାନ୍ତି, ସିଆରସିସି ବସନ୍ତ ନାୟକ, କମିଟି ସଭାପତି ମହେଶଚନ୍ଦ୍ର ବାରିକ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ମହେନ୍ଦ୍ର ପୃଷ୍ଟି, ବାଙ୍ଗୋର ସବ୍ ସେଣ୍ଟର ଷ୍ଟାଫ ନର୍ସ ଉପସ୍ଥିତ ଥିଲେ। ଶିକ୍ଷକ ସତ୍ୟନାରୟଣ ଜେନା ସଂଯୋଜନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ପ୍ରାକ୍ତନ ପ୍ରଧାନଶିକ୍ଷକ ରବିନ୍ଦ୍ର ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ବିଦ୍ୟାଳୟରୁ ବିଦାୟ ନେଇଥିବା ସହକାରୀ ଶିକ୍ଷୟିତ୍ରୀ ରାଜଶ୍ରୀ ସାହୁ, ବାଣୀଶ୍ରୀ ରାଉତ, ଚିନ୍ମୟ ଖମାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକଶିକ୍ଷୟିତ୍ରୀ ମନୋରମା ଦାସ, ପ୍ରଭାତି ସାହୁ, ଭୀମସେନ ନାୟକ, ଜଗଦୀଶଚନ୍ଦ୍ର ଜେନା, ପ୍ରଦୀପ ଦେହୁରୀ, ମମତା ସାହୁ, କମିଟିର ସଦସ୍ୟ ସହଯୋଗ କରିଥିଲେ।

## ମଲ୍ଲିପଶି ଉଚ୍ଚପ୍ରାଥମିକ ବିଦ୍ୟାଳୟ



ହାଟଡିହି ବ୍ଲକ ମଲ୍ଲିପଶି ସରକାରୀ ନୂତନ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୃତୀ କ୍ରୀଡ଼ା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପ୍ରଧାନଶିକ୍ଷକ ଚୈତନ୍ୟ ପ୍ରସାଦ ମୁର୍ମୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସିଆରସିସି ରବିନାରାୟଣ ଦାସ ମହାପାତ୍ର, ମୁଖ୍ୟବକ୍ତା ସିଆରସିସି ମଙ୍ଗଲ ହାସଦା, ସମ୍ମାନିତ ଅତିଥି ଭାବେ ସିଆରସିସି ବସନ୍ତ ନାଇକ ଏବଂ କମିଟି ସଭାପତି ନାରାୟଣ ଶଙ୍ଖୁଆଳ ଯୋଗ ଦେଇଥିଲେ। ଶିକ୍ଷକ ଦିବ୍ୟରଞ୍ଜନ ପରିଡା, ମଦ୍ଦରଧର ନାଇକ ପରିଚାଳନା କରିଥିବାବେଳେ କମିଟି ସଦସ୍ୟ ଓ ଅଭିଭାବକ ସହଯୋଗ କରିଥିଲେ।



## ଆନନ୍ଦପୁର ମଡେଲ୍ ସ୍କୁଲ

**ଆନନ୍ଦପୁର:** ଆନନ୍ଦପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ (ମଡେଲ୍ ସ୍କୁଲ)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସଭା ଓ ପୁରସ୍କାର ବିତରଣୀ ଉତ୍ସବରେ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତି ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଅତିରିକ୍ତ ତହସିଲଦାର ମନୋଜ କେର୍କେଟା ସ୍ୱତନ୍ତ୍ର ଅତିଥି, ଆନନ୍ଦପୁର ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟବକ୍ତା ଭାବେ ପୂର୍ବତନ ଶିକ୍ଷାଧିକାରୀ ଶରତ ରାଉତ, ଶତ୍ରୁଘ୍ନ ସାହୁ, ସହକାରୀ ଶିକ୍ଷାଧିକାରୀ ଅହଲ୍ୟା ଜେନା ଓ ରବିନାରାୟଣ ମିଶ୍ର, ବିଶିଷ୍ଟ ଅତିଥି ଭାବେ ପୌର ଉପାଧକ୍ଷ ଦୁର୍ଗାଚରଣ ଦଳେଇ, ସିଆରସିସି ନିରଞ୍ଜନ ସାହୁ ଓ କବିତା ପତି ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟ କୁମାର ପାଢୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ମୀନତି ବେହେରା ବିବରଣୀ ପାଠ କରିଥିଲେ। ବିଭିନ୍ନ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ପରେ ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ପ୍ରଭଞ୍ଜନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପଦ୍ମନାଭ ସାମଲ, ବ୍ରହ୍ମାନନ୍ଦ ମିଶ୍ର, ନିତ୍ୟାନନ୍ଦ ବାରିକ, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ରାମ, ସସ୍ମିତା ପଣ୍ଡା, ସୁମିତ୍ରା ସାହୁ ଓ ପୁନମ ପାଢୀ ପ୍ରମୁଖ ପରିଚାଳନା କରିଥିଲେ।

### ଭଦ୍ରକ ଜିଲ୍ଲାରେ କାର୍ଯ୍ୟାଳୟ, କେନ୍ଦୁଝରରେ ଉନ୍ନୟନ କାର୍ଯ୍ୟ

# ପାଣି ପଞ୍ଚାୟତ ନାମରେ କାର୍ଯ୍ୟ ନିମ୍ନମାନର

ସୋସୋ, ୧୯।୨(ସମିସ)





ଗୋଟିଏ ଜିଲ୍ଲାର ଅଫିସ ଆଉ ଗୋଟିଏ ଜିଲ୍ଲାର ଉନ୍ନୟନ କାର୍ଯ୍ୟ କିଭଳି ମାନର କରୁଥିବ ସହଜରେ ଅନୁମେୟ। ଭଦ୍ରକ ଜିଲ୍ଲାର ବିଭାଗ କାର୍ଯ୍ୟାଳୟ ଥିବାବେଳେ କେନ୍ଦୁଝର ଜିଲ୍ଲାର ଉନ୍ନୟନ କାର୍ଯ୍ୟ ଚାଷ ଜମିରେ ପାଣି ଯିବାକୁ ପାଣି ପଞ୍ଚାୟତ ମାଧ୍ୟମରେ କରାଯାଉଛି। ଉକ୍ତ କାର୍ଯ୍ୟର ମାନକୁ ଏବେ ପ୍ରଶ୍ନ ଉଠୁଛି। ଭଦ୍ରକ କାଡାନାଳ ଡିଭିଜନ ଅଧୀନରେ ହାଟଡିହି ବ୍ଲକର ବିଭିନ୍ନ ପାଣି ପଞ୍ଚାୟତ ନାମରେ ଉନ୍ନୟନ କାର୍ଯ୍ୟ କରାଯାଇଥାଏ। ଏହାର ହିସାବ କେବଳ କିଛି ନିର୍ଦ୍ଦିଷ୍ଟ ପାଣି ପଞ୍ଚାୟତର କର୍ମକର୍ତ୍ତା, ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତୁରାରେ ହୋଇଥାଏ। ଗୋଟିଏ ପାଣି ପଞ୍ଚାୟତର ଗୋଟିଏ ରିଚ୍ କାର୍ଯ୍ୟ କରୁ କରୁ ଅନ୍ୟ ରିଚ୍ ଦୁଇରୁ ତିନିଟି ସେହିଠାରେ ବିନା ଫଳକରେ ମଧ୍ୟ ହୋଇଥାଏ। କେବଳ କାଗଜ କଲମରେ ଉନ୍ନୟନ କାର୍ଯ୍ୟ ସୀମିତ ରହିଥାଏ। ଯାହା ହାଟଡିହି ବ୍ଲକର ୨୬ ନଂ ପାଣିପଞ୍ଚାୟତ ଓରାଳି ଅଞ୍ଚଳରେ ଏବେ ଚାଷ ଜମିକୁ ପାଣି ଯିବା ପାଇଁ ଡ୍ରେନ ନିର୍ମାଣ କରାଯାଉଛି। କାର୍ଯ୍ୟ ଆରମ୍ଭ ହୋଇଯାଇଥିଲେ ବି ସୂଚନା ଫଳକ ଲଗାଯାଇନାହିଁ। ମିକ୍ସର ମେସିନ ମାଧ୍ୟମରେ ମେଟାଲ ଚିପ୍ସ କାର୍ଯ୍ୟ ହେବାକୁ ଅଟକଳ ରହିଛି। ଶ୍ରମିକ ଏହି କାର୍ଯ୍ୟକୁ କରୁଛନ୍ତି। ପାଣି ପଞ୍ଚାୟତ ଓ ଯନ୍ତ୍ରୀଙ୍କ ସଲାସୁତୁରାରେ କାର୍ଯ୍ୟ ହେଉଥିବାରୁ ଅଟକଳ ପ୍ରତି ଧ୍ୟାନ ନଦେଇ କାର୍ଯ୍ୟରୁ ହେଉଛି। ଅନ୍ୟପକ୍ଷରେ ଯେତିକି ଖୋଳା ଯିବା କଥା ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଢଳେଇ ପଡିବା ପୂର୍ବରୁ ମାଟି ଉପରେ ଯେତିକି ବାଲି ପଡିବା କଥା ନପଡି ବାଲି ସିଞ୍ଚା ଯାଉଛି। ମେଟାଲ ଢଳେଇ ଯେତିକି ପକାଯିବା କଥା ପଡୁନାହିଁ। ସିମେଣ୍ଟ ଭାଗ ଠିକ୍ ଭାବରେ ଦିଆଯାଉନାହିଁ। ସେହିପରି ଚିପ୍ସ ଢଳେଇ ଯେତିକି ମୋଟାରେ ପଡିବା କଥା ପଡୁନାହିଁ କି ସିମେଣ୍ଟ ଭାଗ ଠିକ ରହୁନାହିଁ। ଯାହାକୁ ନେଇ କାଡାନାଳ ନାମରେ କାର୍ଯ୍ୟ କରି ବିଭାଗ ଯନ୍ତ୍ରୀ ଓ ପାଣି ପଞ୍ଚାୟତ ହାତ ଚିକ୍କଣ ହେଉଥିବାବେଳେ ଏହାକୁ ତଦାରଖ କରିବାକୁ ଯନ୍ତ୍ରୀମାନେ ନିଜ ଇଚ୍ଛାରେ ଆସିଥାନ୍ତି। ଭଦ୍ରକ ଜିଲ୍ଲାରେ ଡିଭିଜନ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର କାର୍ଯ୍ୟ ହେଉଥିବାରୁ ଏଥିରେ କାହାର ଗୁରୁତ୍ୱ ରହୁନାହିଁ। ଏଥିରେ ଚାଷୀ ମଧ୍ୟ ଭାଗ ନେଉ ନଥିବାବେଳେ କିଛି ପାଣି ପଞ୍ଚାୟତର କର୍ମକର୍ତ୍ତା ଯନ୍ତ୍ରୀଙ୍କୁ ହାତ କରି ଲାଭବାନ ହେଉଛନ୍ତି। ଏହାକୁ ନେଇ ବିଭାଗ ଡିଭିଜନର ଏସଡିଓ କହିଛନ୍ତି, ଯନ୍ତ୍ରୀଙ୍କୁ କୁହାଯାଇଛି ତଦନ୍ତ କରି ପଦକ୍ଷେପ ନେବେ। ସେହିପରି ଯନ୍ତ୍ରୀ ତଦନ୍ତ କରିବେ ବୋଲି କହିଛନ୍ତି। ସୂଚନାଫଳକ ଲାଗିନାହିଁ, ଲାଗିଯିବ ବୋଲି କହିଥିଲେ।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ପାଠଚକ୍ର



**ଆନନ୍ଦପୁର, ୧୯।୨(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ କେନ୍ଦୁଝର ଶାଖା ପକ୍ଷରୁ ଭଗବତ ଗୀତାର ନବମ ଅଧ୍ୟାୟ ଉପରେ ଏକ ଆଭାସୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ଶାଖାର ସଂପାଦକ ଅଧ୍ୟାପକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଏହି ପାଠଚକ୍ରରେ ଚିନ୍ମୟ ମିଶନ ପଟିଆଳାର ଆଚାର୍ଯ୍ୟ ସ୍ୱାମୀ ମାଧବାନନ୍ଦଜୀ ମାର୍ଗଦର୍ଶନ କରିଥିଲେ। ଜିଲ୍ଲା ସଭାପତି ଡ. ହ୍ଲାଧର ବେହେରା ଯୋଗ ଦେଇଥିଲେ। ଜିଲ୍ଲା ସାହିତ୍ୟ ବିଭାଗର ମୁଖ୍ୟ ସୁରେନ୍ଦ୍ର ଜେନାଙ୍କ ସଂଯୋଜନାରେ ଡଲିରାଣୀ ସାହୁ ଦେହମନ୍ତ୍ର ଉଚ୍ଚାରଣ କରିଥିଲେ। ରାଜ୍ୟ ସଭାପତି ରମାନାଥ ପଣ୍ଡା ସଂଗଠନ ସଂପାଦକ ଚିତରଂଜନ ନାୟକ, ଶଙ୍କର୍ଷଣ ସତପଥୀ, ହରିବନ୍ଧୁ ପାଣିଗ୍ରାହୀ, ଅଧ୍ୟାପକ ମନ୍ମଥ ପୃଷ୍ଟି, ଦାମୋଦର ମୁଣ୍ଡାଙ୍କ ସମେତ ଓଡିଶାର ବିଭିନ୍ନ ସ୍ଥାନରୁ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ଜିଲ୍ଲା ଯୁଗ୍ମ ସଂପାଦକ ସୂରଜ ପଟ୍ଟନାୟକ ଓ ସଂଜୟ ପାତ୍ର ଶାନ୍ତିପାଠ କରିଥିବା ବେଳେ ସୁଭଶ୍ରୀ ଓଝା ବିବେକବାଣୀ ପାଠ କରିଥିଲେ।

## ସିଟିଜେନ୍ ଫୋରମ୍‌ର ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର



**କେନ୍ଦୁଝର, ୧୯।୨ (ସମିସ):** ଉତ୍ତର ଓଡ଼ିଶାର ଏକମାତ୍ର ଡିଗ୍ରୀ ଇଂଜିନିୟରିଂ କଲେଜ ଭାବେ କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜର ଶୈକ୍ଷିକ ବାତାବରଣର ଉନ୍ନତି ଓ ଭିତ୍ତିଭୂମି ବିକାଶ ବାବଦରେ ଉପୁଜୁଥିବା ବିବିଧ ସମସ୍ୟାର ଆଶୁ ସମାଧାନ ପାଇଁ କେନ୍ଦୁଝର ସିଟିଜେନ ଫୋରମ୍ ତରଫରୁ ଗଠନମୂଳକ ପ୍ରସ୍ତାବ ସମ୍ମିଳିତ ଏକ ସ୍ମାରକପତ୍ର କଲେଜ ପ୍ରିନ୍ସିପାଲ ପ୍ରଫେସର ସରୋଜ ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଛି। ଫୋରମ୍‌ର ସଂପାଦକ ଇଂ ଅଜୟ ସାହୁ, ଇଂ ହରମୋହନ ପଟ୍ଟନାୟକ, ସରୋଜ ମହାନ୍ତି, କିଶୋର ଦାଶ, ରବି ସି ପ୍ରିନ୍ସିପାଲ ଓ ରେଜିଷ୍ଟ୍ରାରଙ୍କୁ ସାକ୍ଷାତ କରିଥିଲେ। ପୂର୍ବତନ ସଭାପତି କିରଣ ଶଙ୍କର ସାହୁ ଡିଗ୍ରୀ ଇଂଜିନିୟରିଂ କଲେଜ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ବୈଷୟିକ ଅନୁଷ୍ଠାନକୁ ଉତ୍କର୍ଷ କେନ୍ଦ୍ରରେ ଗଢ଼ିବା ପାଇଁ ସ୍ୱପ୍ନ ଦେଖିଥିଲେ ବୋଲି ସଂପାଦକ ଅଜୟ ସାହୁ ସୂଚନା ଦେଇଥିଲେ। ଚଳିତ ବର୍ଷଠାରୁ ଇଲେକ୍ଟ୍ରିକାଲରେ ଏମ୍‌ଟେକ୍ କୋର୍ସ ଆରମ୍ଭ କରିବାପାଇଁ ସରକାର ଅନୁମୋଦନ କରିଥିବାରୁ ସ୍ୱାଗତ କରାଯାଇଛି। ପ୍ଲେସମେଣ୍ଟ କୁ ସୁଗମ କରିବା ପାଇଁ କଲେଜ ସହ ସରକାର ଓ ସ୍ଥାନୀୟ କଂପାନୀ ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରିବା, ଆପେରେଣ୍ଟିସିପ୍ ପ୍ରୋଗ୍ରାମ, ସ୍କିଲ୍ ଡେଭଲପମେଣ୍ଟ ଟ୍ରେନିଂର ଆୟୋଜନ, ପ୍ରାକ୍‌ଟିକାଲ୍ କ୍ଲାସ ପାଇଁ ଆଧୁନିକ ଯନ୍ତ୍ରପାତି ଯୋଗାଣ ଓ ଲାବରୋଟାରୀ ପ୍ରଶିକ୍ଷକ ନିଯୁକ୍ତି, ସମସ୍ତ ଇଞ୍ଜିନିୟରିଂ ବ୍ରାଞ୍ଚକୁ ପାଇଁ ଏଆଇସିଟିଇର ଅନୁମୋଦନ, ଖେଳପଡିଆ, ଜିମ୍, କମନରୁମ ନିର୍ମାଣ ଆଦି ବିଷୟରେ ପ୍ରସ୍ତାବ ଦିଆଯାଇଛି।

## ଅନନ୍ତଗୋପାଳ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ହାଟଡ଼ିହୀ, ୧୯।୨(ସମିସ):** ହାଟଡ଼ିହୀ ବ୍ଲକ ବଞ୍ଚୋ ଅନନ୍ତ ଗୋପାଳ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଘନଶ୍ୟାମ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ପ୍ରଶାନ୍ତ ରାଉତ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ର ନାୟକ, ପୂର୍ବତନ ସଭାପତି ପ୍ରମୋଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରଭାକର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ବାର୍ଷିକ ପରୀକ୍ଷାରେ ତିନୋଟି ଯାକ ଶ୍ରେଣୀର ସର୍ବୋଚ୍ଚ ନମ୍ବର ରଖିଥିବା ରତୁପ୍ରିୟା ରଣା, ଲକ୍ଷ୍ମୀ ବରାଳ, ପ୍ରିୟଂଶୀ ପ୍ରିୟଦର୍ଶିନୀ ରାଉତଙ୍କୁ କୀର୍ତ୍ତନ



କମଳ ଲୋଚନ ବିଶ୍ୱାଳ, ସମ୍ମାନିତଅତିଥି ଭାବେ ଶିକ୍ଷାବିତ ଯଦୁମଣି ପଟ୍ଟନାୟକ, ବିଦ୍ୟାଳୟ ସଂଗଠକ ଶ୍ରୀଧର ପାଢ଼ୀ, ସିଆରସିସି ନିହାର ରଞ୍ଜନ ସ୍ୱାଇଁ, ଶିଙ୍ଗଡୋଭ ସ୍କୁଲର ପ୍ରଧାନଶିକ୍ଷକ ପ୍ରତାପଚନ୍ଦ୍ର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିହାରୀ ବିଶ୍ୱାଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ମୋନାଲିସା ଦାସ, ମିଲି ଜେନା, କୁନ୍ତଳା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋପବନ୍ଧୁ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




**ତେଲକୋଇ, ୧୯।୨(ସମିସ):** ତେଲକୋଇ ବ୍ଲକ ଓରୀଆ ପଞ୍ଚାୟତ କତରାପାଳି ଗାଁରେ ଥିବା ଗୋପବନ୍ଧୁ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ମୁଖ୍ୟବକ୍ତା ଭାବେ ପ୍ରଫୁଲ୍ଲ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାସଚନ୍ଦ୍ର ମହାନ୍ତି, କତରାପାଳି ସିଆରସିସି ନିର୍ମଳଚନ୍ଦ୍ର ମହାନ୍ତ, ଇନ୍ଦ୍ରମଣି ସୁବୁଦ୍ଧି, ଦୁର୍ଯ୍ୟୋଧନ ନାୟକ, ଶେଷଦେବ ବିଶ୍ୱାଳ ଯୋଗ ଦେଇଥିଲେ। ଅପରାହ୍ନରେ ପ୍ରଧାନଶିକ୍ଷକ ଛବିକେତନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ପଞ୍ଚସଖା ସେତୁ ଯୋଜନାରେ ପୁରାତନ ଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସୁନ୍ଦର ମୋହନ ମାଝୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଉଭୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଶିକ୍ଷକ ଭୋଳେଶ୍ୱର ସାହୁ ଓ ଶିକ୍ଷୟିତ୍ରୀ କୁମୁଦିନୀ ନାୟକ ପରିଚାଳନା କରିଥିବା ବେଳେ ଅଭିଭାବକମାନେ ସାମିଲ ହୋଇଥିଲେ।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ

**ତୁରୁମୁଙ୍ଗା, ୧୯।୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନାଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ତୁରୁମୁଙ୍ଗା ପୁଲିସ ନାବାଳକକୁ ପଚରାଉଚୁରା କରିବା ସହ ତଦନ୍ତ ଜାରି ରଖିଛି। ନାବାଳିକା ଜଣଙ୍କ ସୋମବାର ରାତି ଘରପାଖ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିବା ସମୟରେସେହି ଗ୍ରାମର ଜଣେ ନାବାଳକ ଦୁଷ୍କର୍ମ ଉଦ୍ୟମ କରିଥିଲା। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହେବା ସହ ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ଘଟଣାର ତଦନ୍ତ କରୁଛନ୍ତି।

## ପୃଥକ ସ୍ଥାନରୁ ଦୁଇ ହରିଣ ଉଦ୍ଧାର



**ତୁରୁମୁଙ୍ଗା/ରାମଚନ୍ଦ୍ରପୁର, ୧୯।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତଣ୍ଡ ବିଟ୍ ଡୁମୁରିଆ ଗାଁକୁ ବୁଧବାର ସକାଳୁ ଖାଦ୍ୟ ଅନ୍ୱେଷଣରେ ଚାଲି ଆସିଥିବା ଏକ ମାଈ ହରିଣକୁ ବନ ବିଭାଗ ଉଦ୍ଧାର କରି ଅଟେଇ ସଂରକ୍ଷିତ ଜଙ୍ଗଲରେ ଛାଡିଛି। ବୁଧବାର ସକାଳୁ ହରିଣଟି ଗାଁ ମୁହାଁ ହୋଇ ଗ୍ରାମର ଦଶରଥ ମହାନ୍ତଙ୍କ ଘର ଭିତରକୁ ଚାଲି ଆସିଥିଲା। ଏନେଇ ବନ ବିଭାଗକୁ ସ୍ଥାନୀୟ ଲୋକେ ଖବର ଦେବା ପରେ ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚି ହରିଣକୁ ଉଦ୍ଧାର କରି ଅଟେଇ ସଂରକ୍ଷିତ ଙ୍ଗଲରେ ଛାଡିଛନ୍ତି।

ସେହିପରି ବୁଧବାର ଅପରାହ୍ନରେ ଝଡ଼ତୋଫାନ ସହ ଅସରାଏ ଭଲ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ପୁରୁଣାବାନ୍ଧଗୋଡା ଗାଁ ସନ୍ନିକଟ ବରାଙ୍ଗ ଜଙ୍ଗଲ ଭିତରୁ ଏକ ହରିଣ ଛୁଆ ପଥ ହୁଡି ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଶି ଆସିଥିଲା। ଗାଁ ଛକରେ ଉପସ୍ଥିତ ଥିବା ଭିକୀ ମାଝୀ, ମଳୟ ଜେନା, ଗୁଡୁ ମାଝୀ, ଦିପ ସା, ରାଜା ମହାନ୍ତି, କୁନା ମାଝୀ, ଟୁଟୁ ନାୟକ ଉଦ୍ଧାର କରି ବରାଙ୍ଗ ଜଙ୍ଗଲ ମଧ୍ୟରେ ଛାଡି ଦେଇଥିଲେ।

## କୃଷକ ମୋର୍ଚ୍ଚା ସଭାପତିଙ୍କ ଧାନ ମଣ୍ଡି ପରିଦର୍ଶନ

**ଆନନ୍ଦପୁର, ୧୯।୨ (ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଦ୍ମପୁର, ବାଉଁଶଗଡ଼, ତରତରା, ଶଢା ଓ ଢେଙ୍କା ପ୍ରଭୃତି ଧାନମଣ୍ଡିକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଯୋଉଁମାନେ ଧାନ କିଣାରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସଭାପତି ଚେତାବନୀ ଦେଇଛନ୍ତି। ପରିଦର୍ଶନ ସମୟରେ ମିଲରମାନେ ଧାନ ପରିବହନ ପାଇଁ ଆବଶ୍ୟକ ଗାଡ଼ି ଦେଉ ନଥିବାରୁ ଧାନ ସଂଗ୍ରହ କାରବାରରେ ବ୍ୟାଘାତ ସୃଷ୍ଟି ହେଇ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଧାନକିଣା ମାସ ନଥିବାରୁ ଶଢା ଓ ଢୋଙ୍କା ଧାନମଣ୍ଡିରେ ଧାନ କିଣା କାରବାର ବନ୍ଦ ଥିବା ରାଜ୍ୟ ସଭାପତି ଶ୍ରୀ ସାହୁ ଦେଖିବାକୁ ପାଇଥିଲେ। କେନ୍ଦୁଝର ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଫୋନ ଯୋଗେ ରାଜ୍ୟ ସଭାପତି ଏ ବାବଦରେ ଜଣାଇଥିଲେ।

## ସାତ ଦିନ ପରେ ଉଦ୍ଧାର ହେଲେ ଖଣି ଅଧିକାରୀ



**ବଡ଼ବିଲ,୧୯ ।୨(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଥିବା ଗ୍ରିୱାଲ୍ ମିନେରାଲ୍ ଏଣ୍ଡ ମେଟାଲ୍ସ ଏଲ୍‌ଏଲପି ଘରୋଇ ଖଣିଜ ସଂସ୍ଥାର ଉପସଭାପତି ନିମାନନ୍ଦ ପ୍ରଧାନଙ୍କୁ ସାତ ଦିନ ପରେ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କ ସହ ଅପହୃତ ହୋଇଥିବା ଗାଡ଼ି ଚାଳକ ମହମ୍ମଦ ଫିରୋଜ ମଧ୍ୟ ଫେରିଛନ୍ତି। ସେମାନେ କେଉଁଠାରୁ କି ପରିସ୍ଥିତିରେ ଘରକୁ ଫେରିଲେ ବା ପୁଲିସ ଉଦ୍ଧାର କଲା ତାର କୌଣସି ସ୍ପଷ୍ଟ ସୂଚନା ମିଳି ପାରି ନାହିଁ। ଏଠାରେ ପ୍ରକାଶ ଥାଉ କି ଗତ ୧୨ ତାରିଖ ବୁଧବାର ସନ୍ଧ୍ୟା ସମୟରେ ନିମାନନ୍ଦ ପ୍ରଧାନ ଓ ଚାଳକ ଫିରୋଜ କାର ଯୋଗେ କାର୍ଯ୍ୟାଳୟରୁ ଘରକୁ ଫେରିବା ବାଟରେ ଅପହୃତ ହୋଇଥିଲେ। ଘଟଣାର ଦିନେ ପରେ ଏହା ଏକ ଯୋଜନାବଦ୍ଧ ଅପହରଣ ବୋଲି ଜଣାପଡିଥିଲା। ଏହାପରେ ପୁଲିସ ବିଭାଗର ଉଚ୍ଚଅଧିକାରୀମାନେ ବଡବିଲରେ ରହି ଅନୁସନ୍ଧାନ ଆରମ୍ଭ କରିଥଲେ। ବଡବିଲ ସହର ଏବଂ ଝାଡ଼ଖଣ୍ଡ ପ୍ରଦେଶର ଅନେକ ସ୍ଥାନର ସିସିଟିଭି କ୍ୟାମେରା ଯାଞ୍ଚ କରାଯାଇ ତଦନ୍ତ କରାଯାଇଥିଲା। ପଡୋଶୀ ରାଜ୍ୟର ପୁଲିସର ମଧ୍ୟ ସହାୟତା ନିଆଯାଇଥିଲା। ଏ ବିଷୟରେ ପୁଲିସ ଅଧିକ ତଦନ୍ତ କରୁଥିବା ଜଣାଯାଇଛି। ପୁଲିସ ପକ୍ଷରୁ ଏ ବାବଦରେ ଅଦ୍ୟାବଧି କୌଣସି ସୂଚନା ଦିଆ ଯାଇ ନାହିଁ।

## ସାମ୍ବାଦିକ ରଣଜିତଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

**ତେଲକୋଇ, ୧୯।୨(ସମିସ):** ତେଲକୋଇ ପ୍ରେସ କ୍ଲବର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସଭାପତି ରଣଜିତ ବିଶ୍ୱାଳଙ୍କ ପରଲୋକରେ ତେଲକୋଇ ପ୍ରେସ କ୍ଲବ ଓ ବ୍ଲକ ବିଜେପି ପକ୍ଷରୁ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରେସ କ୍ଲବ ସମ୍ପାଦକ ବିରଞ୍ଚି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକ ସଭାରେ ପ୍ରେସ କ୍ଲବ୍ ସଭାପତି ଚିନ୍ମୟ ସାହୁ, କୋଷାଧ୍ୟକ୍ଷ ଅମରେଶ ପ୍ରଧାନ, ପୂର୍ବତନ ସମ୍ପାଦକ ଅନୁକୂଳ ବିଶ୍ୱାଳ, ଉପସଭାପତି ଡମ୍ବରୁଧର ଖୁଣ୍ଟିଆ, ସହସଂପାଦକ ତିଳେଶ୍ୱର ସାହୁ, ଉପଦେଷ୍ଟା ଅକ୍ଷୟ ପ୍ରଧାନ, ଜ୍ଞାନରଞ୍ଜନ ସାହୁ, ବିଭୁତି ପ୍ରଧାନ, ବଣିକ ସଂଘ ସଭାପତି ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ଧନେଶ୍ୱର ବେହେରା, ଆଇନଜୀବୀ ଜମ୍ନେଶ୍ୱର ପ୍ରଧାନ, ବିଜେପି ନେତ୍ରୀ ଦମୟନ୍ତୀ ମହାନ୍ତ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ ଡାକ ବଙ୍ଗଳାଠାରେ ବ୍ଲକ ବିଜେପି ପକ୍ଷରୁ ମଧ ଶୋକ ସଭାରେ ବ୍ଲକ



ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସାଂସଦ ପ୍ରତିନିଧି ହରିହର ପ୍ରଧାନ, ମଣ୍ଡଳ ସଭାପତି ବଟ ମୁଖୀ, ବରିଷ୍ଠ ବିଜେପି କର୍ମୀ ପ୍ରଫୁଲ୍ଲ ସାହୁ, ମାନସ କୁମାର ନାୟକ, ଉଦୟ ସାହୁ, ସତ୍ୟନାରାୟଣ ସାହୁଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

### ମେଗା ପ୍ରୋଜେକ୍ଟ ସୁରକ୍ଷା କର୍ମଚାରୀ ମୃତ୍ୟୁ ଘଟଣା

# ମାନବାଧିକାର କମିଶନଙ୍କୁ ଫେରାଦ

ଆନନ୍ଦପୁର, ୧୯।୨(ସମିସ)




ଆନନ୍ଦପୁର ବ୍ୟାରେଜ ନିକଟରେ ରହିଥିବା ମେଗା ପାନୀୟ ଜଳ ପ୍ରକଳ୍ପରେ ସୁରକ୍ଷା କର୍ମୀଭାବେ କାର୍ଯ୍ୟରତ ପୂର୍ବତନ କାଉନସିଲରଙ୍କ ମୃତଦେହ ଉଦ୍ଧାର ହେବା ଘଟଣାରେ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାନବାଧିକାର କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗକୁ ଗ୍ରହଣ କରାଯାଇଛି। ଅଭିଯୋଗରେ ମୃତକ ପୂର୍ବତନ କାଉନସିଲରଙ୍କ ପରିବାରବର୍ଗଙ୍କୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଏହାର ରିପୋର୍ଟ ୩ ସପ୍ତାହ ମଧ୍ୟରେ କମିଶନଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ମୁଖ୍ୟ ଶାସନ ସଚିବ ଓଡିଶାଙ୍କୁ ନିର୍ଦ୍ଦେଶନାମା ଜାରି କରାଯିବା ନିମନ୍ତେ ପ୍ରାର୍ଥନା କରିଛନ୍ତି। ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ୩ ସପ୍ତାହ ମଧ୍ୟରେ କମିଶନଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ଏସପି କେନ୍ଦୁଝରଙ୍କୁ ନିର୍ଦ୍ଦେଶନାମା ଜାରି କରିବା ପାଇଁ ମାନବାଧିକାର କର୍ମୀ ନାୟକ ନିଜ ଅଭିଯୋଗ ରେ କମିଶନଙ୍କ ପାଖରେ ପ୍ରାର୍ଥନା କରିଛନ୍ତି। ଏହି ଘଟଣାରେ ଆନନ୍ଦପୁର ଥାନାରେ ୪/୨୦୨୫ ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତକଙ୍କ ସ୍ତ୍ରୀ ତପୋଇ ସାହୁ ନିଜ ଲିଖିତ ଅଭିଯୋଗରେ ସ୍ୱାମୀ ଶୁକଦେବ ସାହୁଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିଥିବା ଏବଂ ପାରିପାର୍ଶ୍ୱିକ ପରିସ୍ଥିତି ଏହା ଏକ ସୁପରକଳ୍ପିତ ହତ୍ୟା ଘଟଣା ବୋଲି ଚର୍ଚ୍ଚାକୁ ଆସିଥିବା ବେଳେ ପୁଲିସ ଘଟଣାକୁ ହାଲୁକା ଭାବେ ଗ୍ରହଣ କରିବା ମାନବାଧିକାର କର୍ମୀ ନାୟକ କମିଶନଙ୍କ ନିକଟରେ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

ଚାମ୍ପିଅନ୍ସ ଟ୍ରଫି ଦିନିକିଆ କ୍ରିକେଟ

# ଭାରତ-ବାଂଲାଦେଶ ମୁକାବିଲା ଆଜି



**ଦୁବାଇ,୧୯।୨(ଏଜେନ୍ସି):** ଦୁଇଥରର ଚାମ୍ପିଅନ ଭାରତ ଓ ପଡୋଶୀ ବାଂଲାଦେଶ ମଧ୍ୟରେ ଆସନ୍ତାକାଲି ବା ଗୁରୁବାର ଚାମ୍ପିଅନ୍ସ ଟ୍ରଫି ଗ୍ରୁପ୍-ଏ' ଲିଗ୍ ମୁକାବିଲା ଅନୁଷ୍ଠିତ ହେବ। ନିକଟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଶକ୍ତିଶାଳୀ ଇଂଲଣ୍ଡକୁ ୩-୦ରେ ପରାସ୍ତ କରି ସିରିଜ୍ ସୁଇପ୍ ହାସଲ କରିଥିବା ରୋହିତ ଶର୍ମାଙ୍କ ଭାରତ ଏହି ମୁକାବିଲା ନେଇ ବେଶ ଉତ୍ସାହୀ ରହିଛି। ଅନ୍ୟପକ୍ଷରେ ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ବାଂଲାଦେଶ ଖେଳିଥିବା ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୱେଷ୍ଟଇଣ୍ଡିଜ୍ ନିକଟରୁ ସମସ୍ତ ମ୍ୟାଚ୍‌ରେ ପରାଜିତ ହୋଇଛି। ଫିଲ ସିମନ୍ସ ଓ ସଲ୍ଲାଉଦ୍ଦିନଙ୍କ ଯୋଡି ଏବେ ବାଂଲାଦେଶକୁ ଏକ ଲଢୁଆ ଦଳରେ ପରିଣତ କରିଥିଲାବେଳେ ଭାରତକୁ କଡ଼ା ଜବାବ ଦେବ ବୋଲି ଯୋଜନା କରିଛି। ଏଣୁ ଏହି ମୁକାବିଲାଟି ବେଶ ରୋମାଞ୍ଚକ ହେବ ବୋଲି ଭାରତୀୟ କ୍ରିକେଟପ୍ରେମୀ ମାନେ ଆଶା ରଖିଛନ୍ତି। ଏହି ମ୍ୟାଚ୍‌ଟି ଭାରତୀୟ ସମୟ ଅପରାହ୍ଣ ୨ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ ଓ ସ୍ପୋର୍ଟ୍ସ ୧୮ ଟିଭି ଚ୍ୟାନେଲରେ ଏହି ଖେଳର ସିଧାସଳଖ ଧାରାବିବରଣୀ ପ୍ରସାରଣ ହେବ।

## ବାଂଲାକୁ ଆମେ ସମ୍ମାନ ଦେଉ: ରୋହିତ

ଅନ୍ତର୍ଜାତୀୟ କ୍ରିକେଟରେ ବାଂଲାଦେଶ ଗତ କିଛି ବର୍ଷ ହେଲା ଭଲ ପ୍ରଦର୍ଶନ କରିଆସୁଛି। ଏଣୁ ଏହି ଦଳ ଆମ ବିପକ୍ଷରେ ମଧ୍ୟ ଭଲ ଖେଳିଛି। ଆମେ ଏହି ଦଳର ପ୍ରଦର୍ଶନକୁ ସମ୍ମାନ ଦେଉଛୁ। କିନ୍ତୁ ଆସନ୍ତାକାଲି ମ୍ୟାଚ୍‌ରେ ଆମେ ବିଜୟୀ ହେବାକୁ ସାମାନ୍ୟତମ ସୁଯୋଗକୁ ହାତଛଡ଼ା କରିବୁ ନାହିଁ ବୋଲି କହିଛନ୍ତି ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା। ନିକଟରେ ଆମେ ଇଂଲଣ୍ଡ ବିପକ୍ଷରେ ଭଲ ଖେଳିଥିଲୁ। ଦଳରେ ଯାହା କିଛି ତ୍ରୁଟି ରହିଛି ତାହାକୁ ସୁଧାରିବାକୁ ଆମେ ସମସ୍ତ ଚେଷ୍ଟା କରିଛୁ। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଆମେ ଯେପରି ସହଜ ବିଜୟ ହାସଲ କରିବୁ ସେଥିଲାଗି ସମସ୍ତ ପ୍ରକାର ଉଦ୍ୟମ କରିବୁ ବୋଲି ରୋହିତ ଶର୍ମା କହିଛନ୍ତି।



### ବାଂଲାଦେଶ ବିପକ୍ଷରେ ଭାରତର ରେକର୍ଡ

| ଫର୍ମାଟ | ମ୍ୟାଚ | ବିଜୟ | ପରାଜୟ | ବାତିଲ |
|---|---|---|---|---|
| ସମସ୍ତ | ୭୩ | ୬୧ | ୯ | ୧ |
| ଦିନିକିଆ | ୪୧ | ୩୨ | ୮ | ୧ |
| ଚାମ୍ପିଅନ୍ସ ଟ୍ରଫି | ୧ | ୧ | ୦ | ୦ |
| ଦୁବାଇରେ | ୨ | ୨ | ୦ | ୦ |
| ୟୁଏଇରେ | ୩ | ୩ | ୦ | ୦ |
| ନିକଟରେ | ୫ | ୨ | ୩ | ୦ |

## ଖେଳାଳି

**ଭାରତ**

ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ରଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା , ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ, ମହମ୍ମଦ ସାମି ଓ ବରୁଣ ଚକ୍ରବର୍ତ୍ତୀ।

**ବାଂଲାଦେଶ**

ନାଜମୁଲ ହୋସେନ ସାଣ୍ଟୋ (ଅଧିନାୟକ), ସୌମ୍ୟ ସରକାର, ତାନଜିଦ ହାସନ, ତୌହିଦ ହୃଦୟ, ମୁସ୍‌ଫିକର ରହିମ, ଏମ୍‌ଡି ମାହମୁଦ ଉଲ୍ଲା, ଜାକିର ଅଲି ଅନିକ, ମେହଦୀ ହାସନ ମିରାଜ, ରିସାଦ ହୋସେନ, ତାସ୍କିନ ଅହମ୍ମଦ, ମୁସ୍ତାଫିଜୁର ରହମାନ, ପରଭେସ ହୋସେନ ଇମୋନ, ନାସୁମ ଅହମ୍ମଦ, ତଞ୍ଜିମ ହାସନ ସକିବ ଓ ନାହିଦ ରାଣା।

## ୮୦ ଶତକଡ଼ା ମ୍ୟାଚ୍ ଜିତିଛି ଭାରତ

ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମ୍‌ରେ ଗୁରୁବାର ଭାରତ ଓ ବାଂଲାଦେଶ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫିର ଏକ ଲିଗ୍ ମ୍ୟାଚ୍ ଖେଳାଯିବ। ଏହା ପୂର୍ବରୁ ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ୭୩ଟି ଅନ୍ତର୍ଜାତୀୟ (ଟେଷ୍ଟ, ଦିନିକିଆ ଓ ଟି-୨୦) ମ୍ୟାଚ୍ ମଧ୍ୟରୁ ଭାରତ ୬୧ଟିରେ ଜିତିଛି ଓ ୯ଟିରେ ପରାଜିତ ହୋଇଛି। ୨ଟି ଟେଷ୍ଟ ଡ୍ର ରହିଥିଲାବେଳେ ଗୋଟିଏ ଦିନିକିଆ ମ୍ୟାଚ୍‌ର ଫଳାଫଳ ବାହାରିପାରି ନାହିଁ। ବାଂଲାଦେଶ ବିପକ୍ଷରେ ଭାରତ ଶତକଡ଼ା ୮୦ ଭାଗ ମ୍ୟାଚ୍‌ରେ ବିଜୟୀ ହୋଇଛି। ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଉଭୟଙ୍କ ମଧ୍ୟରେ ହୋଇଥିବା ୪୧ଟି ମୁକାବିଲାରୁ ଭାରତ ୩୨ଟିରେ ଜିତିଥିଲାବେଳେ ବାଂଲାଦେଶ ୮ଟି ମ୍ୟାଚରେ ବିଜୟୀ ହୋଇଛି। ଚାମ୍ପିଅନ୍ସ ଟ୍ରଫି ଖେଳାଯାଉଥିବା ଦେଶ ୟୁଏଇରେ ୩ଟି ମୁକାବିଲା ଓ ଦୁବାଇ ଭେନ୍ୟୁରେ ୨ଟି ମୁକାବିଲା ହୋଇଛି। ଏ ସବୁଥିରେ ଭାରତ ବିଜୟୀ ହୋଇଛି। ୱେଷ୍ଟଇଣ୍ଡିଜ୍‌ଠାରୁ ନିକଟରେ ବାଂଲାଦେଶ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ହାରିଯାଇଛି। କିନ୍ତୁ ଭାରତ ବିପକ୍ଷରେ ଖେଳାଯାଇଥିବା ଶେଷ ୫ଟି ମ୍ୟାଚ୍ ମଧ୍ୟରୁ ବାଂଲାଦେଶ ୩ଟି ବିଜୟୀ ହୋଇଛି। କେବଳ ଏହି ରେକର୍ଡ ବାଂଲାଦେଶ ସପକ୍ଷରେ ରହିଛି। ଏହାକୁ ପାଥେୟ କରି ଚାମ୍ପିଅନ୍ସ ଟ୍ରଫିରେ ବାଂଲାଦେଶ ଭାରତକୁ ହରାଇବ ବୋଲି ଆଶା କରାଯାଉଛି।

**ଖେଳ ଆରମ୍ଭ**
**ଅପରାହ୍ଣ ୨ଟା ୩୦**

| ପ୍ରସାରଣ | ମୋବାଇଲ୍ ଆପ୍ |
|---|---|
| ଷ୍ଟାରସ୍ପୋର୍ଟ୍ସ, ସ୍ପୋର୍ଟ୍ସ ୧୮ ଜିଓ ହଟ୍‌ଷ୍ଟାର | ଜିଓଷ୍ଟାର |

## ଗୋଟିଏ ଭେନ୍ୟୁରେ ସମସ୍ତ ମ୍ୟାଚ୍

ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ଓ କୁଟନୈତିକ ସମ୍ପର୍କ ଭଲ ନାହିଁ। ଯାହା ଫଳରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରୁଥିବା ପାକିସ୍ତାନକୁ ଭାରତୀୟ କ୍ରିକେଟ ଦଳ ଖେଳିବାକୁ ଯିବ ନାହିଁ ବୋଲି ଭାରତ ସରକାର ନିଷ୍ପତ୍ତି ନେଇଥିଲେ। ଏହି ଅଚଳବସ୍ଥାକୁ ଦୂରକରିବା ଲାଗି ହାଇବ୍ରିଡ୍ ମଡେଲ ବା ଦେଶ ବାହାରେ ଅନ୍ୟ ଏକ ଭେନ୍ୟୁରେ ଭାରତ ଖେଳିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ ରାଜିହେବା ପରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ଭବ ହୋଇଥିଲା। ଏହା ଫଳରେ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ ଗ୍ରାଉଣ୍ଡରେ ଭାରତ ତାହା ସମସ୍ତ ମ୍ୟାଚ୍ ଖେଳିବ। ଏଣୁ ଖେଳାଳିଙ୍କୁ ପିଚ୍ କିମ୍ବା ପଡ଼ିଆ ସହ ଆଡଜଷ୍ଟ କରିବାକୁ ହେବ ନାହିଁ। ଏଥିରେ ଭାଗ ନେଇଥିବା ଅନ୍ୟ ୭ଟି ଦଳ ୪ଟି ଭେନ୍ୟୁ ଯଥା କରାଚି, ଲାହୋର, ରାୱଲପିଣ୍ଡି ଓ ଦୁବାଇରେ ସେମାନଙ୍କ ମ୍ୟାଚ ଖେଳିବେ। ଭାରତ ତାହାର ୩ଟି ଯାକ ଗ୍ରୁପ୍-ଏ' ଲିଗ୍ ମ୍ୟାଚ୍, ଯଦି ଯୋଗ୍ୟତା ଅର୍ଜନ କରେ ତେବେ ସେମିଫାଇନାଲ ଓ ଫାଇନାଲ ମଧ୍ୟ ଦୁବାଇରେ ଖେଳିବ। ଏଣୁ ଭାରତକୁ ପିଚ୍, ପଡ଼ିଆ ଓ ସମାନ ପରିବେଶରେ ଖେଳିବାର ଫାଇଦା ମିଳିବ।

## ଦ୍ୱନ୍ଦ୍ୱ: ୩ ସ୍ପିନର ନା ପେସର

ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଭାରତ ତଥା ବିଶ୍ୱର ନଂ-୧ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଅନ୍‌ଫିଟ ହୋଇ ବାଦ୍ ପଡ଼ିଛନ୍ତି। ଆହତ ସମସ୍ୟା ଯୋଗୁ ଏକ ବର୍ଷପରେ ଦଳକୁ ଫେରିଥିବା ମହମ୍ମଦ୍ ସାମି ଏବେ ତାଙ୍କ ପୂର୍ବ ପ୍ରଦର୍ଶନକୁ ଫେରି ନାହାନ୍ତି। ସାମି, ବାମହାତୀ ଅର୍ଶଦୀପ, ନବାଗତ ହର୍ଷିତ ରାଣା ଓ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଭାରତର ପେସ୍ ବୋଲିଂ ନିର୍ଭର କରୁଛି। ଅନ୍ୟପକ୍ଷରେ ୧୫ଜଣିଆ ଘୋଷିତ ଦଳରେ ୫ଜଣ ସ୍ପିନର ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ବାଦ୍ ଦେଲେ ଅନ୍ୟ ୩ଜଣ ଅଲରାଉଣ୍ଡର। ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ଦଳ ଲାଗି ବେଶ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଏହା ମଧ୍ୟରେ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଭାରତ ୩ଜଣ ସ୍ପିନରଙ୍କୁ ନେଇ ଖେଳିଥିଲା। କିନ୍ତୁ ବାମହାତୀ ଅକ୍ଷରଙ୍କୁ ଇଂଲଣ୍ଡ ବିପକ୍ଷରେ ନଂ-୫ରେ ବ୍ୟାଟିଂ ସୁଯୋଗ ମିଳିଥିଲା। ଏଥିରେ ସେ କ୍ଲିକ୍ କରିଥିଲେ। ଏଣୁ ତାଙ୍କୁ ଦଳରେ ସାମିଲ କରିବାକୁ କେହି ଆଶଙ୍କା କରୁନାହାନ୍ତି।

ଅନ୍ୟପକ୍ଷରୁ ଦୁବାଇରେ କାକର ସମସ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଭାରତ ଯଦି ଦ୍ୱିତୀୟ ପାଳିରେ ବୋଲିଂ କରେ, ତେବେ ସ୍ପିନରଙ୍କୁ ବଲ ଧରିବାରେ କଷ୍ଟକର ହେବ। ଏହାକୁ ନେଇ ଭାରତ ୩ଜଣ ସ୍ପିନର ବା ୩ଜଣ ପେସରଙ୍କୁ ଖେଳାଇବ ତାହାକୁ ନେଇ ଦ୍ୱନ୍ଦ୍ୱ ମଧ୍ୟରେ ରହିଛି। ସ୍ପିନ୍ ଉପରେ ଭାରତ ଅଧିକ ନିର୍ଭର କରୁଥିଲେ ମଧ୍ୟ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ୩ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ କେବଳ ନ୍ୟୁଜିଲାଣ୍ଡକୁ ଛାଡିଦେଲେ ଅନ୍ୟ ଦୁଇ ଟିମ୍ ପାକିସ୍ତାନ ଓ ବାଂଲାଦେଶ ସ୍ପିନରଙ୍କୁ ଖେଳିବାରେ ଧୂରନ୍ଧର। ଏଣୁ ଦଳ ବୋଲରଙ୍କୁ ନେଇ ଅଡୁଆ ସ୍ଥିତିରେ ରହିଛି। ଅକ୍ଷରଙ୍କୁ ଜଣେ ବ୍ୟାଟରଭାବେ ଖେଳାଇବାକୁ ସାହସ କରିପାରିଲେ, ଭାରତ ଏହି ସମସ୍ୟା ଦୂର ହୋଇପାରିବ।

## ଲୋକେଶ ରାହୁଲ ନା ରଷଭ ପନ୍ତ୍

ଦଳରେ ରଷଭ ପନ୍ତ୍ ଥିଲେ ମଧ୍ୟ ଲୋକେଶ ରାହୁଲ ଇଂଲଣ୍ଡ ବିପକ୍ଷ ୩ଟି ଯାକ ଦିନିକିଆରେ ୱିକେଟ କିପିଙ୍ଗ କରିଥିଲେ। ତାଙ୍କ ବ୍ୟାଟିଂ ଅର୍ଡରରେ ସ୍ଥିରତା ନାହିଁ। ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରିବ। ଯଦି ବୋଲିଂରେ କିଛି ଅଦଳ ବଦଳ କରାଯାଏ, ତେବେ ବାମହାତୀ ପନ୍ତ୍‌ଙ୍କୁ ଚୂଡାନ୍ତ ଦଳରେ ସାମିଲ କରାଯିବାର ସମ୍ଭାବନା ରହିବ। ରୋହିତ ଶର୍ମା, ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର ପ୍ରଥମ ୪ଟି ସ୍ଥାନରେ ଖେଳିବେ। ଏଥିରେ କୌଣସି ପରିବର୍ତ୍ତନ ହେବ ନାହିଁ। ବାଂଲାଦେଶ ବିପକ୍ଷରେ କୋହଲି ୧୬ଟି ମ୍ୟାଚ୍‌ରୁ ୯୧୦ ରନ୍ କରିଛନ୍ତି। ଏହା ମଧ୍ୟରେ ୫ଟି ଶତକ ଓ ୩ଟି ଅର୍ଦ୍ଧଶତକ ରହିଛି। ଏଠାରେ ସେ ଆଉ ଏକ ଶତକ ହାସଲ କରିବେ ବୋଲି ତାଙ୍କ ସମର୍ଥକମାନେ ଆଶା ପୋଷଣ କରିଛନ୍ତି।

ଅନ୍ୟପକ୍ଷରେ ଏହି ମ୍ୟାଚ୍‌ରେ ବାଂଲାଦେଶ ଲଢୁଆ ଖେଳ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ଗତ କିଛିବର୍ଷ ଏମାନେ ଭଲ ଖେଳିଛନ୍ତି ଓ ଭାରତ ବିପକ୍ଷରେ ସର୍ବଦା ଲଢୁଆ ଖେଳିଛନ୍ତି। ନାଜମୁଲ ହୋସେନ ସାଣ୍ଟୋଙ୍କ ନେତୃତ୍ୱରେ ଗଠିତ ବାଂଲା ଦଳରେ ଏକାଧିକ ପ୍ରତିଭାବାନ ଖେଳାଳି ରହିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଏମାନଙ୍କ ଦଳଗତ ପ୍ରଦର୍ଶନ। ଦଳଗତ ଖେଳରେ ମିଳିତ ପ୍ରଦର୍ଶନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ଯାହାକି ବାଂଲାଦେଶ ନିକଟରେ ରହିଛି।

## ବାଂଲାଦେଶ ଯେ କୌଣସି ଦଳକୁ ହରାଇପାରିବ; ସାଣ୍ଟୋ

ବାଂଲାଦେଶ ଏବେ ଏକ ଶକ୍ତିଶାଳୀ ଦଳରେ ପରିଣତ ହୋଇଛି। ଏହାର ବ୍ୟାଟିଂ ଯେପରି ଦୃଢ଼, ବୋଲିଂ ବାହିନୀ ସେହିପରି ଶକ୍ତିଶାଳୀ। ୨୨ ବର୍ଷୀୟ ଫାଷ୍ଟ ବୋଲର ନାହିଦ୍ ରାଣା କ୍ରମାଗତ ଭାବେ ଘଣ୍ଟାପ୍ରତି ୮୭ ମାଇଲ ବା ୧୪୦ କିଲୋମିଟରରୁ ଊର୍ଦ୍ଧ୍ୱ ବେଗରେ ବୋଲିଂ କରୁଛନ୍ତି। ଏଭଳି ସ୍ଥିତିରେ ଆମେ ଯେ କୌଣସି ଦେଶକୁ ହରାଇପାରିବୁ ବୋଲି ବାଂଲାଦେଶର ଅଧିନାୟକ ନାଜମୋଲ ହୋସନ ସାଣ୍ଟୋ ପ୍ରକାଶ କରିଛନ୍ତି। ଆମେ ପୂର୍ବରୁ ପେସ୍ ବୋଲିଂରେ ବହୁତ ଦୁର୍ବଳ ଥିଲୁ। ଏବେ ରାଣା ଓ ଟାସ୍କିନ୍‌ଙ୍କ ଯୋଡି ବେଶ ପ୍ରଭାବ ବିସ୍ତାର କରିଛନ୍ତି। ଏହି ଯୋଡିଙ୍କ ସଫଳତା ଉପରେ ଆମ ଦଳ ନିର୍ଭର କରୁଛି। ଏଣୁ ଏମାନେ ସଫଳତା ପାଇଲେ ଆମର ବିଜୟ ନିଶ୍ଚିତ ବୋଲି ଆତ୍ମବିଶ୍ୱାସୀ ସାଣ୍ଟୋ କହିଛନ୍ତି। ଭାରତ ବିପକ୍ଷରେ ଆମେ ସର୍ବଦା ସଂଘର୍ଷ କରିଆସିଛୁ। ତାହାର ଅର୍ଥ ନୁହେଁ ଯେ ଆମେ ଏବେ ଭାରତକୁ ହରାଇ ପାରିବୁ ନାହିଁ। ଆସନ୍ତାକାଲି ମୁକାବିଲାଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ସେ କହିଛନ୍ତି।

ରଣଜୀ ଟ୍ରଫି ସେମିଫାଇନାଲ

# ଅକ୍ଷୟଙ୍କ ଶତକ ସତ୍ତ୍ୱେ ମୁମ୍ବାଇ ପାଳି ପଛୁଆ



**ନାଗପୁର, ୧୯।୨ (ଏଜେନ୍ସି):** ଘରୋଇ ବିଦର୍ଭ ବିପକ୍ଷରେ ଏଠାରେ ଚାଲିଥିବା ଚଳିତ ରଣଜୀ ଟ୍ରଫିର ୨ୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇ ପ୍ରଥମ ପାଳିରେ ପଛୁଆ ହୋଇଛି। ବିଦର୍ଭର ପ୍ରଥମ ପାଳି ସ୍କୋର ୩୮୩ ରନ ଜବାବରେ ମୁମ୍ବାଇ ବୁଧବାର ୩ୟ ଦିବସରେ ୨୭୦ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ୱିକେଟ୍‌କିପର ଅକ୍ଷୟ ଆନନ୍ଦ ୧୦୬ ରନର ଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ପାଳି ପଛୁଆରୁ ରକ୍ଷା କରିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାର୍ଦ୍ଦୁଳ ଠାକୁର ୩୭, ତନୁଷ କୋଟିଆନ ୩୩, ସାମ୍ସ ମୁଲାନୀ ୪, ମୋହିତ ଅବସ୍ତି ୧୦ ରନ କରିଥିବାବେଳେ ସୂର୍ଯ୍ୟକୁମାର ଯାଦବ ଓ ଶିବମ ଦୁବେ ଖାତା ଖୋଲିବାରେ ବିଫଳ ହୋଇଥିଲେ। ବିଦର୍ଭ ପାଇଁ ପାର୍ଥ ରେଖାଡେ ୪ ଏବଂ ଯଶ ଠାକୁର ଓ ହର୍ଷ ଦୁବେ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

୧୧୩ ରନରେ ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ବିଦର୍ଭ ଦ୍ୱିତୀୟ ପାଳି ଆରମ୍ଭ କରି ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୫୩ ଓଭରରେ ୪ ୱିକେଟ୍ ହରାଇ ୧୪୭ ରନ ସଂଗ୍ରହ କରିଛି। ଯଶ ରାଠୋଡ ୫୯ ଓ ଅକ୍ଷୟ ୱାଦକର ୩୧ ରନ କରି ଅପରାଜିତ ରହିଛନ୍ତି। କରୁଣ ନାୟାର ୬, ଧ୍ରୁବ ସୋରେ ୧୩, ଦାନିଶ ମାଲେୱର ୩୧ ରନ କରିଥିବାବେଳେ ଓପନର ଅଥର୍ବ ତାଇଡେ ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ମୁମ୍ବାଇ ପାଇଁ ସାମ୍ସ ମୁଲାନୀ ୨ ଏବଂ ଶାର୍ଦ୍ଦୁଳ ଓ ତନୁଷ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଛନ୍ତି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାବେଳେ ୬ ୱିକେଟ୍ ବଳକା ଥାଇ ବିଦର୍ଭ ୨୬୦ ରନରେ ଅଗ୍ରଣୀ ହାସଲ କରିଛି।

## ପଞ୍ଚାଲଙ୍କ ଶତକରେ ଗୁଜରାଟର ଦୃଢ଼ ଜବାବ



**ଅହମ୍ମଦାବାଦ୍:** ଅପରପକ୍ଷରେ କେରଳ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ସେମିଫାଇନାଲରେ ଗୁଜରାଟ ଦୃଢ଼ ଜବାବ ଦେଉଛି। ଗୁଜରାଟ ୧୮୭ ଓଭର ଖେଳି ପ୍ରଥମ ପାଳିରେ ୪୫୭ ରନ କରି ୩ୟ ଦିବସରେ ଅଲ୍‌ଆଉଟ୍ ହୋଇଯାଇଛି। ପୂର୍ବ ଦିନର ସ୍କୋର ୪୧୮/୭ରୁ ବ୍ୟାଟିଂ ଆରମ୍ଭ କରିଥିବା କେରଳ ବୁଧବାର ଆଉ ୩୯ ରନ ଯୋଡ଼ି ବଳକା ୩ ୱିକେଟ୍ ହରାଇଥିଲା। ୭ ବର୍ଷ ପରେ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଶତକ ହାସଲ କରିଥିବା ମହମ୍ମଦ ଆଝାରୁଦ୍ଦିନ ୧୭୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ଗୁଜରାଟ ପାଇଁ ଅରଜାନ ନାଗସୱାଲ ୩, ଅଧିନାୟକ ଚିନ୍ତନ ଗାଜା ୨ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରି ଘରୋଇ ଗୁଜରାଟ ବୁଧବାର ଖେଳ ଶେଷ ସୁଦ୍ଧା ୭୧ ଓଭରରେ ଗୋଟିଏ ୱିକେଟ୍ ହରାଇ ୨୨୨ ରନ ସଂଗ୍ରହ କରି ଦୃଢ଼ ଜବାବ ଦେଇଛି। ୨୦୦ ବଲ୍ ସାମ୍ନା କରିଥିବା ପଞ୍ଚାଲ ୧୩ ଚୌକା ଓ ଗୋଟିଏ ଛକା ବଳରେ ୧୧୭ ରନ କରି ଅପରାଜିତ ରହିଛନ୍ତି। ଅନ୍ୟତମ ଓପନର ଆର୍ଯ୍ୟା ଦେଶାଇ ୭୩ ରନ କରି ଆଉଟ୍ ହୋଇଥିବାବେଳେ ମନନ ହିଙ୍ଗାରାଜିଆ ୩୦ ରନରେ ଖେଳୁଛନ୍ତି। ଗୁଜରାଟ ଆହୁରି ୨୩୫ ରନ ପଛରେ ରହିଛି।

● ବେକରେ ପଡ଼ିଗଲା ୨୭୦ କେଜି ଭାର

# ଭାରୋତ୍ତୋଳିକାଙ୍କ ଅକାଳ ବିୟୋଗ



**ଜୟପୁର, ୧୯।୨ (ଏଜେନ୍ସି):** ଏକ ଦୁଃଖଦ ଘଟଣାକ୍ରମେ ଜଣେ ଯୁବ ମହିଳା ଭାରରୋତ୍ତୋଳକଙ୍କ ଅକାଳ ବିୟୋଗ ଘଟିଛି। ଏହି ଭାରୋତ୍ତୋଳକ ଜଣକ ହେଲେ ରାଜସ୍ଥାନର ୧୭ ବର୍ଷୀୟା ଯଷ୍ଟିକା ଆଚାର୍ଯ୍ୟ। ଜୁନିଅର ନ୍ୟାସନାଲ ଗେମ୍ସରେ ଯଷ୍ଟିକା ସ୍ୱର୍ଣ୍ଣପଦକ ସଫଳତା ପାଇଛନ୍ତି। ତେବେ ଜିମ୍‌ରେ ଅଭ୍ୟାସ ସମୟରେ ସେ ୨୭୦ କିଗ୍ରାର ଭାର ଉଠାଉଥିବାବେଳେ ଅସାବଧାନତାବଶତଃ ଏହାର ରଡ୍‌ଟି ତାଙ୍କ ବେକ ଉପରେ ପଡ଼ିଯାଇଥିଲା। ଫଳରେ ତାଙ୍କ ବେକ ଭାଙ୍ଗିଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ଯଷ୍ଟିକା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତୁରନ୍ତ ଯଷ୍ଟିକାଙ୍କୁ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯଷ୍ଟିକାଙ୍କୁ ଭାର ଉଠାଇବାରେ ସହାୟତା କରୁଥିବା ଜଣେ ଟ୍ରେନରଙ୍କ ମୁହଁରେ ମଧ୍ୟ ଗୁରୁତର ଆଘାତ ଲାଗିଛି। ଯଷ୍ଟିକା ୨୭୦ କିଗ୍ରା ଓଜନର ଭାର ଉଠାଉବାବେଳେର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାରେ ଯଷ୍ଟିକାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ। ବ୍ୟବଚ୍ଛେଦ ପରେ ମରଶରୀରକୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ସ୍ଥାନୀୟ ଥାନାର ଷ୍ଟେସନ ହାଉସ୍ ଅଫିସର ବିକ୍ରମ ତିୱାରୀ କହିଛନ୍ତି।

# ପୂର୍ବତନ ମୁମ୍ବାଇ ଅଧିନାୟକ ମିଲିନ୍ଦଙ୍କ ପରଲୋକ



**ମୁମ୍ବଇ, ୧୯।୨ (ଏଜେନ୍ସି):** ମୁମ୍ବାଇ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମିଲିନ୍ଦ ରେଗେଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ଦୁଇ ଦିନ ତଳେ ଅର୍ଥାତ ଫେବୃଆରୀ ୧୬ରେ ସେ ତାଙ୍କ ୭୬ତମ ଜନ୍ମଦିନ ପାଳନ କରିଥିଲେ। ମିଲିନ୍ଦଙ୍କ ବିୟୋଗରେ ଭାରତୀୟ କ୍ରିକେଟ୍ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ସୁନିଲ ଗାଭାସ୍କରଙ୍କଠାରୁ ଆରମ୍ଭ କରି ସଚିନ ତେନ୍ଦୁଲକର, ରବି ଶାସ୍ତ୍ରୀ, ରୋହିତ୍ ଶର୍ମା ପ୍ରମୁଖ ଶୋକ ଜଣାଇଛନ୍ତି। ସେହିଭଳି ମୁମ୍ବାଇ ଓ ବିଦର୍ଭ ମଧ୍ୟରେ ଚାଲିଥିବା ଚଳିତ ରଣଜୀ ଟ୍ରଫି ସେମିଫାଇନାଲ ମ୍ୟାଚରେ ସମସ୍ତ ଖେଳାଳି ହାତରେ କଳାପଟି ବାନ୍ଧି ଖେଳିଥିଲେ।

ମିଲିନ୍ଦ ଜଣେ ଡାହାଣହାତୀ ଅଫ୍-ସ୍ପିନ ଅଲ୍‌ରାଉଣ୍ଡର ଥିଲେ। ୧୯୬୬ରୁ ୧୯୭୭-୭୮ ସିଜନ ପର୍ଯ୍ୟନ୍ତ ମୁମ୍ବାଇ ପାଇଁ ୫୨ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୧୨୬ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହାବାଦ୍ ବ୍ୟାଟିଂରେ ୨୩ରୁ ଊର୍ଦ୍ଧ୍ୱ ହାରରେ ୧୫୩୨ ରନ ସଂଗ୍ରହ କରିଥିଲେ। ଅବସର ପରେ ମିଲିନ୍ଦ ମୁମ୍ବାଇ ଦଳର ଚୟନକର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ସମୟରେ ଯୁବ ସଚିନ ତେନ୍ଦୁଲକର ୧୯୮୮ରେ ମୁମ୍ବାଇ ରଣଜୀ ଦଳରେ ପ୍ରଥମଥର ଖେଳିବାର ସୁଯୋଗ ପାଇଥିଲେ।

# ଜର୍ମାନୀକୁ ହରାଇ ପ୍ରତିଶୋଧ ନେଲା ଭାରତ




**ଭୁବନେଶ୍ୱର,୧୯।୨(ସମିସ)**

ଜର୍ମାନୀକୁ ୧-୦ ଗୋଲରେ ହରାଇ ଭାରତ ଏଠାରେ ଚାଲିଥିବା ପୁରୁଷ ଏଫ୍‌ଆଇଏଚ୍ ପୁରୁଷ ପ୍ରୋ-ଲିଗ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଛି। ଭାରତ ପକ୍ଷରୁ ବିଜୟସୂଚକ ଗୋଲ ଗୁରଜାନ୍ତ ସିଂହ ସ୍କୋର କରିଛନ୍ତି। ଏହି ବିଜୟ ଫଳରେ ଭାରତ ପ୍ରୋ-ଲିଗ୍ ପଏଣ୍ଟ ତାଲିକାରେ ୭ମ ସ୍ଥାନକୁ ଉଠିଛି। ଦ୍ୱିପାଦ ବିଶିଷ୍ଟ ମୁକାବିଲାର ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ୪-୧ ଗୋଲରେ ଭାରତକୁ ହରାଇଥିଲା। କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିଜୟୀ ହେବା ସହ ପ୍ରଥମ ପରାଜୟର ପ୍ରତିଶୋଧ ନେବାରେ ସମର୍ଥ ହୋଇଛି। ଭାରତ ପର୍ଯ୍ୟାୟ ପୁରୁଷ ପ୍ରୋ-ଲିଗ୍‌ରେ ୨ଟି ଦେଶ ସହ ୪ଟି ମ୍ୟାଚ୍ ଶେଷ ହୋଇଛି। ପ୍ରଥମ ମୁକାବିଲାରେ ଇଂଲଣ୍ଡ ସହ ଭାରତ ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ବରଣ କରିଥିଲା। ଏହା ଫଳରେ ଭାରତ ୪ଟି ମ୍ୟାଚ୍‌ରୁ ୨ଟି ବିଜୟ ଓ ୨ଟି ପରାଜୟ ବରଣ କରିଛି। ଭାରତ ତାହାର ପରବର୍ତ୍ତୀ ମ୍ୟାଚ୍ ଆୟର୍ଲାଣ୍ଡ ସହ ଫେବୃଆରୀ ୨୧ ଓ ୨୨ରେ ଖେଳିବ। ଶେଷ ରାଉଣ୍ଡରେ ଇଂଲଣ୍ଡ ସହ ମୁକାବିଲା ହେବ। ଏହି ମ୍ୟାଚ୍ ଦୁଇଟି ୨୪ ଓ ୨୫ରେ ଖେଳାଯିବ।

ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଥିବା ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ଜର୍ମାନୀକୁ ହରାଇବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲା। ଏହି ମ୍ୟାଚ୍‌ରେ ଅଧିନାୟକ ହରମନପ୍ରୀତ୍ ସିଂହଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ମ୍ୟାଚ୍ ଆରମ୍ଭରୁ ଦ୍ରୁତଗତିରେ ଖେଳୁଥିବା ଭାରତ ଲାଗି ଚତୁର୍ଥ ମିନିଟ୍‌ରେ ଭଲ ଫଳ ମିଳିଥିଲା। ଜର୍ମାନୀ ଡି ମଧ୍ୟରେ ରାଜିନ୍ଦର ସିଂହ ବଲ୍‌କୁ ମନୀନ୍ଦର ସିଂହଙ୍କ ନିକଟକୁ ପାସ ଦେଇଥିଲେ। ମନୀନ୍ଦର ଏକୁଟିଆ ଥିବାରୁ ସେ ସହଜରେ ଗୋଲ ଦେବା ଅବସ୍ଥାରେ ଥିଲେ। କିନ୍ତୁ ତାଙ୍କ ଷ୍ଟ୍ରାଇକ୍‌କୁ ଜର୍ମାନୀ ଗୋଲରକ୍ଷକ ଆଲେକଜାଣ୍ଡର ଷ୍ଟାଡଲର ଅଟକାଇଦେଇଥିଲେ। କିନ୍ତୁ ସେ ବଲ୍‌କୁ ନିୟନ୍ତ୍ରଣ କରି ପାରି ନ ଥିଲେ। ବଲ୍‌ଟି ତାଙ୍କ ନିକଟରୁ ହାତଛଡ଼ା ହୋଇ ଗୁରଜାନ୍ତ ସିଂହଙ୍କ ନିକଟକୁ ଯାଇଥିଲା। ଗୁରଜାନ୍ତ ବଲ୍‌କୁ ସୁଇପ୍ କରି ଜର୍ମାନୀ ଗୋଲପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଏହା ଫଳରେ ଭାରତକୁ ୧-୦ ଗୋଲରେ ଅଗ୍ରଣୀ ମିଳିଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ହେବାର ୪୬ ସେକେଣ୍ଡ ପୂର୍ବରୁ ଜର୍ମାନୀକୁ ପ୍ରଥମ ପେନାଲ୍ଟି କର୍ଣ୍ଣର ମିଳିଥିଲା। ପେନାଲ୍ଟି କର୍ଣ୍ଣର ବିଶେଷଜ୍ଞ ଗୋଞ୍ଜାଲୋ ପେଇଲାଟଙ୍କ ଷ୍ଟ୍ରୋକ୍ ପୋଷ୍ଟ ବାହାରକୁ ଚାଲିଯାଇଥିଲା।

ଦ୍ୱିତୀୟାର୍ଦ୍ଧ ଖେଳରେ ଭାରତର ଆକ୍ରମଣ ଅଧିକ ହୋଇଥିଲା। ଦୁଇ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା, ନୀଲମ ସଞ୍ଜୀପ ଖେସ୍ ଓ ଯୁବ ଖେଳାଳି ରାଜକୁମାର ପାଲଙ୍କ ମିଳିତ ଆକ୍ରମଣରେ ଭାରତକୁ ୩ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ଜର୍ମାନୀ ରକ୍ଷଣଭାଗ ଏହା ମଧ୍ୟରୁ ଗୋଟିଏ ହେଲେ ଗୋଲରେ ପରିଣତ କରିବାକୁ ଦେଇ ନ ଥିଲେ। ଅନ୍ୟ ଦୁଇ କ୍ୱାର୍ଟରରେ ଜର୍ମାନୀ ଗୋଲ ଦେବାକୁ ସମସ୍ତ ପ୍ରକାର ଚେଷ୍ଟା କରିଥିଲା। କିନ୍ତୁ ହରମନପ୍ରୀତ ସିଂହ ଓ ଗୋଲ ରକ୍ଷକ କ୍ରିଷନ ବାହାଦୁର ପାଠକଙ୍କ ଦୃଢ଼ ପ୍ରଦର୍ଶନ ବଳରେ ଜର୍ମାନୀ ଗୋଲ ଶୁଝାଇବାରେ ସମର୍ଥ ହୋଇ ନ ଥିଲା। ଗୁରଜାନ୍ତ ସିଂହଙ୍କ ଗୋଲ ବଳରେ ଭାରତ ବିଜୟୀ ହୋଇଥିଲା।

### ଇଂଲଣ୍ଡକୁ ହରାଇଲା ସ୍ପେନ୍

ପୂର୍ବରୁ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଜକୁ ୪-୧ ଗୋଲରେ ପରାସ୍ତ କରି ସ୍ପେନ୍ ବୃହତ୍ ବିଜୟ ହାସଲ କରିଛି। ଏହା ପୂର୍ବରୁ ସ୍ପେନ୍ ପ୍ରଥମ ଦୁଇଟି ମ୍ୟାଚ୍ ମଧ୍ୟରୁ ଭାରତ ବିପକ୍ଷରେ ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ବରଣ କରିଥିଲା। ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ପେନାଲ୍ଟି ସୁଟ୍‌ଆଉଟରେ ହାରିଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲା। ଦଳ ପକ୍ଷରୁ ମେନିନି, ଲାକାଲେ, ପେ କନିଲ ଓ ଆଲଭାରେଜ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଇଂଲଣ୍ଡର ରାମଶା ଗୋଟିଏ ଗୋଲ ଶୁଝାଇବାରେ ସମର୍ଥ ହୋଇଥିଲା।




ଭାରତ-ଜର୍ମାନୀ ମ୍ୟାଚରେ ଅତିଥି ଭାବେ ଯୋଗଦେଇଥିବା ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ

## ମହିଳା ଦଳର ୩ୟ ପରାଜୟ

**ଭୁବନେଶ୍ୱର, ୧୯ ।୨ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ମହିଳା ପ୍ରୋ ଲିଗ୍‌ରେ ଭାରତୀୟ ହକି ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ବୁଧବାର ଭାରତ ଏଠାରେ ଖେଳିଥିବା ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୧-୦ ଗୋଲରେ ସ୍ପେନ ମହିଳା ଦଳ ନିକଟରୁ ପରାସ୍ତ ହୋଇଛି। ଏହି ମ୍ୟାଚର ପ୍ରଥମ ୩ଟି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। କିନ୍ତୁ ୪ର୍ଥ କ୍ୱାର୍ଟର ତଥା ୪୯ତମ ମିନିଟ୍‌ରେ ମାର୍ତା ସେଗୁ ସ୍ପେନ ପାଇଁ ବିଜୟସୂଚକ ଗୋଲଟି ଦେଇଥିଲେ। ଭ୍ରମଣକାରୀ ସ୍ପେନ ନିକଟରୁ ଭାରତର ଏହା କ୍ରମାଗତ ୨ୟ ଦିନରେ ୨ୟ ପରାଜୟ। ମଙ୍ଗଳବାର ଭାରତ ମଧ୍ୟ ୩-୪ ଗୋଲରେ ହାରିଥିଲା। ସେହିଭଳି ଗତ ୫ ଦିନ ମଧ୍ୟରେ ଭାରତୀୟ ମହିଳା ଦଳ କଳିଙ୍ଗରେ ୪ ମ୍ୟାଚ୍ ଖେଳି ୩ୟ ପରାଜୟବରଣ କରିଛି। ଚଳିତ ପ୍ରୋ ଲିଗର ପ୍ରଥମ ମ୍ୟାଚରେ ଭାରତ ୩-୨ ଗୋଲରେ ଇଂଲଣ୍ଡ ବିପକ୍ଷରେ ଏକମାତ୍ର ବିଜୟ ହାସଲ କରିଥିଲା। ଚଳିତ ପ୍ରୋ ଲିଗ୍‌ରେ ଭାରତ ୪ ମ୍ୟାଚ୍ ଖେଳି ୪ ପଏଣ୍ଟ ସହ ୯ ଦଳୀୟ ତାଲିକାର ୮ମ ସ୍ଥାନରେ ରହିଛି।

● ଆଇସିସି ଏକଦିବସୀୟ ର୍ୟାଙ୍କିଙ୍ଗ୍

## ବାବରଙ୍କୁ ହଟାଇ ଶୀର୍ଷରେ ଗିଲ୍




**ଦୁବାଇ, ୧୯ ।୨ (ଏଜେନ୍ସି):** ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ପୂର୍ବରୁ ଭାରତୀୟ କ୍ରିକେଟ୍ ପାଇଁ ଖୁସି ଖବର। ଯୁବ ଓପନର୍ ଶୁବମାନ ଗିଲ୍ ଆଇସିସି ଏକଦିବସୀୟ ର୍ୟାଙ୍କିଙ୍ଗ୍‌ରେ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ସଦ୍ୟପ୍ରକାଶିତ ତାଲିକାରେ ଗିଲ୍ ଗୋଟିଏ ପାହାଚ ଉପରକୁ ଉଠି ପାକିସ୍ତାନର ବାବର ଆଜାମଙ୍କୁ ହଟାଇ ଏକ ନମ୍ବର ସ୍ଥାନରେ ରହିଛନ୍ତି। ଗିଲ୍‌ଙ୍କ ରେଟିଂ ପଏଣ୍ଟ ୭୯୬ ରହିଥିବାବେଳେ ୨ୟ ସ୍ଥାନରେ ଥିବା ବାବର ୭୭୩ ପଏଣ୍ଟ ପାଇଛନ୍ତି। ନିକଟରେ ଇଂଲଣ୍ଡ ବିପକ୍ଷ ଏକଦିବସୀୟ ସିରିଜରେ ଗିଲ୍ ଚମତ୍କାର ପ୍ରଦର୍ଶନ କରି ୩ ମ୍ୟାଚରୁ ୮୬.୩୩ ହାରରେ ୨୫୯ ରନ ସଂଗ୍ରହ କରିଥିଲେ। ଯେଉଁଥି ପାଇଁ ତାଙ୍କ ମାନ୍ୟତାରେ ବୃଦ୍ଧି ଘଟିଛି। ବ୍ୟାଟିଂ ତାଲିକାର ଟପ୍-୧୦ରେ ଅନ୍ୟ ଭାରତୀୟଙ୍କ ମଧ୍ୟରେ ଅଧିନାୟକ ରୋହିତ୍ ଶର୍ମା ୩ୟ, ବିରାଟ କୋହଲି ୬ଷ୍ଠ ଓ ଶ୍ରେୟସ ଆୟର ଗୋଟିଏ ସ୍ଥାନ ଉପରକୁ ଉଠି ୯ମରେ ରହିଛନ୍ତି। ଅପରପକ୍ଷରେ ବୋଲିଂ ତାଲିକାରେ ରଶିଦ ଖାନ (୬୬୯)ଙ୍କୁ ହଟାଇ ଶ୍ରୀଲଙ୍କାର ମହୀଷ ଥିକସାନା (୬୮୦ ପଏଣ୍ଟ) ଶୀର୍ଷ ସ୍ଥାନ ଲାଭ କରିଛନ୍ତି। ନାମ୍ବିଆର ବେନାର୍ଡ ଚୋଲର୍ଜ ୩ୟ ସ୍ଥାନରେ ରହିଛନ୍ତି। ଭାରତର ରିଷ୍ଟ ସ୍ପିନର କୁଲଦୀପ୍ ଯାଦବ ଗୋଟିଏ ପାହାଚ ଉପରକୁ ଉଠି ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଦ୍ୱିତୀୟ ଭାରତୀୟ ଭାବେ ୧୦ ନମ୍ବର ସ୍ଥାନରେ ମହମ୍ମଦ ସିରାଜ ରହିଛନ୍ତି। ଅଲ୍‌ରାଉଣ୍ଡ ତାଲିକାର ଶୀର୍ଷରେ ମହମ୍ମଦ ନବୀ ଓ ୧୦ମ ସ୍ଥାନରେ ରବୀନ୍ଦ୍ର ଜାଡେଜା ସ୍ଥିର ରହିଛନ୍ତି। ତେବେ ଦିନିକିଆ ଟିମ୍ ତାଲିକାରେ ୧୧୯ ପଏଣ୍ଟ ସହ ଭାରତ ଶୀର୍ଷରେ ରହିଛି।

## ୩ କୋଟି ମୂଲ୍ୟର ଅଡି କାର୍ କିଣିଲେ ନୀରଜ

**ନୂଆଦିଲ୍ଲୀ, ୧୯ ।୨ (ଏଜେନ୍ସି):** ଭାରତୀୟ କ୍ରୀଡ଼ାର ଗୋଲ୍ଡେନ ବୟ ଭାବେ ପରିଚିତ ନୀରଜ ଚୋପ୍ରା ତାଙ୍କ କାର୍ ତାଲିକାରେ ଆଉ ଏକ ବିଳାସପୂର୍ଣ୍ଣ ଗାଡ଼ି ସାମିଲ କରିଛନ୍ତି। ନିକଟରେ ନୀରଜ ଅଡି ଆର୍‌ଏସ୍ କ୍ୟୁ୮ ମଡେଲର ଏସ୍‌ୟୁଭି କାର୍ କିଣିଛନ୍ତି। ଯାହାର ଏକ୍ସ-ସୋରୁମ ମୂଲ୍ୟ ପାଖାପାଖି ୩ କୋଟି ଟଙ୍କା ରହିଛି। ଏହି ସ୍ୱତନ୍ତ୍ର ସଂସ୍କରଣ କାରର ବିଶେଷତ୍ୱ ହେଉଛି ଏହା ଘଣ୍ଟା ପ୍ରତି ୩୦୫ କିମି ବେଗରେ ଗତି କରିପାରେ। ସେହିଭଳି ମାତ୍ର ୩.୬ ସେକେଣ୍ଡରେ ଏହି ଗାଡ଼ି ୧୦୦ କିମି ବେଗ ହାସଲ କରିବାର କ୍ଷମତା ରଖୁଛି। ଅଲିମ୍ପିକ ଚାମ୍ପିଅନ ନୀରଜଙ୍କ ଗ୍ୟାରେଜରେ ପୂର୍ବରୁ ଟୟୋଟାର ଏକାଧିକ ମଡେଲ ଓ ଫୋର୍ଡ ମୌସ୍ତାଙ୍ଗ ଭଳି ନାମୀଦାମୀ ଏସ୍‌ୟୁଭି କାର୍ ରହିଛି। ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ୨୭ ବର୍ଷୀୟ ନୀରଜ କହିଛନ୍ତି, 'ମୁଁ କାର୍‌କୁ ଭଲପାଏ। କଠିନ ପରିଶ୍ରମ ଯୋଗୁ ମୁଁ ସେଗୁଡ଼ିକୁ କିଣିପାରିଛି। ମୋର ସ୍ୱପ୍ନ ପୂରଣ ହୋଇଛି'।

ମହିଳା ପ୍ରିମିୟର ଲିଗ୍-୩

## ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟ୍‌ରେ ବିଜୟୀ




**ଭଦୋଦରା, ୧୯ ।୨ (ଏଜେନ୍ସି):** ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୩ୟ ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସ ୨ୟ ବିଜୟ ହାସଲ କରିଛି। ବୁଧବାର ଏଠାରେ ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚରେ କ୍ୟାପିଟାଲ୍ସ ଗୋଟିଏ ବଲ୍ ବାକି ଥାଇ ୭ ୱିକେଟ୍‌ରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ଏଥିସହ ୩ୟ ମ୍ୟାଚରୁ ୨ୟ ବିଜୟ ସହ ୪ ପଏଣ୍ଟ ପାଇ ଦିଲ୍ଲୀ ଟେବଲ୍‌ର ୨ୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ୟୁପି ୨ୟ ମ୍ୟାଚରୁ ୨ୟ ପରାଜୟ ସହ ଖାତା ଖୋଲିବାରେ ବିଫଳ ହୋଇଛି। ୟୁପି ପକ୍ଷରୁ ଧାର୍ଯ୍ୟ ୧୬୭ ରନର ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ ପାଇଁ ଦୁଇ ଓପନର ଶେଫାଳି ବର୍ମା ଓ ଅଧିନାୟିକା ମେଗ୍ ଲାନିଂ ପ୍ରଥମ ୱିକେଟ୍‌ରେ ୪୧ ବଲରୁ ୬୫ ରନ ସଂଗ୍ରହ କରି ଦଳକୁ ଭଲ ପ୍ରାରମ୍ଭ ଦେଇଥିଲେ। ଶେଫାଳି ୧୬ ବଲରେ ୨୬ ରନ କରି ଆଉଟ୍ ହୋଇଥିଲେ। ତେବେ ଲାନିଂଙ୍କ ସମେତ ଆନ୍ନାବେଲ୍ ସଦରଲାଣ୍ଡ ଦ୍ରୁତ ବ୍ୟାଟିଂ କରି ଦଳକୁ ୧୯.୫ ଓଭରରେ ୩ ୱିକେଟ୍ ହରାଇ ବିଜୟୀ କରାଇଥିଲେ। ଲାନିଂ ୪୯ ବଲରେ ୬୯ ରନ କରି ଆଉଟ୍ ହୋଇଥିଲେ। ତେବେ ସଦରଲାଣ୍ଡ ୩୫ ବଲରେ ୪୧ ଓ ମାରିଜାନ କାପ୍ପ ୧୭ ବଲରେ ଅପରାଜିତ ୨୯ ରନ କରିଥିଲେ।

ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁପି ୱାରିୟର୍ଜର ଦୁଇ ଓପନର୍ କିରଣ ନାଭଗିରେ ଓ ଭିନ୍ଦ୍ରା ଦିନେଶ ପ୍ରଥମ ୱିକେଟ୍‌ରେ ୩୫ ବଲରେ ୬୬ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲା। ତେବେ ଏହି ଯୋଡ଼ି ଭାଙ୍ଗିବା ସହ ୟୁପି ୮୨ ରନରେ ୪ ୱିକେଟ୍ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ନିମ୍ନ ମଧ୍ୟକ୍ରମରେ ଶ୍ୱେତା ଶେରାୱତ ଓ ଚିନେଲି ହେନରୀ କିନ୍ତୁ ଲଢୁଆ ବ୍ୟାଟିଂ କରିବାରୁ ୱାରିୟର୍ଜ ୨୦ ଓଭରରେ ୭ ୱିକେଟ୍ ହରାଇ ୧୬୬ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଦଳ ପକ୍ଷରୁ କିରଣ ସର୍ବାଧିକ ୫୧, ଭିନ୍ଦ୍ରା ୧୬, ଶ୍ୱେତା ୩୭ ରନ କରି ଆଉଟ୍ ହୋଇଥିଲେ। ହେନରୀ ୩ଟି ଲେଖାଏ ଛକା ଓ ଚୌକା ସହ ୧୫ ବଲରୁ ୩୩ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରେସ ହାରିସ ୧୨ ଓ ସୋଫି ଏକଲେଷ୍ଟୋନ ୨ ରନ କରିଥିଲେ। ବୋଲିଂରେ ଦିଲ୍ଲୀ ପାଇଁ ସଦରଲାଣ୍ଡ ସର୍ବାଧିକ ୨ଟି ଏବଂ ମାରିଜାନେ କାପ୍ପ, ଜେସ୍ ଜନସେନ, ଅରୁନ୍ଧତୀ ରେଡ୍ଡୀ ଓ ମିନୁ ମାନି ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ। ପୂର୍ବରୁ ୟୁପି ପ୍ରଥମ ମ୍ୟାଚରେ ଗୁଜରାଟ ଜ୍ୟାଣ୍ଟ୍‌ସ ନିକଟରୁ ୬ ୱିକେଟ୍‌ରେ ପରାସ୍ତ ହୋଇଥିଲା।

**ଆଜିର ମ୍ୟାଚ୍**
ମୁମ୍ବାଇ ଇଣ୍ଡିଆନ୍ସ-ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ପିଙ୍କ୍ ଲେଡିଜ୍ କପ୍

## ଆଜି ଜୋର୍ଡାନ ବିପକ୍ଷରୁ ଭାରତର ଅଭିଯାନ

**ଶାରଜା, ୧୯ ।୨ (ଏଜେନ୍ସି):** କିଛିଦିନର ବ୍ୟବଧାନ ପରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ପୁଣିଥରେ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ଫେରିଛି। ଗୁରୁବାର ସ୍ଥାନୀୟ ହମରିୟା ସ୍ପୋର୍ଟ୍ସ କ୍ଲବ ଷ୍ଟାଡିୟମରେ ଜୋର୍ଡାନ ବିପକ୍ଷରେ ଖେଳି ଭାରତୀୟ ଦଳ ପିଙ୍କ୍ ଲେଡିଜ୍ କପ୍‌ରେ ଅଭିଯାନେ ଆରମ୍ଭ କରିବ। ଭାରତୀୟ ମହିଳା ଫୁଟବଲ ଦଳ ଶାରଜା ଆସିବା ପୂର୍ବରୁ ୧୦ ଦିନ ଧରି ଆନ୍ଧ୍ର ପ୍ରଦେଶର ଅମନ୍ତପୁରମରେ ପ୍ରସ୍ତୁତି କ୍ୟାମ୍ପ୍ କରିଥିଲା। ଫିଫା ର୍ୟାଙ୍କିଙ୍ଗରେ ଭାରତ ୬୯ତମ ସ୍ଥାନରେ ରହିଥିବାବେଳେ ଜୋର୍ଡାନ ଆଉ ୫ଟି ସ୍ଥାନ ତଳେ ରହିଛି। ଏସିଆ ମାନ୍ୟତାରେ କିନ୍ତୁ ଭାରତ ୧୩ ଓ ଜୋର୍ଡାନ ୧୪ତମ ସ୍ଥାନରେ ରହିଛନ୍ତି। 'ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଆମ ଦଳ ଗଠିତ। ମ୍ୟାଚ୍ ନିଶ୍ଚିତ ଭାବେ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ। ଆମେ ଜୋର୍ଡାନକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛୁ' ବୋଲି ୪୪ ବର୍ଷୀୟ ଭାରତୀୟ ମହିଳା ଫୁଟ୍‌ବଲ ଦଳର କୋଚ୍ କ୍ରିସପିନ୍ ଛେତ୍ରୀ କହିଛନ୍ତି। ଟୁର୍ଣ୍ଣାମେଣ୍ଟର ଏହି ୨ୟ ସଂସ୍କରଣରେ ଭାରତ ସମେତ ଜୋର୍ଡାନ, ରୁଷିଆ, ଦକ୍ଷିଣ କୋରିଆ, ଥାଇଲାଣ୍ଡ ଓ ଉଜବେକିସ୍ତାନ ଅଂଶଗ୍ରହଣ କରିଛନ୍ତି।

■ ଜାତୀୟ ପାରା ଆଥଲେଟିକ୍ସ

## ଜୟନ୍ତୀଙ୍କୁ ଡବଲ ସ୍ୱର୍ଣ୍ଣ ଓଡ଼ିଶାକୁ ୫ ପଦକ




**କଟକ,୧୯।୨(ସମିସ):** ଚେନ୍ନାଇରେ ଖେଳାଯାଉଥିବା ୨୩ତମ ଜାତୀୟ ପାରା ଆଥଲେଟିକ ଚାମ୍ପିଅନସିପ୍‌ରେ ଜୟନ୍ତୀ ବେହେରା ଓଡ଼ିଶା ନିମନ୍ତେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମହିଳା ୧୦୦ ଓ ୪୦୦ ମିଟର ଟି-୪୭ ଦୌଡ ଫାଇନାଲ ଇଭେଣ୍ଟରେ ଜୟନ୍ତୀ ପ୍ରଥମ ସ୍ଥାନ ଅଧିକାର କରି ଏହି ସଫଳତା ହାସଲ କରିଛନ୍ତି। ସେ ୧୦୦ ମିଟରକୁ ୧୩.୪୩ ସେକେଣ୍ଡରେ ଓ ୪୦୦ ମିଟରକୁ ୧ ମିନିଟ୍ ୦୧.୧୯ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ଏହି ପ୍ରତିଯୋଗିତାରେ ଓଡ଼ିଶାକୁ ଆଉ ଦୁଇଟି ରୌପ୍ୟ ପଦକ ମିଳିଛି। ପୁରୁଷ ଲଙ୍ଗଜମ୍ପରେ ପଙ୍କଜ ଭୁଏ ରୌପ୍ୟ ଜିତିଛନ୍ତି। ଫାଇନାଲ ରାଉଣ୍ଡରେ ସେ ୫.୯୩ ମିଟର ଲମ୍ଫ ପ୍ରଦାନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଇଭେଣ୍ଟରେ ଛତିଶଗଡର କଲାରାମ ପଟେଲ ସ୍ୱର୍ଣ୍ଣ ଏବଂ ଗୁଜରାଟର ପ୍ରଦୀପ ଚୌହାନ କାଂସ୍ୟ ପଦକ ଜିତିଥିଲେ। ଓଡ଼ିଶା ନିମନ୍ତେ ଦ୍ୱିତୀୟ ରୌପ୍ୟ ପଦକ ପ୍ରଦାନ କରିଛନ୍ତି କମଳାକାନ୍ତ ନାୟକ। ଜାଭେଲିନ ଥ୍ରୋ ଫାଇନାଲ ଇଭେଣ୍ଟରେ କମଳାକାନ୍ତ ୧୬.୨୨ ମିଟର ଫିଙ୍ଗି ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ। ୧୭.୧୫ ମିଟର ଫିଙ୍ଗିଥିବା ହରିୟାଣାର ସୁମିତ ସ୍ୱର୍ଣ୍ଣ ଜିତିଥିବା ବେଳେ ଉତ୍ତରପ୍ରଦେଶର ଆଦିତ୍ୟ କୁମାର ୧୬.୧୦ମିଟର ଫିଙ୍ଗି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ପ୍ରଥମ ଦିନରେ ଜାନକୀ ଓରାମ ଓଡ଼ିଶା ଲାଗି ପ୍ରଥମ ପଦକ ବିଜୟୀ ହୋଇଥିଲେ।

ଚାମ୍ପିଅନ୍ସ ଟ୍ରଫି କ୍ରିକେଟରେ ୟଙ୍ଗ, ଲାଥମଙ୍କ ଶତକ

## ଉଦ୍‌ଘାଟନୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠୁ ହାରିଲା ପାକିସ୍ତାନ




**କରାଚି,୧୯।୨(ସମିସ):** ଉଦ୍‌ଘାଟନୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ନିକଟରୁ ପାକିସ୍ତାନର ୬୦ ରନ୍‌ରେ ପରାଜୟ ସହ ମିନି ବିଶ୍ୱକପ୍ ଭାବେ ପରିଚିତ ପୁରୁଷ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା (ଗ୍ରୁପ୍-ଏ')ର ଉଦ୍‌ଘାଟନୀ ମ୍ୟାଚ୍ କରାଚିର ନ୍ୟାସନାଲ ଷ୍ଟାଡିୟମ୍‌ରେ ଖେଳାଯାଇଥିଲା। ଏଥିରେ ୱିଲ ୟଙ୍ଗ୍ ୧୦୭ ଓ ଟମ୍ ଲାଥାମ ଅପରାଜିତ ୧୧୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫ ୱିକେଟରେ ୩୨୦ ରନ୍ କରିଥିଲା। ଜବାବରେ ଯୁବ ଖେଳାଳି ଖୁସ୍‌ଦିଲ ଶାହାଙ୍କ ୬୯ ଓ ବରିଷ୍ଠ ଖେଳାଳି ବାବର ଆଜମଙ୍କ ୬୪ ରନ୍ ସତ୍ତ୍ୱେ ଦଳ ୪୭.୨ ଓଭରରେ ୨୬୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହା ଫଳରେ ଗ୍ରୁପ୍-ଏ'ରେ ନ୍ୟୁଜିଲାଣ୍ଡ ପୂରା ପଏଣ୍ଟ ପାଇଥିଲାବେଳେ ପାକିସ୍ତାନକୁ କୌଣସି ପଏଣ୍ଟ ମିଳିନାହିଁ। ଆସନ୍ତାକାଲି ଏହି ଗ୍ରୁପ୍‌ର ଦ୍ୱିତୀୟ ଲିଗ୍ ମ୍ୟାଚ୍ ଭାରତ ଓ ବାଂଲାଦେଶ ମଧ୍ୟରେ ଦୁବାଇରେ ଖେଳାଯିବ। ଏହା ପରେ ଫେବୃଆରୀ ୨୩ରେ ପାକିସ୍ତାନ ସହ ଭାରତ ଖେଳିବ।

ୟଙ୍ଗ (୧୦୭) ଓ ଲାଥାମ (୧୧୮*)ଙ୍କ ଶତକ ବଳରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଆୟୋଜକ ପାକିସ୍ତାନ ଆଗରେ ୩୨୧ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ଆରମ୍ଭରୁ ୱିକେଟ ହରାଇବା ଓ ମନ୍ଥରଗତିରେ ରନ୍ ସଂଗ୍ରହ କରିବା ଫଳରେ ନ୍ୟୁଜିଲାଣ୍ଡ ପ୍ରାଧାନ୍ୟ ବିସ୍ତାର କରି ଖେଳିବାରେ ସମର୍ଥ ହୋଇଥିଲା। ପାକିସ୍ତାନ ୧୦ ଓଭରରେ ୨ ୱିକେଟ ହରାଇ ୨୨ ରନ୍ କରିଥିଲା। ଏହା ପରେ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ପାକିସ୍ତାନର ଜଣଙ୍କ ପରେ ଜଣେ ଖେଳାଳି ଆଉଟ ହୋଇଯାଇଥିଲେ। ଯୁବ ଖେଳାଳି ଖୁସଦିଲ ଶାହା ୪୯ ବଲ୍‌ରୁ ୧୦ ଚୌକା ଓ ୧ ଛକା ସହ ୬୯ ଏବଂ ବାବର ଆଜମ ୯୦ ବଲ୍ ଖେଳି ୬ ଚୌକା ୧ ଛକା ସହ ୬୪ ରନ୍ କରିଥିଲେ। ଫର୍ମରେ ଥିବା ସଲମାନ ଆଘା ୪୨, ଫକର ଜମାନ ୨୪, ଅଧିନାୟକ ମହମ୍ମଦ୍ ରିଜ୍‌ୱାନ ୧୪ବଲ୍ ଖେଳି ମାତ୍ର ୩ ରନ୍ କରିବା ଫଳରେ ପାକିସ୍ତାନ ରନ୍ ଚେଜ୍ କରିବାରେ ବିଫଳ ହୋଇଥିଲା। ନ୍ୟୁଜିଲାଣ୍ଡର ଅଧିନାୟକ ମିଚେଲ ସାଣ୍ଟନର ଓ ଯୁବ ଫାଷ୍ଟ ବୋଲର ୱିଲିୟମ୍ ଓ'ରୁର୍କି ୩ଟି ଲେଖାଏଁ ୱିକେଟ ନେଇଥିଲେ। ମ୍ୟାଟ ହେନରୀଙ୍କୁ ୨ଟି ୱିକେଟ ମିଳିଥିଲା।

ପୂର୍ବରୁ ନ୍ୟୁଜିଲାଣ୍ଡ ବ୍ୟାଟିଂ ଆରମ୍ଭ କରି ୭୩ ରନ୍‌ରେ ୩ଟି ୱିକେଟ ହରାଇଥିଲା। ଏହି ସମୟରେ ଯୁବ ଖେଳାଳି ୱିଲ ୟଙ୍ଗ ଓ ଟେଷ୍ଟ ଅଧିନାୟକ ଟମ୍ ଲାଥମ ୪ର୍ଥ ୱିକେଟ ଯୋଡିରୁ ୧୧୮ ରନ୍ ଉଠାଇ ନ୍ୟୁଜିଲାଣ୍ଡ ଲାଗି ଏକ ବିରାଟ ସ୍କୋରର ମୂଳଦୁଆ ପକାଇଥିଲେ। ୟଙ୍ଗ୍ ୧୧୩ ବଲ୍ ଖେଳି ୧୨ ଚୌକା ଓ ୧ ଛକା ସହାୟତାରେ ୧୦୭ ଓ ଲାଥମ ୧୦୪ ବଲ୍‌ରୁ ୧୦ ଚୌକା ଓ ୩ଛକା ସହ ଅପରାଜିତ ୧୧୮ ରନ୍ କରିଥିଲେ। କିନ୍ତୁ ଗ୍ଲେନ୍ ଫିଲିପ୍ସ ୩୯ ବଲ୍‌ରୁ ୩ ଚୌକା ଓ ୪ଛକା ସହାୟତାରେ ଧୂଆଁଧାର ୬୧ ରନ୍ କରିବା ଫଳରେ ଦଳ ୫ ୱିକେଟରେ ୩୨୦ ରନ୍ କରିବାକୁ ସମର୍ଥ ହୋଇଥିଲା। ଡେଭନ କନୱେ ୧୦, କେନ୍ ୱିଲିୟମସନ ୧ ଓ ଡାରିଲ ମିଚେଲ ୧୦ ରନ୍ କରି ଫେଲ୍ ମାରିଥିଲେ। ପାକିସ୍ତାନ ପକ୍ଷରୁ ନସୀମ ଶାହ ଓ ହାରିସ ରୌଫ୍ ୨ଟି ଲେଖାଏଁ, ଆବ୍ରାର ଅହମ୍ମଦ୍ ଗୋଟିଏ ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS